# ଆପଣା ବାକ୍ୟକୁ ପ୍ରମାଣିତ କରିବା

ଆସନ୍ତୁ ଆମେମାନେ କିଛି ସମୟ ପାଇଁ ମସ୍ତକଗୁଡିକୁ ନତ କରିବା । ପ୍ରିୟ ସ୍ୱର୍ଗସ୍ଥ ପିତା, ଆମେମାନେ କୃତଜ୍ଞ ଅଟୁ ଯେ ଆମେମାନେ ଆଜି ରାତିରେ ଏଠାରେ ଅଛୁ । ଆମେ, ଆମେ କୃତଜ୍ଞ ଅଟୁ ଯେ ଆମେ ଜାଣିଛୁ ଯେ ତୁମର ଉପସ୍ଥିତି ଆମ ସହିତରେ ଏଠାରେ ଅଛି । ବର୍ତ୍ତମାନ ଆମେମାନେ ପ୍ରାର୍ଥନା କରୁଛୁ ଯେ ତୁମେ ଆମ ମଧ୍ୟରୁ ପ୍ରତ୍ୟେକଙ୍କୁ ସେବା କରିବ, ଯେପରିକି ଆମର ଆବଶ୍ୟକତା ରହିଥାଏ । ଆମେ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛୁ । ଆମେନ୍ । (ଆପଣମାନେ ବସି ଯାଆନ୍ତୁ ।)

ଏହି ମାଇକ୍ରୋଫୋନ୍‌ଗୁଡିକୁ ସକ୍ରିୟ ରହିଥିବାର ଦେଖି ଭଲ ଲାଗୁଛି । ମୁଁ ଗତକାଲି ସେହି ବାର୍ତ୍ତାକୁ ଏକ ପ୍ରକାରେ ଗୋଳମାଳ କରି ଦେଇଥିବା ହେତୁ ଅତି ଦୁଃଖିତ ଥିଲି, ଯାହାକି ମୁଁ ଅତି ଆଗ୍ରହର ସହ ଚାହୁଁଥିଲି ଯେ ଆପଣମାନେ ଏହାକୁ ବୁଝି ଯାଆନ୍ତୁ ।

2 ଏବଂ ମୁଁ ଚାହୁଁଥିଲି ଯେ ଆପଣ ଏହା ଦେଖିବା ହେତୁ ସୁନିଶ୍ଚିତ ହୁଅନ୍ତୁ । ଏହା ତ ସେହି— ସେହି ଲଙ୍ଗର ଅଟେ ଯାହାକି ଆମର ରହିଛି । ଆମେମାନେ ଏକ ମଣ୍ଡଳୀ ଦ୍ୱାରା ଲଙ୍ଗର କରାଯାଇ ନାହୁଁ । ଆମେମାନେ ତ ଖ୍ରୀଷ୍ଟଙ୍କଠାରେ ଲଙ୍ଗର କରାହୋଇଛୁ, ଆପଣ ଦେଖନ୍ତୁ । ସେହିଁ କେବଳ ସେହି ମାର୍ଗ ଅଟନ୍ତି । ସେହିଁ କେବଳ ଏକମାତ୍ର ନିରାପତ୍ତା ସ୍ଥାନ, ସେହି ଏକମାତ୍ର ସ୍ଥାନ ଯେଉଁଠାରେକି ପରମେଶ୍ୱର କଦାଚ ଆପଣା ନାମକୁ ରଖିଅଛନ୍ତି । ଏବଂ ପରମେଶ୍ୱର କହିଛନ୍ତି ଯେ ସେ ଲୋକମାନଙ୍କୁ ସେହି ସ୍ଥାନରେ ସାକ୍ଷାତ କରିବେ ଯେଉଁଠାରେ ସେ ଆପଣା ନାମକୁ ରଖିବା ପାଇଁ ବାଛି ଅଛନ୍ତି; କୌଣସି ବି ଅନ୍ୟ ଫାଟକରେ ନୁହେଁ, ମାତ୍ର ସେ ବାଛିଥିବା ଫାଟକରେ । ଏବଂ ସେହି ସ୍ଥାନରେ ସେ ଲୋକମାନଙ୍କୁ ଭେଟିବେ, ଏବଂ କେବଳ ସେହି ସ୍ଥାନରେ ହିଁ । ଏବଂ ଆମେମାନେ ଏହା ପାଉ ଯେ ପରମେଶ୍ୱର ଆପଣା ନାମକୁ ତାହାଙ୍କର ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କ, ବ୍ୟତୀତ ଅନ୍ୟ କୌଣସିଠାରେ କେବେବି ରଖି ନାହାଁନ୍ତି, ଯେହେତୁ ପୁତ୍ର ହିଁ ସର୍ବଦା ପିତାଙ୍କର ନାମକୁ ଗ୍ରହଣ କରିଥାଏ ।

ଏବଂ ବର୍ତ୍ତମାନ ଆପଣ କୁହନ୍ତି, "ତେବେ, ତାହା ଆଜିର ପାଇଁ କିପରି ପ୍ରଯୁଜ୍ୟ ଅଟେ? ପ୍ରତ୍ୟେକେ କୁହନ୍ତି, 'ମୁଁ ଯୀଶୁଙ୍କଠାରେ ଅଛି ।'"

3 ସେ ହେଉଛନ୍ତି ବାକ୍ୟ । ଯଥା, "ଆଦ୍ୟରେ ବାକ୍ୟ ଥିଲା, ଏବଂ ବାକ୍ୟ ପରମେଶ୍ୱରଙ୍କ ସହିତ ଥିଲା, ଏବଂ ବାକ୍ୟ ପରମେଶ୍ୱର ଥିଲେ । ସେହି ବାକ୍ୟ ଦେହବନ୍ତ ହେଲା ଏବଂ ଆମ ମଧ୍ୟରେ ବାସ କଲା ।" ପୁନଶ୍ଚ, ଏହା ପ୍ରକାଶିତ ବାକ୍ୟ ୧୯ଶ ପର୍ବରେ ମଧ୍ୟ ଲେଖା ହୋଇଛି, ଯେତେବେଳେ ଆମେ ତାହାଙ୍କୁ ଆସୁଥିବାର ଦେଖୁ, କନ୍ୟା ଏବଂ ବର ଭାବରେ, ତାହାଙ୍କର

ବସ୍ତ୍ର ରକ୍ତରେ ଜୁଡୁବୁଡୁ ହୋଇଥିଲା, “ତାହାଙ୍କର ନାମ ‘ପରମେଶ୍ୱରଙ୍କ ବାକ୍ୟ’ ବୋଲି କୁହାଗଲା ।” ସେ ପରମେଶ୍ୱରଙ୍କ ବାକ୍ୟ ଅଟନ୍ତି ।

4 ଏବଂ, ତାହାହିଁ ହେଉଛି, ସେ ସେହି ସଂଜୀବିତ ଶକ୍ତି ଅଟନ୍ତି । ସେ ହେଉଛନ୍ତି ସେହି ପବିତ୍ରଆତ୍ମା ଯାହାକି, ସେହି—ସେହି ଗତିକୀ ଯାହାକି ସେହି ଯାନ୍ତ୍ରିକୀ, ସେହି ବାକ୍ୟଗୁଡିକ ମଧ୍ୟକୁ ଆସେ, ଯାହାକି ଏହାକୁ ଜୀବନ୍ତ କରେ । ଏବଂ ଏହାକୁ ସମସ୍ତଙ୍କୁ ଏକାଠି କାମ କରିବାକୁ ପଡିବ, ନୋହିଲେ ଏହା କାମ ହିଁ କରିବ ନାହିଁ । ଏହାକୁ ତ ସମଗ୍ର ବାଇବଲକୁ, ସମଗ୍ର ଖ୍ରୀଷ୍ଟଙ୍କୁ, ପୂର୍ଣ୍ଣ ସୁସମାଚାରକୁ ନେବାକୁ ପଡିବ ।

5 ମୁଁ ଏହି ଗୋଷ୍ଠୀକୁ, ଏହା କହିବାକୁ ଚାହେଁ ଯାହା ମୁଁ ଗତ ରାତ୍ରି ଟେଲିଭିଜନ୍‌ରେ ଦେଖିଲି, ଏହା ଜାଣି ଯେ ତାହା ତ ଚାଲୁ ହେବାକୁ ଯାଉଥିଲା, ଏବଂ ମୁଁ ଏହାକୁ ଦେଖିଲି । ମୁଁ ଏହି ଭାଇମାନଙ୍କ ଉପରେ ଏହା ଟିପ୍ପଣୀ କରିବାକୁ ଚାହେଁ, ଯେଉଁମାନେକି ସେଠାରେ ସେହି ଗୋଷ୍ଠୀରେ ଥିଲେ, ପ୍ରଶ୍ନଗୁଡିକର ଉତ୍ତର ଦେବାରେ ଏପରି ଏକ ଚମତ୍କାର ଶୈଳୀ ରହିଥିଲା! ଏବଂ ମୁଁ ଜଣେ ବହୁତ ଅଧିକ ସମାଲୋଚକ ଅଟେ, ଆପଣମାନେ ଜାଣନ୍ତି, ଯେକୌଣସି ପ୍ରକାରେ ବି, ମାତ୍ର ସେଠାରେ ସମାଲୋଚନା କରିବା ପାଇଁ କିଛି ନ ଥିଲା । ଏହା ସଂପୂର୍ଣ୍ଣ ଅସଲି ଥିଲା, ଏବଂ ମୁଁ ଏହା ସହିତ ଶତ ପ୍ରତିଶତ, ସହମତ ହୋଇପାରିବି । [ମଣ୍ଡଳୀ ପ୍ରଶଂସା କରନ୍ତି—ସମ୍ପା ।] ଧନ୍ୟବାଦ । ଆମେନ୍ । ସେହି ଉତ୍ତରଗୁଡିକ ସମ୍ପୂର୍ଣ୍ଣ ଠିକ୍ ଥିଲା । ମୁଁ ନିଶ୍ଚିତ ଭାବାରେ ତାହା ପ୍ରଶଂସା କଲି । ମୁଁ କେବଳ ଏହା ଇଚ୍ଛା କରେ ଯେ କାଳେ ମୋ ପାଖରେ ଘରେ ମଣ୍ଡଳୀକୁ ଦେଖାଇବା ପାଇଁ ଏକ ଚଳଚିତ୍ର ରହିଥାଆନ୍ତା । ଏହା ପ୍ରକୃତରେ ବହୁତ ସୁନ୍ଦର ଥିଲା ।

6 ଏବଂ ଏହା ଜାଣିବା ହେତୁ ମୁଁ ଅତ୍ୟଧିକ କୃତଜ୍ଞ ଅଟେ ଯେ—ଯେ ପରମେଶ୍ୱର ଆମର ନିଜସ୍ୱ ପେଣ୍ଟିକଷ୍ଟାଲ୍ ଗୋଷ୍ଠୀ ବ୍ୟତୀତ, ଅନ୍ୟ କ୍ଷେତ୍ରରେ ବ୍ୟବହାର କରିଅଛନ୍ତି, ଏବଂ ଲୋକମାନଙ୍କୁ ଉଠାଉ ଅଛନ୍ତି, ପରମେଶ୍ୱରଙ୍କ ସେହି ବୀଜଗୁଡିକୁ, ଯାହାକି ଏତେ ବର୍ଷ ହେଲା ସେଠାରେ ପଡି ରହିଥିଲେ, ପୁଣି ସେମାନଙ୍କ ଉପରେ ଆଲୋକ ଉଜ୍ଜ୍ୱଳ ହେବା ନିମନ୍ତେ ଅପେକ୍ଷା କରି ରହିଛନ୍ତି ।

7 ଏବଂ ବନ୍ଧୁଗଣ, ଏହା ଆମକୁ ତାହା ଜାଣିବା ହେତୁ ମଧ୍ୟ ଏକ ଚେତାବନୀ ଦେଇଥାଏ, ଯାହାକି ଯୀଶୁ କହିଥିଲେ, “ଯେତେବେଳେ ଏହି ଶୁପ୍ତ କୁମାରୀ ତେଲ କିଣିବା ପାଇଁ ଆସିବାକୁ ଆରମ୍ଭ କରିବେ, ସେତେବେଳେ ହିଁ ଅଟେ ଯେତେବେଳେକି ବର ଆସିଯିବେ ।” ତେଣୁ ଆମେ ତାହା ଦେଇ ଦେଖିପାରୁ, ଯେତେବେଳେ ଆମେ ଏପିସ୍କୋପାଲିଆନ୍, ପ୍ରେସ୍‌ବିଟେରିଆନ୍, ମେଥୋଡିଷ୍ଟ, ବାପ୍‌ଟିଷ୍ଟ, ଲୁଥରାନ୍‌କୁ ଦେଖୁଅଛୁ, ଯେ ସେମାନେ ତେଲ ନେବାକୁ ଆସୁଅଛନ୍ତି, ତେବେ ତାହାହିଁ ସେହି ଘଟିକା ଅଟେ ଯେତେବେଳେକି ବର ଆସିଥିଲେ । ଆସନ୍ତୁ ଏହାକୁ ମନେରଖିବା ।

8 ମୋର ପୁଅ, ବିଲି ମୋତେ କେବେବି ସେହିପରି କିଛି କହି ନାହିଁ, ଯେପରିକି ସେ ମୋତେ

କିଛି କ୍ଷଣ ପୂର୍ବରୁ କହିଥିଲା । ସେ କହିଲା, "ବାପା, ମୁଁ ଆପଣଙ୍କୁ କୁହେ ନାହିଁ ଯେ କଅଣ କରିବାକୁ ଅଛି । ମୋର ଆପଣଙ୍କୁ ଏପରି କିଛି ବିଷୟ କହି ତାହା ଦ୍ୱାରା ପ୍ରଭାବିତ କରିବାର ଅଭିପ୍ରାୟ ନାହିଁ, ମାତ୍ର," କହିଲା, "ବାପା, ଆପଣ ଯାହା ବି କରନ୍ତି, ନିଜର ସମସ୍ତ ସମୟକୁ ସେହି ଅସୁସ୍ଥ ଲୋକମାନଙ୍କ ପାଇଁ ନିୟୋଜିତ ରଖନ୍ତି ।" ସେ କହିଲା, "ମୁଁ କେବେବି ଏତେ ଅଧିକ ସଂଖ୍ୟାରେ ଅସୁସ୍ଥ ଲୋକମାନଙ୍କୁ ଦେଖି ନାହିଁ!" କହିଲା, "ମୁଁ ମାତ୍ର ଅଳ୍ପ କ୍ଷଣରେ କିମ୍ୱା ଟିକେ ଅଧିକରେ ଦୁଇ ଶହଟି କାର୍ଡ ଦେଇ ଦେଲି ।" କହିଲା, "ସେଠାରେ ଏତେ ଅଧିକ ସଂଖ୍ୟାରେ ଅସୁସ୍ଥ ଲୋକମାନେ ଅଛନ୍ତି!" ସେ କ୍ୱଚିତ୍ ହିଁ ମୋତେ ତାହା ସେହିପରି କହିଥାଏ ।

9 ଏବଂ ତାହାପରେ ମୁଁ ଆଜି ରାତି ଏଠାରେ ଅଳ୍ପ କିଛି ନୋଟ ଲେଖିଥିବା ସହ, ଏବଂ ଆଗାମୀ ବିଚାର ଉପରେ କିଛି ଟିପ୍ପଣୀ ଲେଖା ହୋଇଥିବା ସହ ଆସେ, ଏବଂ ଏହା ଜାଣି ଯେ ଆମେମାନେ ଆଜି ରାତି ଏଠାରେ ପରମେଶ୍ୱରଙ୍କ କ୍ରୋଧ ଆମ ତଳେ କମ୍ପମାନ ହେଉଥିବାର ସହିତ ବସିଅଛୁ, ଏବଂ ଶୀଘ୍ର ହିଁ ସେ ଏହାକୁ ପୋଛି ପକାଇବେ । ଏବଂ ଏହା ଜାଣି ଯେ ପରମେଶ୍ୱରଙ୍କ କ୍ରୋଧ ଅପେକ୍ଷା କରୁଅଛି; ଠିକ ଯେଉଁ ମୁହୂର୍ତ୍ତରେ ଏହା କୁହାଯିବ, ତାହା ଲକ୍ଷ ଲକ୍ଷ ଲୋକମାନଙ୍କ ପାଇଁ, ସମାପ୍ତ ହୋଇଯିବ । ଏବଂ ଏହାକୁ ମୋ ହୃଦୟରେ ଜାଣି, ଏବଂ ଏହା ଜାଣି ଯେ ତାହା ସେହିପରି ହିଁ ଅଟେ! ଏବଂ ତାହାପରେ ଆମେମାନେ ଏତେ ଅଧିକ ଅସୁସ୍ଥ ଲୋକମାନଙ୍କୁ, ମାଡି ଆସୁଥିବାର ଏବଂ ଟାଣି ହେଉଥିବାର ଦେଖୁଅଛୁ ।

10 ଏବଂ ମୁଁ ଭାବିଲି, "ଆଜି ରାତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ଖ୍ରୀଷ୍ଟିଆନ ଅଟନ୍ତି ।" ହେ ପରମେଶ୍ୱରଙ୍କ ସନ୍ତାନଗଣ, ମୋତେ ଆପଣମାନଙ୍କୁ ଏହା କହିବାକୁ ଦିଅନ୍ତୁ । ଆପଣମାନେ ଯାହା ବି କରନ୍ତି, ଆପଣ ଅନ୍ୟ ସବୁକିଛି ବିଷୟକୁ ଛାଡିଦିଅନ୍ତୁ । ଆପଣ ଦିନରାତି, ନିଜର ସମସ୍ତ ହୃଦୟ ସହିତରେ, ପରମେଶ୍ୱରଙ୍କର ସେବା କରନ୍ତୁ । ଆପଣ, ଆପଣ ଅନୁଭବ କରିପାରନ୍ତି ଯେ ସେଠାରେ କିଛି ଗୋଟାଏ ବିଷୟ ଭୁଲ୍ ଅଛି । ଆପଣ ରାସ୍ତାରେ ଚାଲି ଯାଉଥିବାବେଳେ ମଦଫଷ ଏହାକୁ କହିପାରନ୍ତି, ଆପଣ କେବଳ…ଏବଂ ଆପଣ ଯେଉଁଠାକୁ ବି ଯାଆନ୍ତି । ଆପଣ ଜାଣନ୍ତି, ଯଦି ଆପଣ ଆତ୍ମିକ ଅଟନ୍ତି; ଏବଂ ମୁଁ ଜାଣେ ଯେ ଆପଣ ଅଟନ୍ତି ।

11 ଏବଂ ମୁଁ ଏଠାରେ ଜଣେ ବ୍ୟକ୍ତି, ଭାଇ ଷ୍ଟ୍ରୋମେଇଙ୍କ ସହ କଥାବାର୍ତ୍ତା ହେଉଥିଲି । ମୁଁ ଜାଣେ ନାହିଁ ଯେ ଟୋନି ଏଠାରେ, ଅଛନ୍ତି କି ନାହିଁ । ସେ, ସେ ଥିଲେ…[ଜଣେ ଭାଇ କୁହନ୍ତି, "ଟୋନି ସଲାମେହ?"—ସମ୍ପା ।] ଟୋନି ସଲାମେହ, ସଲାମେହ, ସଲାମେହ? ନା । ମୁଁ ଭୁଲ୍ ଟୋନିକୁ ପାଇଛି । [ଜଣେ ଭାଇ କିଛି କୁହନ୍ତି ।] ନା, ତାହା ଭୁଲ୍ ଟୋନି ଅଟେ । ଏହା ହେଉଛନ୍ତି ଟ୍ୟୁସାନ୍‌ର—ର—ର ଟୋନି । ତାଙ୍କ ନାମ କଅଣ? [ଅନ୍ୟ କେହି ଜଣେ କୁହନ୍ତି, "ଷ୍ଟ୍ରୋମେଇ ।"] ଷ୍ଟ୍ରୋମେଇ! ମୁଁ ଜାଣେ ଯେ ଏହା ସଲାମେହ, ଷ୍ଟ୍ରୋମେଇ, କିମ୍ୱା କିଛି ଗୋଟାଏ ଅଟେ । ମୁଁ ସବୁ ପାଇଥାଏ…

12 ଅନ୍ୟ ଦିନେ, ତାଙ୍କ ଦୋକାନରେ, ଜଣେ ବ୍ୟକ୍ତି ଆସିଥିଲେ, ବହୁତ ଚମତ୍କାର ଥିଲେ, ସେ ଏପରି କିଛି ବିଷୟ କହୁଥିଲେ ଯାହାକି ମୋ ନିକଟକୁ ଏକ ସ୍ମୃତି ଫେରାଇ ଆଣିଥିଲା,

ଯେତେବେଳେ ମୁଁ...ଗତ ଥର ଯେତେବେଳେ ମୁଁ ଭାରତରେ—ରେ ଥିଲି।

13 ଯେଉଁଠାରେ, ମୁଁ ଭାବୁଛି ପ୍ରଭୁ ଆମକୁ ସବୁଠୁ ବଡ଼ ଜନସମାଗମ ଦେଇଥିଲେ ଯାହାକି ଆମର ଏକ ସମୟରେ ରହିଥିଲା, ତାହା ବମ୍ବେରେ ଥିଲା। ଆମେ ସେମାନଙ୍କୁ ରଖିବା ପାଇଁ କୌଣସିଠାରେ ସ୍ଥାନ ଖୋଜି ପାଇପାରି ନ ଥିଲୁ, ହଜାର ହଜାର ଏବଂ ଦଶ ଗୁଣନ ହଜାର ଲୋକମାନେ ଥିଲେ।

14 ଏବଂ ଆମେମାନେ ଠିକ ସେଠାରେ ପହଞ୍ଚିବା ପୂର୍ବରୁ, ସେଠାରେ ଏକ ଖବରକାଗଜ ଅନୁବାଦ କରାଯାଇଥିଲା। ତେବେ, ଏହା ଥିଲା, ଭାରତ ଏକ ଦ୍ୱିଭାଷୀ ଦେଶ ଅଟେ, ଏହା ଥିଲା—ଏହା ଇଂରାଜୀ ଖବରକାଗଜ ଥିଲା। ଏବଂ କହୁଥିଲା, "ତେବେ, ଭୂକମ୍ପ ନିଶ୍ଚିତରେ ଶେଷ ହୋଇଯାଇଥିବ, ପକ୍ଷୀମାନେ ସେମାନଙ୍କର ବସା ନିଜ ଘରକୁ ଫେରୁଛନ୍ତି।"

15 ଭୂକମ୍ପ ଆସିବାର କିଛି ଦିନ ପୂର୍ବରୁ, ତାହା ବାଡ଼ ଓ ଜିନିଷଗୁଡିକୁ ଭାଙ୍ଗି ଦେଇଥିଲା। ସେହି ସାନ ସାନ ପକ୍ଷୀମାନେ ପଥରରେ ସେମାନଙ୍କର ଆଶ୍ରୟ ନେଇଥିଲେ, ଏବଂ ନିଜର ବସା ନିର୍ମାଣ କରିଥିଲେ; ଏବଂ ଅପରାହ୍ନରେ କିମ୍ୱା ମଧ୍ୟାହ୍ନରେ, ଯେତେବେଳେ ସୂର୍ଯ୍ୟ ପ୍ରକୃତରେ ଉତ୍ତପ୍ତ ରହିଥାଏ, ସମସ୍ତ ପଶୁମାନେ ଛାଇ ପାଇପାରିବା ପାଇଁ, ସେହି ପଥର କାନ୍ଥର ଚାରିପାଖରେ ଠିଆ ହୋଇଥିଲେ। ଏବଂ ଦୁଇ ଦିନ ପର୍ଯ୍ୟନ୍ତ, ପକ୍ଷୀମାନେ ଗଛଠାରୁ ଦୂରରେ ରହିଲେ, ସେମାନେ ନିଜ ବସାକୁ ଆସିଲେ ନାହିଁ; ଏବଂ ଦୁଇ ଦିନ, ସେହି ପଶୁମାନେ, ମେଣ୍ଢା ଏବଂ ଗାଈ ଗୋରୁମାନେ, ସେମାନେ ଅପରାହ୍ନରେ ଚାରି ପାଖରେ ଆସିଲେ ନାହିଁ, କିମ୍ୱା ସେହି କାନ୍ଥ ଚାରିପାଖରେ ରହିଲେ ନାହିଁ। ସେମାନେ—ସେମାନେ କ୍ଷେତ୍ରରେ ରହି ଛାଇ ପାଇଁ, ପରସ୍ପର ଜଣେ ଅନ୍ୟ ଉପରେ ଆଉଜି ହୋଇ ରହିଲେ।

16 ତାହାପରେ ହଠାତ୍ ହିଁ, ଗୋଟିଏ ଭୂକମ୍ପ ଆସିଲା, ଯାହାକି କାନ୍ଥଗୁଡିକୁ ଦୋହଲାଇ ଦେଲା ଏବଂ କୋଠାଗୁଡ଼ିକୁ ଭାଙ୍ଗି ଦେଲା। ଏବଂ, ଦେଖନ୍ତୁ, ଯଦି ସେହି ସାନ ସାନ ପକ୍ଷୀମାନେ ସେଠାରେ ରହିଥାଆନ୍ତେ, ତାହାହେଲେ ସେମାନେ ବିନଷ୍ଟ ହୋଇ ଯାଇଥାନ୍ତେ। ଯଦି ଗାଈ ଗୋରୁମାନେ ଏହା ତଳେ ଠିଆ ହୋଇଥାନ୍ତେ ଏବଂ ମେଣ୍ଢାମାନେ, ତାହାହେଲେ ସେମାନେ ବିନଷ୍ଟ ହୋଇ ଯାଇଥାନ୍ତେ। ପରମେଶ୍ୱର ପ୍ରକୃତିକୁ ଚେତାବନୀ ଦେଉଥିଲେ!

17 ଅଳ୍ପ କିଛି ଦିନ ପୂର୍ବରୁ, ଭାଇ ଟୋନିଙ୍କ ଷ୍ଟୋର୍‌ରେ, ମୁଁ ସେଠାରେ ଜଣେ ବ୍ୟକ୍ତିଙ୍କ କଥା ଶୁଣୁଥିଲି ଯିଏକି କହୁଥିଲେ...ଯେତେବେଳେ ଆଲାସ୍କାରେ ଏହି ଭୂକମ୍ପଟି ଘଟିଥିଲା, ସେତେବେଳେ ସେ ସେଠାରେ ମେକ୍ସିକୋରେ, ଯାହାକୁ ଆମେ ଷ୍ଟୋନି ପଏଣ୍ଟ ବୋଲି କହିଥାଉ ମାଛ ଧରୁଥିଲେ। ଏବଂ ସେ କହିଲେ, "ପକ୍ଷୀମାନେ ଖାଉ ନ ଥିଲେ, ଏବଂ ମାଛମାନେ ଭୋଜନ କରୁ ନ ଥିଲେ। କିଛି ଗୋଟାଏ ବିଷୟ ଭୁଲ୍ ଥିଲା। ଏବଂ, ହଠାତ୍ ହିଁ, ସେହି ଭୂକମ୍ପ ହୋଇଗଲା।"

18 ଏବଂ ଅନ୍ୟ ଦିନ, ଯେତେବେଳେ ସେହି ଗୋଟିକ ଭାରତରେ ଘଟିଥିଲା, କିମ୍ୱା ଏହା ଯେଉଁଠାରେ ବି ଥିଲା, ସେ କହୁଥିଲେ ଯେ ସେ ପୁଣିଥରେ ମାଛ ଧରୁଥିଲେ। ସେ ଭାବିଲେ,

"ତେବେ, ଏହା ବିଚିତ୍ର ଅଟେ । ସେହି ମାଛଗୁଡ଼ିକ ତ ଏଥରକ ଭୋଜନ କରୁଛନ୍ତି । ସେଠାରେ ପାଣିରେ କୌଣସିଠାରେ ବି, କିଛି ହଲଚଲ ନ ଥିଲା । ପାଣି ଯେତିକି ଶାନ୍ତ ରହିପାରେ ସେତିକି ଶାନ୍ତ ରହିଥିଲା, ମାଛମାନଙ୍କ ପାଇଁ ଭୋଜନ କରିବା ନିମନ୍ତେ ଉପଯୁକ୍ତ ସମୟ ଥିଲା, ମାତ୍ର ସେମାନେ ଖାଇଲେ ନାହିଁ । ଏବଂ ସମସ୍ତ ପକ୍ଷୀମାନେ ଯେଉଁମାନେକି ସାଧାରଣତଃ ସେଠାରେ ଥାଆନ୍ତି, ସେହି ଗଲ ପକ୍ଷୀମାନେ, ଏହି ମାଛ ଏବଂ ଜିନିଷଗୁଡିକୁ ଖାଇଥାଆନ୍ତି, ସେମାନେ ସମସ୍ତେ କୂଳରେ ଚଲାବୁଲା କରୁଥିଲେ, ପରସ୍ପର ଜଣେ ଅନ୍ୟ ସହିତ ଲାଗି ହୋଇ ରହିଥିଲେ । ଅଳ୍ପ କିଛି ମୁହୂର୍ତ୍ତରେ, ସମୁଦ୍ର ତଳରୁ ସେହି ଶିଉଳି *ସେପରି* ଭାବରେ ଉପରକୁ ଆସିବାକୁ ଲାଗିଲା, ଏବଂ ପୃଥିବୀର ଅନ୍ୟ ପାର୍ଶ୍ୱରେ ଏକ ଭୂକମ୍ପ ଘଟିଲା ।" ଦେଖନ୍ତୁ, ସେହି ମାଛମାନେ ଏହା ଜାଣିଥିଲେ ଯେ କିଛି ଗୋଟାଏ ବିଷୟ ଭୁଲ୍ ଅଛି, କିଛି ଗୋଟାଏ ଘଟିବାକୁ ଯାଉଅଛି । ସେହି ପକ୍ଷୀମାନେ ମଧ୍ୟ ସେହି ସମାନ ବିଷୟ ଜାଣିଥିଲେ ।

19 ନିଶ୍ଚିତରେ, ଯଦି ପରମେଶ୍ୱର ଗୋଟିଏ ମାଛ ଏବଂ ଗୋଟିଏ ପକ୍ଷୀକୁ ଭଲ ମନ୍ଦ ବୁଝିବାର ଜ୍ଞାନ ଦିଅନ୍ତି, ତାହାହେଲେ ସେ ତାହାଙ୍କର—ତାହାଙ୍କର ସନ୍ତାନଗଣଙ୍କୁ କେତେ ଅଧିକ ଦେଇଥିବେ! ଆମେ ଜାଣୁ ଯେ ଆମେ ଶେଷ ସମୟରେ ଅଛୁ, ଏବଂ ବିଚାର ଅପେକ୍ଷା କରୁଅଛି, ତେଣୁକରି ଆସନ୍ତୁ ଆମେ ପ୍ରକୃତ ଆଦର ସହକାରେ ରହିବା । ଆପଣା ସମସ୍ତ ହୃଦୟ ସହିତରେ ପରମେଶ୍ୱରଙ୍କ ନିକଟକୁ ପଳାୟନ କରନ୍ତୁ! "ହେ କଫର୍ନାହୂମ, ତୁମେ ଯିଏକି ସ୍ୱର୍ଗକୁ ଉନ୍ନୀତ ହୋଇଅଛ, ରସାତଳକୁ ନିକ୍ଷେପ କରାଯିବ," ଏବଂ ଆଜି ସେ ଜଳ ଶଯ୍ୟା ତଳେ ପଡି ରହିଛି । କେବଳ ମନେରଖନ୍ତୁ, ଏବଂ ପ୍ରାର୍ଥନା କରନ୍ତୁ ।

20 ତେବେ, ଆଜି ରାତି, ମୁଁ ଏଠାରେ ଅଳ୍ପ କିଛି ସମୟ ପାଇଁ, ଶାସ୍ତ୍ରରେ ଏକ ସ୍ଥାନରୁ ପାଠ କରିବାକୁ ଚାହେଁ । ଆମେମାନେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଯାଉଅଛୁ । ବିଲି କହିଲା ଯେ ସେ ଏକ ମେଞ୍ଚେ ପ୍ରାର୍ଥନା କାର୍ଡ ଦେଇଅଛି । ଏବଂ ସେ ଗତକାଲି କିଛି ଦେଇଥିଲା, ଏବଂ ମୁଁ ଗତ ରାତିରେ ସେଗୁଡିକ ମଧ୍ୟରୁ କାହାରିକୁ ନେଇପାରି ନ ଥିଲି । ଏବଂ ମୁଁ ଆଶ୍ଚର୍ଯ୍ୟ କଲି, ଯେତେବେଳେ ପବିତ୍ରଆତ୍ମା ଆସିଲେ...ଏହା କେବଳ...ଆପଣ ଏହାକୁ କାର୍ଯ୍ୟକାରୀ କରିପାରନ୍ତି ନାହିଁ । ଏହା ତ ଠିକ ସେହି ଛୋଟ ଲିଭର ପରି ଅଟେ, ଆପଣ ନିଜକୁ ଏକ ଗିଅର୍ ଭିତରକୁ ଆଣନ୍ତି । ଆପଣ ହିଁ ସେହି ଜଣକା ଅଟନ୍ତି ଯିଏକି ପବିତ୍ରଆତ୍ମାଙ୍କୁ କାର୍ଯ୍ୟକାରୀ କରନ୍ତି, ମୁଁ ନୁହେଁ । ଆପଣ ନିଜେ ତାହା କରନ୍ତି । ତେଣୁ ମୁଁ, ଗତକାଲି ରାତିରେ, ମୁଁ ଏପରିକି ଭଲ ଓ ମନ୍ଦର ଜ୍ଞାନ ଭେଦ କରିବାରେ ଲକ୍ଷ୍ୟ କଲି ଯେ, ଏହା ଲୋକମାନଙ୍କ ଦ୍ୱାରା କେବେବି ଭଲ ଭାବେ ବୁଝା ଯାଇ ନ ଥିଲା । ସେମାନେ ଏହାକୁ ଗ୍ରହଣ କରିବା ଭଳି ମନେ ହେଉ ନ ଥିଲା । ମୁଁ ଏହାକୁ ଏଠାରେ, ଏହି ନିକଟ ସମୟରେ ପାଇଅଛି, ଏହା ଅଧିକନ୍ତୁ କମ ବା ଅଧିକ, ଭଳି ଲାଗୁଥାଏ, ଠିକ ଯେପରି ମୁଁ କହୁଥିଲି, ରୋଗୀମାନଙ୍କ ଉପରେ ହାତ ରଖୁଥିଲି, ସେମାନେ ଜାଣନ୍ତି ।

21 ଆମେ ଅନୁଭବ କରିବା ଉଚିତ୍ ଯେ ଆମ ଭିତରେ ତାହା ଦିଆଯାଇଅଛି, ଆମେ ଯେଉଁମାନେକି ଯୀଶୁ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରୁ ଏବଂ ତାହାଙ୍କ ଆତ୍ମାରେ ଜନ୍ମ ହୋଇଅଛୁ ଏବଂ

ସେହି ସଂଜୀବିତ ଶକ୍ତିରେ ପରିପୂର୍ଣ୍ଣ ହୋଇଅଛୁ, ତାହା ସେହି ଶକ୍ତି ଅଟେ ଯାହାକି ଆପଣଙ୍କ ଭିତରେ ଅଛି । ଅନ୍ୟମାନଙ୍କ ଉପରେ, ହାତ ରଖିବା ଦ୍ଵାରା, ଯେପରିକି ଶିଷ୍ୟମାନେ କରିଥିଲେ ଓ ଯୁଗ ଯୁଗ ଧରି ରହିଥିଲା, ଏହା ରୋଗୀମାନଙ୍କୁ ସଂପୂର୍ଣ୍ଣ ଭାବେ ସୁସ୍ଥ କରିଥିଲା, ମୃତମାନଙ୍କୁ ପୁନରୁତ୍ଥିତ କରିଥିଲା, ଏହା ଦର୍ଶନମାନ, ଭବିଷ୍ୟତ୍‌ବାଣୀଗୁଡିକୁ ଦେଖାଇଥିଲା । ଏବଂ ଠିକ ସେହି ସମାନ ଆତ୍ମା ଯାହାକି ପ୍ରାରମ୍ଭିକ ପ୍ରେରିତମାନଙ୍କ ମଧ୍ୟରେ ବାସ କରୁଥିଲା ତାହା ଆଜି ମଣ୍ଡଳୀ ମଧ୍ୟରେ ବାସ କରୁଅଛି, ଏବଂ ଠିକ ସେହି ସମାନ କାର୍ଯ୍ୟଗୁଡିକୁ ସାଧନ କରୁଅଛି । ଏବଂ ଯେତେ ଶୀଘ୍ର ଆମେ ଏହାକୁ ଚିହ୍ନି ପାରିବା! ଦେଖନ୍ତୁ, ଯାଏ ଆସେ ନାହିଁ ଯେ ଏହା କେତେ ଅଧିକ କାର୍ଯ୍ୟକାରୀ ହେଉଅଛି, ଆପଣଙ୍କୁ ତ ତାହା ଚିହ୍ନିବାକୁ ଅଛି ଏବଂ ବିଶ୍ଵାସ କରିବାକୁ ଅଛି । ଯେପର୍ଯ୍ୟନ୍ତ ଆପଣ ଏହାକୁ ବିଶ୍ଵାସ ନ କରନ୍ତି, ଏହା ଆପଣଙ୍କୁ ଟିକେ ବି ଲାଭ କରିବ ନାହିଁ । ମାତ୍ର ଯେଉଁ କ୍ଷଣି ଆପଣ ଏହାକୁ ବିଶ୍ଵାସ କରନ୍ତି, ସେହି କ୍ଷଣି ଆପଣଙ୍କର ସମସ୍ତ ସମସ୍ୟା ସମାପ୍ତ ହୋଇଯାଏ । ତାହା ସତ ଅଟେ ।

22 ତେବେ ଆସନ୍ତୁ ଆମେମାନେ ଶାସ୍ତ୍ର ନିକଟକୁ ଯିବା । ଅଳ୍ପ କିଛି ସମୟ ପୂର୍ବରୁ, ମୁଁ ସେଠାରେ ବସି, ଆଜି ରାତି ନିମନ୍ତେ ମୋର ମୂଳପାଠକୁ ବଦଳାଇବା ହେତୁ, ଆଉ କେତେକ ଶାସ୍ତ୍ରାଂଶଗୁଡିକୁ ଲେଖୁଥିଲି । ଏବଂ ମୁଁ ପରମେଶ୍ଵରଙ୍କ ବାକ୍ୟରୁ ସାଧୁ ଲୂକ ରଚିତ ପୁସ୍ତକ, ତାର ୫ମ ପର୍ବ, 40ତମ ପଦରୁ ଆରମ୍ଭ କରି, କିଛି ବିଷୟ ପାଠ କରିବାକୁ ଚାହେଁ । ତେବେ ଧ୍ୟାନ ସହକାରେ ଶୁଣନ୍ତୁ, ମୁଁ ବିସ୍ତୃତ ଭାବେ ପାଠ କରିବାକୁ ଯାଉଅଛି ।

*ଯୀଶୁ, ବାହୁଡି ଆସନ୍ତେ, ଲୋକସମୂହ, ତାହାଙ୍କୁ ଆନନ୍ଦରେ ଗ୍ରହଣ କଲେ; କାରଣ ସମସ୍ତେ ତାହାଙ୍କ ଅପେକ୍ଷାରେ ଥିଲେ ।*

ଆଜି ରାତିରେ କଅଣ ତାହା ଲୋକସମୂହ ପାଇଁ ଏକ ଉତ୍ତମ ମନୋଭାବ ହେବ ନାହିଁ କି?

*ଆଉ ଦେଖ, ଯାଈରସ ନାମକ ଜଣେ ବ୍ୟକ୍ତି ଆସିଲେ, ସେ ସମାଜଗୃହର ଅଧ୍ୟକ୍ଷ ଥିଲେ: ସେ ଯୀଶୁଙ୍କ ଚରଣ ତଳେ ପଡ଼ି ଆପଣା ଗୃହକୁ ଆସିବା ନିମନ୍ତେ ତାହାଙ୍କୁ ବିନତି କଲେ ।*

*କାରଣ ତାଙ୍କର ପ୍ରାୟ ବାର ବର୍ଷ ବୟସର, ଏକମାତ୍ର କନ୍ୟା ଥିଲା, ଆଉ ସେ ମୃତପ୍ରାୟ ହୋଇଥିଲା । କିନ୍ତୁ ସେ ଯାଉଥିବା ଲୋକସମୂହ ତାହାଙ୍କ ଉପରେ ମାଡି ପଡୁଥିଲେ ।*

*ସେତେବେଳେ ବାର ବର୍ଷ ପର୍ଯ୍ୟନ୍ତ ପ୍ରଦରରୋଗଗ୍ରସ୍ତା ଜଣେ ସ୍ତ୍ରୀଲୋକ, ଯେ କି ତାର ସମସ୍ତ ଅର୍ଜିତ ଧନକୁ ଚିକିତ୍ସକଙ୍କ ଉପରେ ବ୍ୟୟ କରିଥିଲା, ପୁଣି କାହାରି ଦ୍ଵାରା ସୁସ୍ଥ ହୋଇ ପାରି ନ ଥିଲା,*

*ସେ ପଛଆଡୁ ଆସି, ତାହାଙ୍କ ବସ୍ତ୍ରର ଝୁମ୍ପା ଛୁଇଁଲା: ଆଉ ତତ୍‌କ୍ଷଣାତ୍ ତାହାର ରକ୍ତସ୍ରାବ ବନ୍ଦ ହେଲା ।*

*ସେଥିରେ ଯୀଶୁ କହିଲେ, କିଏ ମୋତେ ଛୁଇଁଲା? ମାତ୍ର ସମସ୍ତେ ଅସ୍ବୀକାର କରନ୍ତେ, ପିତର କହିଲେ, ହେ ଗୁରୁ, ଲୋକସମୂହ ଯନ୍ତାଯନ୍ତି ହୋଇ ଆପଣଙ୍କ ଉପରେ ମାଡି ପଡୁ ଅଛନ୍ତି, ଏବଂ ତୁମେ କହୁଛ, ମୋତେ କିଏ ଛୁଇଁଲା?*

*...ଯୀଶୁ କହିଲେ, କେହି ଜଣେ ମୋତେ ଛୁଇଁଲା, କାରଣ ମୋଠାରୁ ଶକ୍ତି ବାହାରିଲା ବୋଲି ମୁଁ ଜାଣିଲି।*

*ଯେତେବେଳେ ସ୍ତ୍ରୀଲୋକଟି ଦେଖିଲା ଯେ, ସେ ଲୁଚି ରହିପାରିଲା ନାହିଁ, ସେତେବେଳେ ସେ ଥରି ଥରି, ଆସି ତାହାଙ୍କ ଚରଣତଳେ ପଡି, କିହେତୁରୁ ତାହାଙ୍କୁ ଛୁଇଁଲା ପୁଣି କିପରି ତତ୍‌କ୍ଷଣାତ୍ ସୁସ୍ଥ ହେଲା, ତାହା ସମସ୍ତ ଲୋକଙ୍କ ସାକ୍ଷାତରେ ପ୍ରକାଶ କଲା।*

*ସେଥିରେ, ସେ ତାହାକୁ କହିଲେ, ବତ୍ସେ: ତୋହର ବିଶ୍ୱାସ ତୋତେ ସୁସ୍ଥ କରିଅଛି; ଶାନ୍ତିରେ ଚାଲିଯା।*

*ସେ ଏହି କଥା କହୁଥିବା...ସମୟରେ, ସମାଜଗୃହର ଅଧ୍ୟକ୍ଷଙ୍କ ଘରୁ ଜଣେ, ଆସି କହିଲା, ଆପଣଙ୍କ ଝିଅ ମରିଗଲାଣି; ଗୁରୁଙ୍କୁ ଆଉ କଷ୍ଟ ଦିଅନ୍ତୁ ନାହିଁ।*

*କିନ୍ତୁ ଯୀଶୁ ଏହା ଶୁଣି, ତାଙ୍କୁ ଉତ୍ତର, ଦେଲେ, ଭୟ କର ନାହିଁ: କେବଳ ବିଶ୍ୱାସ କର, ଆଉ ସେ ବଞ୍ଚିବ।*

*ପୁଣି ସେ ଗୃହକୁ ଆସି ପିତର, ଯୋହନ ଓ ଯାକୁବ ପୁଣି ବାଳିକାର ପିତାମାତାଙ୍କ ବିନା, ଆଉ କାହାକୁ,...ଆପଣା ସାଙ୍ଗରେ, ଭିତରକୁ ଯିବା ପାଇଁ, ଦେଲେ ନାହିଁ।*

*ମାତ୍ର ସମସ୍ତେ ତାହା ଲାଗି,...ରୋଦନ କରୁ କରୁ ଛାତିରେ ମାରି ହେଉଥିଲେ: ସେଥିରେ ସେ କହିଲେ, ରୋଦନ କର ନାହିଁ; ସେ ମରି ନାହିଁ, ମାତ୍ର ଶୋଇପଡିଅଛି।*

*କିନ୍ତୁ ସେ ମରିଯାଇଅଛି ବୋଲି ଜାଣିଥିବାରୁ, ସେମାନେ ତାହାଙ୍କୁ ପରିହାସ କରିବାକୁ ଲାଗିଲେ।*

*ମାତ୍ର ସେ ସମସ୍ତଙ୍କୁ ବାହାର କରି, ତାହାର ହାତ ଧରି, ବାଳିକାକୁ ଡାକି, କହିଲେ, ଆଗୋ ବାଳିକା, ଉଠ।*

*ସେଥିରେ ତାହାର ଆତ୍ମା ଫେରିଆସିଲା, ଆଉ ସେ ସେହିକ୍ଷଣି ଉଠିଲା: ପୁଣି ସେ ତାହାକୁ କିଛି ଖାଇବାକୁ ଦେବା ପାଇଁ ଆଜ୍ଞା ଦେଲେ।*

*ଏଥିରେ ତାହାର ପିତାମାତା ଆଚମ୍ଭିତ ହେଲେ: କିନ୍ତୁ ସେହି ଘଟଣାର କଥା କାହାକୁ ନ କହିବା ପାଇଁ ସେ ସେମାନଙ୍କୁ ଆଜ୍ଞା ଦେଲେ।*

23 ତେବେ ଆସନ୍ତୁ ଆମେମାନେ ପ୍ରାର୍ଥନା କରିବା। ପ୍ରିୟ ସ୍ୱର୍ଗସ୍ଥ ପିତା, ଯେତେବେଳେ ଆମେ ଏହି ବାକ୍ୟ ପାଠ କରିଅଛୁ, ଆମେ ଜାଣୁ ଯେ ଏହା ସତ୍ୟ ଅଟେ। ଏହା ଘଟିଅଛି। ଏହା

କୌଣସି ପୌରାଣିକ କାହାଣୀ ନୁହେଁ ଯାହାକୁ ଆମେ ହୁଏତ କୌଣସି ଏକ ଖବରକାଗଜ କିମ୍ବା କୌଣସି କାଳ୍ପନିକ ପୁସ୍ତକରୁ ପାଠ କରିଅଛୁ, ମାତ୍ର ଏହା ତ ସେହି ପୁସ୍ତକରୁ ଆସିଅଛି ଯାହାକୁ ଆମେ ପରମେଶ୍ୱରଙ୍କ ବାକ୍ୟ ବୋଲି ଜାଣୁ । ଆମେ ବିଶ୍ୱାସ କରୁ ଯେ ଏହା ଘଟିଅଛି । ଆମେ ବିଶ୍ୱାସ କରୁ ଯେ ଏହି ଯୀଶୁ ଯିଏକି ଏହି ଉଲ୍ଲେଖନୀୟ କାର୍ଯ୍ୟମାନ କରିଥିଲେ, ଏଠାରେ ଦୁଇଟି ଉଦାହରଣରେ, ପ୍ରଦରାରୋଗଗ୍ରସ୍ତ ସେହି ସ୍ତ୍ରୀଲୋକ, ଏବଂ ସେହି ମୃତ ଶିଶୁରେ, ଆମେ ବିଶ୍ୱାସ କରୁ ଯେ ସେ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି, ଯାହାକୁ ପରମେଶ୍ୱର ମୃତ୍ୟୁରୁ ପୁନରୁତ୍‌ଥିତ କରିଥିଲେ ଏବଂ ଆଜି ରାତି, ପବିତ୍ରଆତ୍ମାଙ୍କ ବ୍ୟକ୍ତିତ୍ୱରେ, ତାହାଙ୍କୁ ଆମ ନିକଟରେ ଉପସ୍ଥାପନ କରିଛନ୍ତି ।

24 ଏବଂ ଆମେ ବିଶ୍ୱାସ କରୁ ଯେ ସେ ଆଜି ରାତି ଆମ ସହିତରେ ଏଠାରେ ଅଛନ୍ତି । ଏବଂ ଏହା ବିଶ୍ୱାସ କରି ଯେ ସେ କାଲି, ଆଜି ଏବଂ ଚିରକାଳସମାନ ଅଟନ୍ତି, ତାହାଙ୍କର ଦୟା ଲୋକମାନଙ୍କ ନିକଟକୁ ପହଞ୍ଚିଥାଏ । ଏବଂ ଯେତେବେଳେ ଲୋକମାନେ ତାହାଙ୍କ ନିକଟକୁ ଆସନ୍ତି, ସେହି ସମାନ ପରିଣାମ ଯାହାକି ସେହି ଦିନ ଦିଆ ଯାଇଥିଲା ତାହା ଏହି ଦିନରେ ମଧ୍ୟ ଦିଆଯିବ । ହେ ପିତା, ଏହାକୁ ପୁନର୍ବାର ପ୍ରଦାନ କର, ଯେପରିକି ଆମେମାନେ ଏକ ସତେଜ ଅଭିଷେକକୁ ପାଇପାରୁ । ଯେପରି ଭାଇ ଶାକାରିଆନ୍ ଅଳ୍ପ ସମୟ ପୂର୍ବେ, ଅତ୍ୟନ୍ତ ନିଷ୍ଠାପରତାର ସହିତ ମାଗିଥିଲେ, ଏବଂ ଶ୍ରୋତାବୃନ୍ଦଙ୍କୁ ବିଶ୍ୱାସ କରିବାକୁ କହିଥିଲେ, ଆମେ ପୁନର୍ବାର ଯୀଶୁ ଖ୍ରୀଷ୍ଟଙ୍କ ନାମରେ ମାଗୁଅଛୁ । ଆମେନ୍ ।

25 ମୁଁ କେବଳ ଅଳ୍ପ କିଛି କ୍ଷଣ କହିବାକୁ ଚାହେଁ, ଏବଂ ତାହା କେବଳ ଅଳ୍ପ କିଛି କ୍ଷଣ ହିଁ ହେବ, 'କାରଣ ମୁଁ ପ୍ରାର୍ଥନା କାର୍ଡ ପାଇଥିବା ସେହି ଲୋକମାଲଙ୍କୁ ଏଠାରେ ଉପରକୁ ଆଣିବାକୁ ଚାହେଁ ଏବଂ ସେମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଚାହେଁ । ଏବଂ ଅନ୍ୟ ଯେକୌଣସି ବିଷୟକୁ ଛାଡି କେବଳ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଚାହେଁ । ମାତ୍ର ଆମେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବା ପୂର୍ବରୁ, ଆମକୁ ଲୋକମାନଙ୍କୁ ସେହି ମନୋଭାବରେ ଆଣିବାକୁ ପଡିବ । କାରଣ ଏହା ସେହି ମନୋଭାବ ହିଁ ଅଟେ ଯାହାକି ସର୍ବଦା ପରିଣାମଗୁଡିକୁ ଆଣିଥାଏ । ଏହା ସେହି ମନୋଭାବ ହିଁ ଅଟେ ଯାହାକି ଆପଣ ପରମେଶ୍ୱରଙ୍କ ପ୍ରତି ଗ୍ରହଣ କରିଥାନ୍ତି ।

26 ଏଠାରେ ଜଣେ ସ୍ତ୍ରୀଲୋକ ଅଛି ଯିଏକି ତାହାଙ୍କର ବସ୍ତ୍ରକୁ ଛୁଇଁଥିଲା, ସେ ପ୍ରଦରାରୋଗରୁ, ସୁସ୍ଥ ହୋଇଥିଲା । ଜଣେ ସୈନିକ ତାହାଙ୍କ ମୁହଁରେ ଛେପ ପକାଇଲା ଏବଂ ତାହାଙ୍କ ମୁଣ୍ଡରେ ଏକ କଣ୍ଟା ମୁକୁଟ ଦେଇଥିଲା, ଏବଂ କୌଣସି ସଦ୍‌ଗୁଣ ଅନୁଭବ କଲା ନାହିଁ ।

27 ଏହା ତ ଆପଣଙ୍କର ଆଭିମୁଖ୍ୟ ଅଟେ । ସେହି ମନୋଭାବ ଅଟେ ଯାହାକି ଏହା ଗ୍ରହଣ କରିଥାଏ । ଏବଂ ପ୍ରିୟ ବନ୍ଧୁ, ଆଜି ରାତିରେ ତାହା ହିଁ ହେଉଛି ଯାହାକି ଏହା ଅଟେ, ଏହା ସେହି ମନୋଭାବକୁ ଗ୍ରହଣ କରିଥାଏ । ଆମେମାନେ ଅଟୁ, ଏବଂ ବିଶ୍ୱାସ କରୁ ଯେ ଆମେମାନେ,

ଯୀଶୁ ଖ୍ରୀଷ୍ଟଙ୍କ ଉପସ୍ଥିତିରେ ଅଛୁ, ମାତ୍ର ଏହା ତ ଆପଣଙ୍କର ମନୋଭାବ ଅଟେ ଯାହାକି ସେହି ପରିଣାମଗୁଡିକୁ ଆଣିଥାଏ। ଯାନ୍ତ୍ରିକୀ ଏଠାରେ ଅଛି, ଏବଂ ସେହିପରି ଗତିକୀ ମଧ୍ୟ ଅଛି। ଯଦି ଆପଣ କେବଳ ଆରମ୍ଭ କରିପାରନ୍ତି, ତାହାହେଲେ ପରମେଶ୍ୱର ଅବଶିଷ୍ଟ ବିଷୟଟା ସାଧନ କରିବେ।

28 ତେବେ, ଏହି ବିଷୟ ଯାହା ଉପରେ ମୁଁ ଅଳ୍ପ କିଛି ସମୟ ପାଇଁ, କହିବାକୁ ଚାହେଁ, ତାହା ହେଉଛି: *ଆପଣା ବାକ୍ୟକୁ ପ୍ରମାଣିତ କରିବା।* ତେବେ ସେହି ବିଷୟରେ ଚିନ୍ତା କରିବା, ଏହା ଏକ ବହୁତ ବଡ଼ କଥା ଅଟେ: *ଆପଣା ବାକ୍ୟକୁ ପ୍ରମାଣିତ କରିବା।*

29 ତେବେ ପରମେଶ୍ୱର ଆଜିରାତି, ନିଜର ବାକ୍ୟକୁ ସେତିକି ପ୍ରମାଣ କରିବାରେ ସକ୍ଷମ ଅଟନ୍ତି, ଯେତିକି ସେ ଏହାକୁ କେବେବି ପ୍ରମାଣ କରିଥିଲେ। ଏବଂ ବାଇବଲ ଏହା ମଧ୍ୟ କୁହେ, "ସମସ୍ତ ବିଷୟକୁ ପ୍ରମାଣ କର। ଯାହା ଉତ୍ତମ ତାହା ଧରି ରଖ।"

30 ତେବେ ଆପଣମାନେ ଶୁଣିଛନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ, ସେହି ପୁରାତନ ପ୍ରବାଦକୁ ଶୁଣିଛନ୍ତି ଯଥା, "ଏହାକୁ ପ୍ରମାଣ କର, ତେବେ ମୁଁ ଏହାକୁ ବିଶ୍ୱାସ କରିବି।" ମାତ୍ର ତାହା ସତ୍ୟ ନୁହେଁ। ଅନେକ ଥର ମୁଁ ବହୁତ କିଛି ବିଷୟଗୁଡିକୁ ପ୍ରମାଣିତ ହୋଇଥିବାର ଦେଖିଛି, ଯାହାକି ଏପରିକି ବୈଜ୍ଞାନିକ ରୀତିରେ ସୁଦ୍ଧା ସମ୍ପୂର୍ଣ୍ଣ ପ୍ରମାଣିତ ହୋଇଥିଲା, ଏବଂ ତଥାପି ଲୋକମାନେ ଏହାକୁ କୌଣସି ଉପାୟରେ ବି ବିଶ୍ୱାସ କରି ନ ଥିଲେ।

31 ଏଠାରେ କିଛି ଦିନ ପୂର୍ବରୁ, ମୁଁ ଜଣେ ବ୍ୟକ୍ତିଙ୍କ ସହ କଥାବାର୍ତ୍ତା କରୁଥିଲି। ଆମେମାନେ ଈଶ୍ୱରୀୟ ଆରୋଗ୍ୟତା ବିଷୟରେ କଥାବାର୍ତ୍ତା କରୁଥିଲୁ। ସେ କହିଲେ, "ମୁଁ ଏହାକୁ ବିଶ୍ୱାସ କରିବି ନାହିଁ। ମୋର ସେଥିରେ କିଛି ଯାଏ ଆସେ ନାହିଁ ଯେ କଅଣ ଘଟିଥାଏ, ଆପଣ ତାହା ବିଷୟରେ କେତେ ପ୍ରମାଣ ଦେଖାଇ ପାରିବେ, ମୁଁ ତଥାପି ଏହାକୁ ବିଶ୍ୱାସ କରେ ନାହିଁ।" ତେବେ, ନିଶ୍ଚିତ ଭାବରେ, ଏଥିରେ କୌଣସି ଫରକ୍ ପଡେ ନାହିଁ ଯେ ଆପଣ କଦାଚ ସେହି ବ୍ୟକ୍ତିଙ୍କ ପାଇଁ କଅଣ କରନ୍ତି, ସେ—ସେ ତ ବିନଷ୍ଟ ଅଟନ୍ତି। ସେ ବିଶ୍ୱାସ କରିପାରନ୍ତି ନାହିଁ। ତାଙ୍କଠାରେ ବିଶ୍ୱାସ କରିବା ପାଇଁ, କିଛି ହେଲେ ନାହିଁ।

32 ପ୍ରାୟଃ ସପ୍ତାହେ ପୂର୍ବରୁ, ମୋର ଏଠାରେ ଠିକ ଏକ—ଏକ ଛୋଟ ଅଭିଜ୍ଞତା ହୋଇଥିଲା, ଯେପରିକି ଆପଣମାନେ ସମସ୍ତେ ଜାଣନ୍ତି ଯେ ମୁଁ—ମୁଁ ଶିକାର କରେ। ଏବଂ ଯେତେବେଳେ ମୁଁ ମୋର ସଭାରୁ ଫେରି ଆସିଲି, ମୁଁ ସିଂହର ଶିକାର କରୁଥିଲି। ଏବଂ ମୁଁ ଆରିଜୋନାକୁ ସ୍ଥାନାନ୍ତରିତ ହେବା ପରେ, ଏହା ଉତ୍ତମ ଅଟେ, ମୁଁ ବଡ଼ ଜନ୍ତୁର ଶିକାର କରିବାକୁ ପସନ୍ଦ କରେ, ଏବଂ ମୁଁ ପ୍ରକୃତି ମଧ୍ୟରେ ବାହାରି ଯାଇ ଏହାକୁ ଦେଖିବାକୁ ପସନ୍ଦ କରେ।

33 ତେବେ, ମୁଁ ଜଣେ ହତ୍ୟାକାରୀ ନୁହେଁ। ମୁଁ କେବଳ ଶିକାର କରେ। ତେଣୁ, ମୁଁ—ମୁଁ ଶିକାର ନଷ୍ଟ କରିବାକୁ ପସନ୍ଦ କରେ ନାହିଁ, ମୁଁ—ମୁଁ ଭାବୁ ନାହିଁ ଯେ ଏହା ଠିକ୍ ଅଟେ। ମୁଁ ଭାବୁଛି ଯେ ଏହା ଜନ୍ତୁକୁ ମାରିବା ସେତିକି ପାପ ଅଟେ, ଯେତେବେଳେ ଆପଣ ଏହାକୁ ବ୍ୟବହାର

କରନ୍ତି ନାହିଁ ଏବଂ ଏହାକୁ ଏକ ଉଦ୍ଦେଶ୍ୟରେ ବ୍ୟବହାର କରିବାକୁ ଯାଆନ୍ତି ନାହିଁ, ଯେତିକି ଏହା ଅନ୍ୟ କାହାରିକୁ ମାରିବା ହେବ । ମୁଁ ବିଶ୍ୱାସ କରେ ଏହା ଭୁଲ ଅଟେ । ଆମେ ତାହା କରିବା ଉଚିତ୍ ନୁହେଁ । ପରମେଶ୍ୱର ଏହାକୁ ଭୋଜନ ପାଇଁ ଏବଂ ଅନ୍ୟାନ୍ୟ ଉଦ୍ଦେଶ୍ୟ ପାଇଁ ଆମକୁ ଦେଇଅଛନ୍ତି, ଏବଂ ଆମେ ଏହାକୁ ନଷ୍ଟ କରିବା ଉଚିତ୍ ନୁହେଁ । ମାତ୍ର ବର୍ତ୍ତମାନ ଆଇନ ଯାହା କୁହେ ଯେ ଆପଣ ତାହା ନେଇ ପାରନ୍ତି, ଠିକ୍ ଅଛି । କେବଳ ଏହାକୁ ନଷ୍ଟ କରନ୍ତୁ ନାହିଁ ।

34 ଏବଂ ମୁଁ ସେଠାରେ ତଳେ ଥିଲି, ସେହି ଋତୁଟି ସବୁକିଛି ବିଷୟ ପାଇଁ ଥିଲା । ସିଂହମାନେ ଅନେକ ଗାଈଗୋରୁଙ୍କୁ ହତ୍ୟା କରନ୍ତି । ଏବଂ ମୁଁ ଦେଶରେ ଅନେକ ପଶୁ ରକ୍ଷକମାନଙ୍କୁ ଜାଣେ । ଏବଂ ପ୍ରତ୍ୟେକ ଥର ଯେତେବେଳେ ସେମାନେ ଗୋଟିଏ ପଶୁକୁ ଶିକାର କରନ୍ତି, କାହିଁକି, ସେମାନେ ମୋତେ ଡାକନ୍ତି, ଯେତେବେଳେ ଗୋଟିଏ ସିଂହ ମେଣ୍ଢାମାନଙ୍କ ମଧ୍ୟରେ ଆସି ଯାଇଥାଏ । ଅନ୍ୟ ରାତିରେ, ମୋର ଜଣେ ନିର୍ଦ୍ଦିଷ୍ଟ ବନ୍ଧୁ, ଗୋଟିଏ ରାତିରେ, ପ୍ରାୟଃ ପଇଁ-ତିରିଶ ଶହ ଡଲାର ଟଙ୍କା ହରାଇଲେ, କେବଳ ଗୋଟିଏ ସିଂହ ଦ୍ୱାରା ଯାହାକି ଅନେକ ମେଷଶାବକମାନଙ୍କୁ ହତ୍ୟା କରିଥିଲା । ସେ ଭିତରକୁ ପଶି ଆସିଲା, ଏବଂ, ଅବଶ୍ୟ, ବାକି ସିଂହମାନଙ୍କୁ ତାର ଏହି ପାପ ପାଇଁ ମୂଲ୍ୟ ପରିଶୋଧ କରିବାକୁ ପଡିବ । ଏବଂ ତେଣୁକରି ମୁଁ ସେହି ସିଂହକୁ ମାରିଲି, ଏବଂ ତେବେ ଏହା ଏକ ବହୁତ ବଡ ସିଂହ ଥିଲା, ଏବଂ ନଅ-ଫୁଟ ଲମ୍ବା, ଏବଂ ଓଜନ ପ୍ରାୟଃ ଦୁଇ-ପାଖାପାଖି କିଛି ଥିଲା, ତେଣୁ ଏହା ଥିଲା—ଏହା ଏକ ଭଲ ବଡ ସିଂହ ଥିଲା ।

35 ଏବଂ ତାହାପରେ ମୁଁ ଆରିଜୋନା ଦେଶରୁ ବାହାରି, ଉଟା ପ୍ରାନ୍ତକୁ, ଶିକାର କରିବା ପାଇଁ ଗଲି । ଏବଂ ତେଣୁକରି ମୋତେ ସେଠାରେ ଉପରେ ଥିବା କିଛି ଲୋକମାନଙ୍କ ଦ୍ୱାରା କୁହାଗଲା, ଯେ ମୁଁ ଯେଉଁ ବ୍ୟକ୍ତି ସହିତ ଶିକାର କରିବାକୁ ଯାଉଅଛି, ସେ ଜଣେ ସରକାରୀ ଶିକାରୀ ଅଟନ୍ତି, "ଏବଂ, ଭଲ ପାଇଁ କହୁଅଛୁ, ତାଙ୍କ ପାଖରେ ଧର୍ମ ବିଷୟରେ କିଛି ଉଲ୍ଲେଖ କରିବେ ନାହିଁ ।" କହିଲେ, "ସେ ପ୍ରକୃତରେ ଜଣେ କଠୋର ବ୍ୟକ୍ତି ଅଟନ୍ତି ।"

ଏବଂ ମୁଁ କହିଲି, ତେବେ, ମୁଁ ଯେଉଁ ବ୍ୟକ୍ତିଙ୍କ ସହିତ ଯାଉଥିଲି ମୁଁ ତାଙ୍କୁ କହିଲି, ମୁଁ କହିଲି, "ମୁଁ ଏହା ଉଲ୍ଲେଖ କରିବି ନାହିଁ ।"

36 ସେ କହିଲେ, "ନିଜକୁ 'ପ୍ରଚାରକ' ବୋଲି କହିବ ନାହିଁ । ଯଦି ଆପଣ କହି ଦେବେ, ତାହାହେଲେ ଆପଣ କେବେବି ଶିକାର କରିବା ନିମନ୍ତେ ଯିବାର ସୁଯୋଗ ପାଇବେ ନାହିଁ । ସେ ଆପଣଙ୍କୁ ନେବେ ନାହିଁ ।" କହିଲେ, "ମୁଁ ତାଙ୍କ ସହିତ ତିନି ଦିନ ଶିକାର କଲି, ଏବଂ ତାଙ୍କ ସହିତ ପ୍ରତିଦିନ ରାତିରେ ଶୋଇଲି, ପ୍ରତିଦିନ ତାଙ୍କ ସହିତରେ ଭୋଜନ କଲି, ଏବଂ ସେ କେବେବି ଏହା କହିଲେ ନାହିଁ ଯେ, 'ଶୁଭ ସକାଳ । ଆପଣ କିପରି ଅଛନ୍ତି? କଅଣ ଆପଣ କିଛି ଖାଇବାକୁ ଚାହୁଁଛନ୍ତି କି? ବାସନଗୁଡିକ ଧୋଇ ଦିଅ ।' କିଛି ନୁହେଁ!" କହିଲେ, "ତେବେ ଏହା ବିଷୟରେ କିଛି ବି କହିବ ନାହିଁ ।"

ମୁଁ କହିଲି, "ମୁଁ ଗୋଟିଏ ବି ଶବ୍ଦ କହିବି ନାହିଁ ।" ତେଣୁ ମୁଁ ତାଙ୍କୁ ଏହା କହିଲି ନାହିଁ ଯେ

ମୁଁ ପ୍ରାର୍ଥନା କରିବି ନାହିଁ, ମାତ୍ର ମୁଁ ତାଙ୍କୁ କେବଳ ଏହା କହି ଚାଲିଲି ଯେ ମୁଁ...ଏବଂ ମୁଁ ପ୍ରାର୍ଥନା କରୁଥାଏ ।

37 ଅତଏବ ଯେତେବେଳେ ଆମେମାନେ ସେଠାରେ ଉପରେ ପହଞ୍ଚିଲୁ, ସେହି ବ୍ୟକ୍ତି ଜଣକ ବହୁତ କଠିନ ଚରିତ୍ରର ଥିଲେ, ଏବଂ ମୁଁ ଭାବୁ ନାହିଁ ଯେ ସେ କିଛି ବି ବିଶ୍ୱାସ କରୁଥିଲେ । ଏବଂ ଏହାର କିଛି ରାତି ପୂର୍ବରୁ ହିଁ ସେ ଏକ ଶିଶୁକୁ ହରାଇଥିଲେ, ଏକ ନବଜାତ ଶିଶୁକୁ । ତେଣୁ, ଆମେ ଶିକାର କରିବାକୁ ଗଲୁ । ଏବଂ ଦ୍ୱିତୀୟ ଦିନରେ, ମୁଁ ଯେଉଁ ବ୍ୟକ୍ତିଙ୍କ ସହ ଶିକାର କରୁଥିଲି ସେ ତାଙ୍କୁ କହିଥିଲେ, କହିଲେ ଯେ ମୁଁ ଦେଶର ସବୁ ସ୍ଥାନରେ ଶିକାର କରିବାକୁ ସୁଯୋଗ ପାଇଥାଏ । ତେଣୁକରି ଯେତେବେଳେ ସେହି ଅନ୍ୟ ଶିକାରୀ, ଯିଏକି ମୋ ସଙ୍ଗରେ ଥିଲେ, ଚାଲିଗଲେ, ଆମେମାନେ ସେତେବେଳେ ପର୍ବତଶିଖର ଉପରେ ଥିଲୁ; ଯେଉଁଠାରେକି ଆମେ ଠିକ ଏକ ସିଂହକୁ ଗୋଡାଇଥିଲୁ, ଏପରି ହେଲା ଯେ ସେ ପଥର ମଧ୍ୟରେ ଲୁଚି ଯାଇଥିଲା, ଏବଂ ସେ ଖସି ପଳାଇଗଲା । ଏବଂ ତେଣୁକରି ଆମେମାନେ ସେଠାରେ ବସି ରହି କୁକୁରକୁ ଫେରିବାର ଅପେକ୍ଷା କଲୁ । ଏବଂ ଏହି ଲୋକଟି ମୋତେ କହିଲେ, ସେ କହିଲେ, "ସେହି ଅନ୍ୟ ଶିକାରୀଜଣ, ତୁମର ବନ୍ଧୁ, ମୋତେ କହୁଥିଲେ ଯେ ତୁମେ ସବୁଆଡେ ଶିକାର କରିବାକୁ ସୁଯୋଗ ପାଇଥାଅ । ତୁମ ପାଖରେ ପ୍ରଚୁର ଟଙ୍କା ଅଛି କି?" କହିଲେ, "ଅବଶ୍ୟ ମୁଁ ଭାବୁଛି ଯେ ଏହା କହିବାରେ ମୋର କୌଣସି ବେପାର ନାହିଁ ।"

ଏବଂ ମୁଁ କହିଲି, "ନା," ମୁଁ କହିଲି, "ଏହା ପ୍ରଚୁର ଅର୍ଥର ବିଷୟ ନୁହେଁ ।" ମୁଁ କହିଲି, "ମୁଁ—ମୁଁ ପ୍ରାୟୋଜିତ କରା ଯାଇଥାଏ ।"

ଏବଂ ସେ କହିଲେ, "ଓଃ, ମୁଁ ଦେଖୁଛି ।" ସେ କହିଲେ, "ହଁ, ମୁଁ ଅନୁମାନ କରେ ଏହା ମୋର କୌଣସି ବେପାର ନୁହେଁ, ମାତ୍ର," କହିଲେ, "କଅଣ ତୁମେ ଏକ ସଂସ୍ଥା ସହିତ ଅଛ କି ଯାହା ତୁମକୁ ପ୍ରାୟୋଜିତ କରିଥାଏ?"

ସେ ଏହାକୁ ଠିକ ମୋ ପାଖରୁ ଟାଣି ବାହାର କରୁଥିଲେ । ମୁଁ ପ୍ରତିଜ୍ଞା କରିଥିଲି ଯେ ମୁଁ କରିବି ନାହିଁ, ଦେଖନ୍ତୁ । ତେଣୁ ମୁଁ କହିଲି, ହଁ, ମୁଁ କହିଲି, "ନା, ମହାଶୟ । ମୁଁ ଜଣେ ପ୍ରଚାରକ, ଜଣେ ମିଶନାରୀ ଅଟେ ।"

ସେ କହିଲେ, "ଜଣେ କଅଣ?"

ମୁଁ କହିଲି, "ମିଶନାରୀ ।" ଏବଂ ସେ କେବଳ ଠିଆ ହୋଇ ପଡିଲେ ଏବଂ ମୋତେ କିଛି ମିନିଟ୍ ପାଇଁ ଚାହିଁ ରହିଲେ ।

ମୁଁ କହିଲି, "ପରବର୍ତ୍ତୀ ଜୀବନ ପାଇଁ କଅଣ ଆପଣଙ୍କର କୌଣସି ଆଶା ଅଛି କି? ଆପଣଙ୍କର ଭରସା କଅଣ ଅଟେ?"

ସେ କହିଲେ, "ମୁଁ ଜଣେ ଜ୍ୟାକ୍ ମର୍ମନ୍ ଅଟେ ।"

ଏବଂ ମୁଁ କହିଲି, "ଜଣେ କଅଣ?"

ସେ କହିଲେ, "ଜଣେ ଜ୍ୟାକ୍ ମର୍ମନ୍ ।"

ମୁଁ କହିଲି, "ତାହା କେଉଁ ପ୍ରକାରର ଅଟେ?"

କହିଲେ, "ସେହି ଜଣକା ଯିଏକି ଗାଳିଗୁଳଜ କରି କଫି ପିଅନ୍ତି, ଏବଂ ସିଗାରେଟ୍ ଟାଣନ୍ତି ।"

ମୁଁ କହିଲି, "ତେବେ, ଏକ ନିଷ୍ପାପର ସ୍ୱୀକାରୋକ୍ତି ପ୍ରାଣ ପାଇଁ ଲାଭଜନକ ଅଟେ ।"

38 ଏବଂ ତାହାପରେ ସେ କହିଲେ—ସେ କହିଲେ, "ମୁଁ ତୁମକୁ କିଛି ପଚାରିବାକୁ ଚାହେଁ ।" ସେ କହିଲେ, "ମୋତେ କୁହାଯାଇଛି ଯେ ମର୍ମନ୍ ମଣ୍ଡଳୀଟି ହିଁ ହେଉଛି ଏକମାତ୍ର ପ୍ରକୃତ ମଣ୍ଡଳୀ ଯାହାକି ସେଠାରେ ଅଟେ ।" ସେ କହିଲେ, "କଅଣ ତୁମେ ତାହା ବିଶ୍ୱାସ କର କି?"

39 ମୁଁ କହିଲି, "ଯେତେବେଳେ ଏହା ମଣ୍ଡଳୀ ବିଷୟ ଆସେ, ମୁଁ ଭାବୁଛି ଯେ ଏହା ସେମାନଙ୍କ ମଧ୍ୟରୁ କାହାରି ପରିକା ସେତିକି ଭଲ ଅଟେ । ମୁଁ କେବଳ ଗୋଟିଏ ସତ୍ୟ ଜାଣେ, ଏବଂ ତାହା ହେଉଛି ଯୀଶୁ ଖ୍ରୀଷ୍ଟ ।" ମୁଁ କହିଲି, "ମୁଁ ଜାଣେ ଯେ ସେ ସତ୍ୟ ଅଟନ୍ତି ।"

40 "ତେବେ," ସେ କହିଲେ, "ଅନ୍ୟ ଏକ ରାତିରେ ମୋର ଗୋଟିଏ ଶିଶୁ ଜନ୍ମ ହୋଇଥିଲା, ନବଜାତ ଶିଶୁଟିଏ ।" ସେ କହିଲେ, "ମୋତେ କୁହାଯାଇଛି ଯେ ଏହି ଶିଶୁଟି, ଯେହେତୁ ଏହା ନବଜାତ ଥିଲା, ପରମେଶ୍ୱର କଦାପି ଏଥିରେ ଜୀବନର ନିଶ୍ୱାସକୁ ଫୁଙ୍କ ଦେଇ ନ ଥିଲେ, ତେବେ ମୁଁ ଏହାକୁ ଆଉ କେବେବି ଦେଖିବି ନାହିଁ ।" ସେ କହିଲେ, "ତୁମେ ତାହା ବିଷୟରେ କଅଣ ଭାବୁଛ?"

41 "ତେବେ," ମୁଁ କହିଲି, "ଆପଣ ଜଣେ ଜ୍ୟାକ୍ ମର୍ମନ୍ ଭାବରେ ତ ତାହା ଦେଖିବେ ନାହିଁ, ଆପଣ ନିଶ୍ଚିତରେ ନୁହେଁ । ତାହା ଗୋଟିଏ କଥା ସୁନିଶ୍ଚିତ, ଆପଣ ଯେପର୍ଯ୍ୟନ୍ତ ଜଣେ ଜ୍ୟାକ୍ ମର୍ମନ୍ ହୋଇ ରହିବେ ସେପର୍ଯ୍ୟନ୍ତ ଆପଣ ଏହାକୁ ଦେଖିବେ ନାହିଁ ।" ଏବଂ ସେ କହିଲେ... ତେବେ, ସେ ମୋତେ ବ୍ୟଗ୍ର କରି ଆସୁଥିଲେ, ତେଣୁ ମୁଁ ତାଙ୍କୁ ଟିକିଏ ପଛକୁ ଠେଲି ଦେଲି, ଆପଣ ଦେଖନ୍ତୁ । ଆମ ପାଖରେ—ପାଖରେ ପଛକୁ ଠେଲିବା ପାଇଁ ସମୟ ଥିଲା । ତେଣୁ ସେ କହିଲେ—ସେ କହିଲେ...ମୁଁ କହିଲି, "ମାମଲା କଅଣ ଅଟେ?"

ସେ କହିଲେ, "ଓଃ, ମୁଁ ଜାଣେ ନାହିଁ ।" ଏବଂ ସେ କହିଲେ, "ତେବେ, ତୁମେ କଅଣ ଭାବୁଛ?"

ମୁଁ କହିଲି, "ମୁଁ ଅନେକ ଉତ୍ତମ ଜନଙ୍କ ସହିତ ପରିଚିତ..."

42 ମୁଁ ଜାଣି ନ ଥିଲି ଯେ ସେ ଜଣେ ମର୍ମନ୍ ଥିଲେ । ଏବଂ ମୁଁ ଜଣେ ବହୁତ...ମୁଁ ଜାଣେ, ଯେ ଏହା ଉଟା ପ୍ରାନ୍ତରେ ରହିଥିବାରୁ, ବୋଧହୁଏ ଏହା ଥିଲା, ମାତ୍ର ମୁଁ...'କାରଣ ସେଠାରେ ଉପରେ ସଲ୍ଟ ଲେକ୍ ସିଟିର ଆଖପାଖରେ, ଅଧିକାଂଶ ଲୋକେ ମର୍ମନ୍ ଅଟନ୍ତି । ଯଦିଓ, ଏହା ସଲ୍ଟ ଲେକ୍ ସିଟି ନ ଥିଲା । ତେଣୁ ମୁଁ ଭାବିଲି, "ତେବେ, ମୋର ସଭାରେ ତ ଅନେକ ଅତି ଉତ୍ତମ ଉତ୍ତମ ମର୍ମନ୍ ବନ୍ଧୁମାନେ, ପ୍ରାର୍ଥନା ଧାଡ଼ିରେ ରହିଥିଲେ, ଭଲ ଲୋକମାନେ ।"

43 ଏବଂ ମୁଁ କହିଲି, "ମୁଁ କିଛି ଅତି ଉତ୍ତମ ପୁରୁଷମାନଙ୍କୁ ଭେଟିଅଛି ଯେଉଁମାନେକି—କି ମର୍ମନ୍ ଅଟନ୍ତି।" ଏବଂ ସେ କହିଲେ, ତେବେ, ସେ କହିଲେ...ମୁଁ କହିଲି, "ମୁଁ ତାହା ଉପରେ ସେମାନଙ୍କର ଶିକ୍ଷାକୁ ଜାଣେ ନାହିଁ, ଏବଂ ମୁଁ ସେମାନଙ୍କ ଶିକ୍ଷାର ବିପରୀତ କିଛି କହିବାକୁ ଚାହେଁ ନାହିଁ, କାରଣ ତାହାହିଁ ଅଟେ ଯାହାକି ଆପଣ ଅଟନ୍ତି, ଏବଂ ମୁଁ ଏହାକୁ ବହୁତ ସମ୍ମାନ କରେ।" ଏବଂ ମୁଁ କହିଲି, "ତେବେ, ଏବଂ କଅଣ ଆପଣ ତାହା ବିଶ୍ୱାସ କରନ୍ତି କି?"

ସେ କହିଲେ, "ହଁ, ମହାଶୟ, ମୁଁ କରେ। ମାତ୍ର," କହିଲେ, "ମୁଁ ଏହା ଅନୁସାରେ ଜୀବନ ଯାପନ କରେ ନାହିଁ।"

44 ମୁଁ କହିଲି, "ତେବେ, ମୁଁ ବିଶ୍ୱାସ କରେ ଯେ ବାଇବଲ ଶିକ୍ଷା ଦିଏ ଯେ ପରମେଶ୍ୱର ଲକ୍ଷ ଲକ୍ଷ ବର୍ଷ ପୂର୍ବରୁ, ଜଗତର ପତ୍ତନାବଧି ପୂର୍ବରୁ, ସେହି ଶିଶୁକୁ ଜାଣିଥିଲେ।" ମୁଁ କହିଲି, "ପରମେଶ୍ୱର ଯିରିମିୟଙ୍କୁ କହିଥିଲେ, 'ତୁମେ ମାତୃ ଗର୍ଭରେ ସୃଷ୍ଟି ହେବା ପୂର୍ବରୁ, ଏପରିକି ତୁମେ କଦାଚ ସେହି ଗର୍ଭରୁ ବାହାରି ଆସିବା ପୂର୍ବରୁ, ମୁଁ ତୁମକୁ ଜାଣିଥିଲି, ପବିତ୍ରୀକୃତ କରିଥିଲି, ଏବଂ ଜାତି ଜାତିମାନଙ୍କ ପାଇଁ ଭବିଷ୍ୟଦ୍‌ବକ୍ତା ଭାବରେ ନିଯୁକ୍ତ କରିଥିଲି।'" ମୁଁ କହିଲି, "ଦେଖନ୍ତୁ, ଏହା ବିଷୟରେ ଠା ସେତିକି ଅଧିକ ଥିଲା ଯାହା ସେ ଜାଣିଥିଲେ।"

ସେ କହିଲେ, "ତେବେ," ସେ କହିଲେ, "ଧନ୍ୟବାଦ।"

45 ସେ ପାହାଡ ତଳକୁ ଚାଲିବାକୁ ଆରମ୍ଭ କଲେ। ଏବଂ ତାହାପରେ ସେ ଏହି ଅନ୍ୟ ବ୍ୟକ୍ତିଙ୍କୁ ଭେଟିଲେ, ଏବଂ ସେ କହିଲେ, "ତୁମେ ମୋତେ କାହିଁକି କହିଲ ନାହଁ ଯେ ସେହି ଲୋକଟି ଜଣେ ପ୍ରଚାରକ ଅଟେ?" ଏବଂ ତେଣୁକରି ଆମେ...ସେ ତାଙ୍କ ସହିତ ଅଳ୍ପ ଟିକିଏ କଥାବାର୍ତ୍ତା କଲେ ଏବଂ ତାଙ୍କୁ ସଭାଗୁଡ଼ିକ ବିଷୟରେ କହିବାକୁ ଲାଗିଲେ।

46 ତେବେ, ମର୍ମନ୍‌ମାନେ ଭବିଷ୍ୟତ୍‌ବାଣୀକୁ ବିଶ୍ୱାସ କରନ୍ତି। ମୁଁ ନୁହେଁ...ବୋଧହୁଏ ଏଠାରେ କେହି ନ ଥିବେ, ମାତ୍ର ସେମାନେ—ମାତ୍ର ସେମାନେ ଭବିଷ୍ୟତ୍‌ବାଣୀରେ—ରେ ବିଶ୍ୱାସ କରନ୍ତି। ମାତ୍ର, ତେବେ, ହୁଏତ ମୁଁ ସାଧାରଣ ବ୍ୟବସ୍ଥାରୁ ବାହାରେ କଥାବାର୍ତ୍ତା କରୁଅଛି, କିନ୍ତୁ ମୁଁ...ହଁ। ହଁ। ମାତ୍ର, ଯାହା ବି ହେଉ, ସେମାନେ ବିଶ୍ୱାସ କରନ୍ତି।

ଏବଂ ସେ କହିଲେ, ସେ ମୋ ପାଖକୁ ଫେରି ଆସି, କହିଲେ, "ମୁଁ ବୁଝି ପାରୁଛି ଯେ ଆପଣ ଜଣେ ଭବିଷ୍ୟଦ୍‌ବକ୍ତା ଅଟନ୍ତି।"

ମୁଁ କହିଲି, "ନା, ମହାଶୟ।" ମୁଁ କହିଲି, "ମୁଁ...ପ୍ରଭୁ ମୋତେ ଆଗକୁ ଘଟିବାକୁ ଥିବା କେତୋଟି ବିଷୟଗୁଡିକୁ ଦେଖାଇଛନ୍ତି।"

47 ଏବଂ ସେ ସଙ୍ଗେ ସଙ୍ଗେ, ସେଠାରୁ ଚାଲିଗଲେ, କହିଲେ, "ଆସନ୍ତୁ ଭିତରକୁ ଯିବା।" ଏବଂ ସେ ନିଜ କାରରେ ଚଢିଲେ, ଏବଂ ସେଠାରେ ତଳକୁ ଗଲେ...ତାଙ୍କର ଛୋଟ ସହରକୁ ଯେଉଁଠାରେ ସେ ରହୁଥିଲେ। ଅଳ୍ପ କିଛି ମୁହୂର୍ତ୍ତରେ, ସେ ନିଖୋଜ ହୋଇଗଲେ। ମଧ୍ୟାହ୍ନ ଭୋଜନ ଠିକ ପରେ, ଆମେମାନେ ଆଉ ଏକ ଶିକାରକୁ ଯିବା ନିମନ୍ତେ କୁକୁରମାନଙ୍କୁ ପ୍ରସ୍ତୁତ

କରୁଥିଲୁ । ଏବଂ ଯେତେବେଳେ ଆମେମାନେ କରୁଥିଲୁ, କାହିଁକି, ସେ ଏକ କାରରେ ଚାଲି ଗଲେ ।

48 ଅଳ୍ପ କିଛି ମୁହୂର୍ତ୍ତରେ, ଏକ ସୁନ୍ଦର-ଦିଶୁଥିବା ଯୁବା ଲୋକ ଫେରି ଆସିଲେ, ପ୍ରାୟଃ ସତର ବର୍ଷ ବୟସର, ଜଣେ ପ୍ରକୃତ ସାଧୁ-ଦିଶୁଥିବା ଖ୍ରୀଷ୍ଟିଆନ ଭଦ୍ରଲୋକ । ସେ କହିଲେ, "ଏହା ମୋର ଭାଇ ଅଟନ୍ତି ।" କହିଲେ, "ସେ ଜଣେ ଜ୍ୟାକ୍ ମର୍ମନ୍ ନୁହଁନ୍ତି । ସେ ଜଣେ ପ୍ରକୃତ ମର୍ମନ୍ ଅଟନ୍ତି ।"

ମୁଁ କହିଲି, "ପୁଅ, ତୁମେ କେମିତି ଅଛ?"

ଏବଂ ସେ କହିଲେ, "ମୁଁ ବୁଝୁଛି, ଯେ ମୋର ଭାଇ ମୋତେ କହିଲେ, ଯେ ଆପଣ ଜଣେ ଭବିଷ୍ୟଦ୍‌ବକ୍ତା ଅଟନ୍ତି ।"

ମୁଁ କହିଲି, "ନା, ମହାଶୟ ।" ମୁଁ କହିଲି, "ଏହା ନୁହେଁ ଯେ ମୁଁ ଜଣେ ଭବିଷ୍ୟଦ୍‌ବକ୍ତା ଅଟେ ।" ମୁଁ କହିଲି, "ପ୍ରଭୁ ମୋତେ ଏପରି କିଛି ଘଟିବାକୁ ଥିବା ବିଷୟଗୁଡିକୁ ଦେଖାଇ ଅଛନ୍ତି ।"

49 ସେ କହିଲେ, "ମୋର ବାହୁରେ ବର୍ତ୍ତମାନ ଏକ ଔଷଧ ନେଇଛି, ମୋତେ ଅସ୍ତ୍ରୋପଚାର ମେଜ ଉପରେ ରହିବା କଥା ।" ସେ କହିଲେ, "କିନ୍ତୁ ମୋ ଭାଇ ମୋତେ ଏହା କହିଲେ । ଏବଂ ମୁଁ କହିଲି, 'ଯଦି ତାହା ସେହିପରି ଅଟେ, ତେବେ ମୋର କୌଣସି ଅସ୍ତ୍ରୋପଚାର ଦରକାର ନାହିଁ ।'" ସେ ସିଧା ମୋତେ ଆଖିରେ ଚାହିଁଲେ, ଜଣେ ନିଷ୍ଠାପର, ସଚ୍ଚୋଟ, ବାସ୍ତବିକ ଚାହାଣୀ, କହିଲେ, "ଆପଣ ମୋ ଉପରେ ନିଜର ହାତ ରଖନ୍ତୁ । ଯଦି ଏହି ଜିନିଷଗୁଡିକ ସେହିପରି ଅଟେ, ତାହାହେଲେ ମୁଁ ଅସ୍ତ୍ରୋପଚାର ଆବଶ୍ୟକ କରିବି ନାହିଁ ।" ସେ ଭଲ ହୋଇ ଘରକୁ ଚାଲିଗଲେ ।

50 ଏହି ଭାଇଜଣକ, ଫିନିକ୍ସରୁ, ମୋର ଖ୍ରୀଷ୍ଟିଆନ ବନ୍ଧୁ, ମୋ ସହିତ ଶିକାର କରୁଥିଲେ । ସେ ମୋତେ କହିଲେ, ସେ କହିଲେ... ଏହି ବାଳକମାନଙ୍କ ମଧ୍ୟରୁ କେତେକ ବର୍ତ୍ତମାନ ଏଠାରେ ବସିଛନ୍ତି । ସେମାନଙ୍କ ମଧ୍ୟରୁ ଜଣକାକୁ ମୁଁ ଜାଣେ ଯେ ସେ ଏଠାରେ ଉପସ୍ଥିତ ଅଛନ୍ତି । ଆମେ ଘରକୁ ଗଲୁ । ସେ କହିଲେ, "ଭାଇ ବ୍ରାନହାମ୍, ଯଦି ପ୍ରଭୁ ଆପଣଙ୍କୁ ଏକ ଦର୍ଶନ ଦେଖାନ୍ତି ଏବଂ ଆପଣଙ୍କୁ ସେହି ମର୍ମନ ଲୋକମାନଙ୍କୁ ଏହା କହିବାକୁ ଦିଅନ୍ତି ଯେ କଅଣ ଘଟିବାକୁ ଯାଉଅଛି, ତାହାହେଲେ ଏହା ତାହାକୁ ସାଧନ କରିବ, କାରଣ ସେମାନେ ଏହାର ଅପେକ୍ଷା କରୁଛନ୍ତି ।"

51 ତେଣୁ, ମୁଁ ପ୍ରାର୍ଥନା କଲି ଏବଂ ମୁଁ ପ୍ରାର୍ଥନା କଲି । ଏବଂ ମୋର ଘରକୁ ଫେରିବା ବାଟରେ, ମୁଁ ଆସୁଥିଲି, ପରବର୍ତ୍ତୀ ସୋମବାର, ରବିବାର, ଦିନ ପ୍ରାୟଃ ଦଶଟା ବେଳେ, ମୁଁ ସେଦିନ ସକାଳେ ଗୀର୍ଜା ସମାପ୍ତ ହେବା ପରେ, କୋଠରୀରେ ଠିଆ ହୋଇଥିଲି, ଏବଂ ବାହାରଆଡ଼େ ଚାହିଁ ରହିଥିଲି ।

52 ଏବଂ ମୁଁ ଫ୍ଲାସ୍ ଲାଇଟ୍ ଗୁଡିକୁ ଝଲସି ଉଠୁଥିବାର, କିମ୍ବା କୌଣସି ପ୍ରକାରର ଏକ ଆଲୋକ ପ୍ରଜ୍ଜ୍ୱଳିତ ହେଉଥିବାର ଦେଖିଲି । ଏବଂ ମୁଁ ଗୋଟିଏ ସିଂହକୁ ଏକ ଗଛରେ ଥିବାର

ଦେଖିଲି, ଏବଂ—ଏବଂ ଏହା ମୋ ପାଇଁ ଗୁଳି କରିବା ହେତୁ ଅତି ଛୋଟ ଥିଲା । ମୁଁ ଏହା ଚାହିଁଲି ନାହିଁ । ଏବଂ ସେଠାରେ ଆଉ ଜଣେ କେହି ଏହାକୁ ଗୁଳି କରିଥିଲେ, ଏବଂ, ଯେତେବେଳେ ସେମାନେ ଏହା କଲେ, ସେମାନେ ଏହାକୁ ଏକ ବହୁତ ବଡ ବନ୍ଧୁକ ସହିତ ଗୁଳି କରିଥିଲେ । ଏହା ସିଂହକୁ ଖଣ୍ଡ ଖଣ୍ଡ କରି ଦେଇଥିଲା । ଏହା ଯେଉଁ—ଯେଉଁ—ଯେଉଁ ଉପାୟରେ କରାଗଲା ମୁଁ ତାହାକୁ ପ୍ରଶଂସା କଲି ନାହିଁ ।

53 ଯେତେବେଳେ ମୁଁ ଫିନିକ୍ସକୁ ପହଞ୍ଚିଲି, ମୁଁ ଭାଇ ଡସନ୍‌ଙ୍କୁ ଏବଂ ଭାଇ ମୋସ୍‌ଲିଙ୍କୁ ତାହା କହିଲି । ମୁଁ ଜାଣେ ଯେ ସେ ଏଠାରେ ଅଛନ୍ତି । ମୁଁ ତାଙ୍କୁ ଅନ୍ୟ ଦିନରେ, ଏଠାରେ କୌଣସି ସ୍ଥାନରେ ଦେଖିଲି । ଏବଂ ସେ ମୋ ସହିତରେ, ସେ ଓ ତାଙ୍କ ପତ୍ନୀ ମୋ ସହିତରେ ଉପରକୁ ଯାଉଥିଲେ । ଏବଂ ମୁଁ କହିଲି, "ଆପଣ ଲକ୍ଷ୍ୟ କରନ୍ତୁ ଏବଂ ଦେଖନ୍ତୁ, ତାହା **ସଦାପ୍ରଭୁ ଏହି କଥା କୁହନ୍ତି** ଅଟେ । ଏହା ସେହିଭଳି ହିଁ ଘଟିବାକୁ ଯାଉଅଛି ।"

54 ଆମେ ରାତି ପରେ ରାତି ଅପେକ୍ଷା କଲୁ, ଚାରି କିମ୍ବା ପାଞ୍ଚ ରାତି, କିମ୍ବା ଅନେକ ଦିନ ପର୍ଯ୍ୟନ୍ତ, ଆମେମାନେ ଶିକାର କଲୁ । କ୍ୱଚିତ୍ ହିଁ ଆପଣ ରାତିରେ ଗୋଟିଏ ସିଂହକୁ ଗଛ ଉପରେ ଦେଖନ୍ତି । ଏପରି ହେଉଥିଲା, ଯେ ଘରକୁ ଆସିବା ପରେ, ସେମାନେ କୁକୁରମାନଙ୍କୁ ମୁକ୍ତ କରି ଦେଉଥିଲେ, ଏହି ଶିକାରୀ, ଏହି ମର୍ମନ୍ ବାଳକଟି କରୁଥିଲା । ଏବଂ ସେହି—ସେହି ସିଂହ ଏକ ପଦଚିହ୍ନକୃତ ରାସ୍ତାକୁ ପାଇଲା, କିମ୍ବା ସେହି କୁକୁର ସିଂହର ପଦଚିହ୍ନକୃତ ରାସ୍ତାକୁ ପାଇଗଲା, ବରଂ, ଏବଂ ତାକୁ ଘଉଡାଇ ଏକ ଗଛକୁ ନେଇଗଲା । ଏବଂ ରାତି ଦଶଟା ବେଳେ ସେମାନେ ଆସିଲେ, ଆମକୁ ବିଛଣାରୁ ବାହାର କଲେ । ଆମେ ସେଠାରେ ବାହାରକୁ ଗଲୁ, ଏବଂ ସେଠାରେ ଗଛରେ ସେହି ସମାନ ସିଂହ ରହିଥିଲା । ପ୍ରକାଶଗୁଡିକୁ ଝଲସାଇ, ଭାଇ ମୋସ୍‌ଲି ତାକୁ ପ୍ରାୟଃ ଏକ .44 କ୍ୟାଲିବର୍ ଗୁଳି ସହିତରେ ଶିକାର କରିଥିଲେ, ସେହି ସିଂହକୁ ପ୍ରାୟଃ ଦୁଇଭାଗରେ ବିଖଣ୍ଡିତ କରିବା ଭଳି ଦିଶିଲା । ଏବଂ ଏହା ସେଠାରେ ଥିଲା, ଠିକ୍ ଅବିକଳ ଭାବରେ ଯେପରି ଏହା କୁହାଯାଇଥିଲା ।

ପରଦିନ, ମୁଁ ସେହି ରାଜ୍ୟର ମୁଖ୍ୟ ପଶୁ ସଂରକ୍ଷକ, ଆଉ ଜଣେ ଜ୍ୟାକ୍ ମର୍ମନ୍‌କୁ ଭେଟିଲି । ସେହି ଦୁଇ ବାଳକମାନଙ୍କୁ ଏକାଠି ନେଇ, ସେମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ କଢାଇ ଆଣିଲି ।

ମୁଁ ଆପଣଙ୍କୁ କହୁଛି, ସେ କାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି । ପରମେଶ୍ୱର ଆପଣା ବାକ୍ୟକୁ ସେହିପରି ଅଟେ ବୋଲି ପ୍ରମାଣ କରନ୍ତି ।

ଆପଣମାନେ ଲୋକମାନଙ୍କୁ ଏହା କହୁଥିବାର ଶୁଣିଥିବେ, "ଦେଖିବା ହିଁ ବିଶ୍ୱାସ କରିବା ଅଟେ ।" ତାହା ସଂପୂର୍ଣ୍ଣ ସତ୍ୟ ନୁହେଁ । ଅନେକ ଲୋକମାନେ ଦେଖନ୍ତି ଏବଂ ତଥାପି ସେମାନେ ବିଶ୍ୱାସ କରନ୍ତି ନାହିଁ ।

55 ଯେଉଁ ଦିନମାନଙ୍କରେ ଯୀଶୁ ପୃଥିବୀରେ ଥିଲେ, ସେମାନେ କାହିଁକି ତାହାଙ୍କୁ ଚିହ୍ନି ପାରିଲେ ନାହିଁ, ଯେ ସେ ପରମେଶ୍ୱରଙ୍କ ସେହି ପ୍ରକଟିତ ବାକ୍ୟ ଥିଲେ? ଲୋକମାନେ ଏହା

କାହିଁକି ବୁଝିପାରିଲେ ନାହିଁ ଯାହା ମୋଶା କହିଥିଲେ, "ସଦାପ୍ରଭୁ ତୁମ ପରମେଶ୍ୱର ମୋ ଭଳି ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ଉଠାଇବେ"? ଏବଂ ସେ ପ୍ରତ୍ୟେକ ବାକ୍ୟକୁ ପୂରଣ କରିଥିଲେ ଯାହା ବାଇବଲ କହିଥିଲା ଯେ ସେ କରିବେ, ମାତ୍ର ସେମାନେ ଏହାକୁ ବିଶ୍ୱାସ କଲେ ନାହିଁ।

56 ମାତ୍ର ପରମେଶ୍ୱର, ପ୍ରତ୍ୟେକ ଯୁଗରେ, ଆପଣା ବାକ୍ୟକୁ ସତ୍ୟ ବୋଲି ପ୍ରମାଣ କରିଛନ୍ତି। ସେ ସର୍ବଦା ଆପଣା ବାକ୍ୟକୁ ପ୍ରମାଣ କରନ୍ତି। ତାହାପରେ ସେମାନେ ବେଳେବେଳେ କୁହନ୍ତି, ଯେ, "ଦେଖିବା ହିଁ ବିଶ୍ୱାସ କରିବା ଅଟେ।" ଏହା ସେହିପରି ନୁହେଁ। ମାତ୍ର ଆମେମାନେ ଜାଣୁ ଯେ ପରମେଶ୍ୱର ଠିକ ପ୍ରତ୍ୟେକ ଯୁଗରେ ଆପଣା ବାକ୍ୟକୁ ପ୍ରମାଣ କରିବାକୁ ଯାଆନ୍ତି।

57 ଆମେମାନେ ଜାଣୁ ଯେ ସେ ଏହାକୁ ଆଦମ ଏବଂ ହବାଙ୍କଠାରେ ପ୍ରମାଣ କରିଥିଲେ, ଯେତେବେଳେ ସେ କହିଥିଲେ, "ଯେଉଁ ଦିନ ତୁମେ ତାହା ଭୋଜନ କରିବ, ସେଦିନ ତୁମେ ନିଶ୍ଚିତରେ ମରିବ।" ଆମକୁ ତାହା ସ୍ୱୀକାର କରିବାକୁ ପଡିବ, ଯେ ତାହା ସତ୍ୟ ଅଟେ। ଆମେ ତାହା ବିଶ୍ୱାସ କରୁ, କାରଣ ସେ ଏହା ଆମ ନିକଟରେ ପ୍ରମାଣ କରିଛନ୍ତି, ଏବଂ ଆମେ ଜାଣୁ ଯେ ଏହା ସତ୍ୟ ଅଟେ।

58 ବର୍ତ୍ତମାନ ଆମେମାନେ କେବଳ କେତୋଟି ସେପରି ସ୍ଥାନଗୁଡିକୁ ନେବା ଯାହାକି ପରମେଶ୍ୱର ଆପଣା ବାକ୍ୟରେ ପ୍ରମାଣ କରିଥିଲେ। ଆସନ୍ତୁ, ଉଦାହରଣ ସ୍ୱରୂପେ ନେବା, ନୋହଙ୍କ—ଙ୍କ ଦିନରେ। ପରମେଶ୍ୱର ନୋହଙ୍କୁ ଏକ ବାର୍ତ୍ତା କହିଥିଲେ ଯାହା ନିଶ୍ଚିତ ଭାବରେ ଅବୈଜ୍ଞାନିକ ଏବଂ ଅବିଶ୍ୱାସନୀୟ ଥିଲା। କେହି ହେଲେ ବିଶ୍ୱାସ କରିପାରି ନ ଥିଲେ। ଏହା ପୃଥିବୀରେ କେବେ ବି ବର୍ଷା ହୋଇ ନ ଥିଲା। ଅବୈଜ୍ଞାନିକ!

59 ସମ୍ଭବତଃ ସେଦିନଗୁଡ଼ିକ ବର୍ତ୍ତମାନ ଆମେ ରହୁଥିବା ସମୟ ତୁଳନାରେ ଅଧିକ ବୈଜ୍ଞାନିକ ଯୁଗ ଥିଲା, କାରଣ ସେମାନେ ସେହି ଦିନଗୁଡିକରେ, ପିରାମିଡ୍ ଏବଂ ସ୍ଫିନ୍‌କ୍ସ, ଏବଂ ପ୍ରଭୃତି ସବୁ ନିର୍ମାଣ କରିଥିଲେ, ଯାହାକି ଆମେମାନେ ବର୍ତ୍ତମାନ ନିର୍ମାଣ କରିପାରିବା ନାହିଁ। ସେମାନେ ଏପରି ଏକ ଶକ୍ତି, ଏକ ପ୍ରକାର ଯାନ୍ତ୍ରିକ ଶକ୍ତି ସହିତରେ ପରିଚିତ ଥିଲେ, ବୋଧହୁଏ ପରମାଣୁ କିମ୍ୱା ସେପରି କିଛି ସହିତ, ଯାହା ସାହାଯ୍ୟରେ ସେମାନେ ସେହି ବଡ ବଡ଼ ଶୈଳ ଖଣ୍ଡଗୁଡିକୁ ଉଠାଇ ପାରୁଥିଲେ, ଯାହାକି ଆମେମନେ ଆଜି କରିପାରିବା ନାହିଁ। ମାତ୍ର ସେମାନେ ବହୁତ ମହାନ୍ ବୈଜ୍ଞାନିକ ବିଷୟଗୁଡିକୁ ସାଧନ କରିଥିଲେ। ସେମାନଙ୍କ ପାଖରେ ଏପରି କିଛି ବିଷୟ ଥିଲା ଯାହା ଦ୍ୱାରା ସେମାନେ ଗୋଟିଏ ଶରୀରକୁ ମସଲାଯୁକ୍ତ ଲେପନ କରୁଥିଲେ, ଯେପରିକି ତାହା ଶହ ଶହ ବର୍ଷ ଧରି ପ୍ରାକୃତିକ ଦେଖାଯାଉଥିଲା। ଆମେ ସେହି କଳାକୁ ହରାଇ ଦେଇଛୁ।

60 ଯୀଶୁ କହିଲେ, "ଯେପରି ତାହା ନୋହଙ୍କ ଦିନରେ ଥିଲା, ତାହା ମନୁଷ୍ୟପୁତ୍ରଙ୍କ ଆଗମନରେ ମଧ୍ୟ ରହିବ।" ଏବଂ ଆମେମାନେ ଜାଣୁ ଯେ ଆମକୁ ଅନ୍ୟ ଏକ ମହାନ ବୈଜ୍ଞାନିକ ଯୁଗ ମଧ୍ୟକୁ ପ୍ରବେଶ କରିବାକୁ ଅଛି।

61 ଏବଂ ବର୍ତ୍ତମାନ ସେହି ବାର୍ତ୍ତା ଯାହା ନୋହଙ୍କ ପାଖରେ ଥିଲା ତାହା ସେହି ଦିନର ମଣ୍ଡଳୀରେ, ଥିବା ବିଶ୍ୱାସର କେତେ ବିରୁଦ୍ଧାତ୍ମକ ଥିଲା, ଏବଂ ଏହା ସେହି ବୈଜ୍ଞାନିକ ଅନୁସନ୍ଧାନର ମଧ୍ୟ କେତେ ବିପରୀତାର୍ଥକ ଥିଲା । ମାତ୍ର ପରମେଶ୍ୱର ଆପଣା ବାକ୍ୟକୁ ସତ୍ୟ ବୋଲି ପ୍ରମାଣ କରିଥିଲେ । ପରମେଶ୍ୱର ପ୍ରମାଣ କରିଥିଲେ ଯେ ଯାହା ସେହି ଭବିଷ୍ୟଦ୍‌ବକ୍ତା କହିଥିଲେ ତାହା ସତ୍ୟ ଅଟେ ।

62 ଆହୁରି ମଧ୍ୟ ଆମେମାନେ କିଛି କ୍ଷଣ ପାଇଁ ଆଉ ଗୋଟିଏକୁ ନେବା । ଅବ୍ରହାମ ପ୍ରଭୁଙ୍କର ଆଉ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ, ଯାହାଙ୍କ ପାଖକୁ ବାକ୍ୟ ଆସିଥିଲା । ଏବଂ ତାଙ୍କୁ କହିଥିଲା, ଯେତେବେଳେ ସେ ପଞ୍ଚ-ସତୁରି ବର୍ଷର ଥିଲେ, ଏବଂ ସାରା ପଇଁ-ଷାଠିଏ ବର୍ଷ ବୟସର ଥିଲେ, ଯେ ସେ ସାରାଙ୍କ ଦ୍ୱାରା ଏକ ସନ୍ତାନ ଲାଭ କରିବାକୁ ଯାଉଛନ୍ତି । ତେବେ, ତାହା ଜଣେ ଅବିଶ୍ୱାସୀ ପାଇଁ କେତେ ଏକ ବ୍ୟାଘାତର ବିଷୟ ଥିଲା । କଅଣ ଆପଣ ଆଜି, କଳ୍ପନା କରିପାରନ୍ତି, ଯେ ଏପରି ଏକ ବିଷୟ ଆଜିର ଦିନରେ ମଧ୍ୟ ଘଟି ପାରିବ, ଆମର ସମସ୍ତ ବୈଜ୍ଞାନିକ ସଫଳତା ରହିଥିବା ସହିତ, ଏବଂ ଏହି ସମସ୍ତ ଟେଷ୍ଟ୍-ଟ୍ୟୁବ୍ ଶିଶୁମାନଙ୍କ ସହିତ ଯାହା ବିଷୟରେ ସେମାନେ କଥାବାର୍ତ୍ତା କରନ୍ତି, ଓ ଇତ୍ୟାଦି ସବୁ? ମାତ୍ର ଏହି ବୃଦ୍ଧ ସ୍ତ୍ରୀଲୋକ, ଯିଏକି ବର୍ତ୍ତମାନ ପଇଁ-ଷାଠିଏ ବର୍ଷର, ଏବଂ ପଞ୍ଚ-ସତୁରି ବର୍ଷ ବୟସ୍କ ଜଣେ ବୃଦ୍ଧ ଲୋକ, ମାତ୍ର ପ୍ରଭୁଙ୍କ ବାକ୍ୟ ଅବ୍ରହାମଙ୍କ ନିକଟକୁ ଆସିଲା ଓ ତାଙ୍କୁ କହିଲା ଯେ ଏହା ଘଟିବାକୁ ଯାଉଅଛି । ଏବଂ ଅବ୍ରହାମ ପରମେଶ୍ୱରଙ୍କଠାରେ ବିଶ୍ୱାସ କରିଥିଲେ । ତେବେ, ଯାଏ ଆସେ ନାହିଁ ଯେ ପରମେଶ୍ୱର କେତେ ଅଧିକ କହିଥିଲେ, ଏବଂ ଏହା କେତେ ସତ ଥିଲା, ଅବ୍ରହାମଙ୍କୁ ତାହା ବିଶ୍ୱାସ କରିବାକୁ ପଡିଥିଲା ଯାହା ପରମେଶ୍ୱର କହିଥିଲେ, ଯେପରିକି ଏହାକୁ ସଫଳ କରାଯାଏ । ତେବେ ଦେଖନ୍ତୁ ଯେ ସେହି ବ୍ୟକ୍ତିଟିକୁ ତାଙ୍କର ସାକ୍ଷ୍ୟ ସହିତ, ଯାହା ସେ ବିଶ୍ୱାସ କରୁଥିଲେ, କିପରି ପରୀକ୍ଷିତ କରା ଯାଇଥିଲା ।

63 ସେହି ସମାନ ବ୍ୟକ୍ତି ଯିଏକି ସେହି ସ୍ୱୀକାରୋକ୍ତିକୁ କରିଥିଲେ, ଯେ ସେ ପରମେଶ୍ୱରଙ୍କୁ ବିଶ୍ୱାସ କରନ୍ତି, ସେ ତ ଆଜି ରାତି ଏଠାରେ ବସିଥିବା, ଆପଣଙ୍କ ପରି ଜଣେ ବ୍ୟକ୍ତି ଅଟନ୍ତି । ଆମେ ତଥାପି ପରମେଶ୍ୱରଙ୍କୁ ବିଶ୍ୱାସ କରୁ । ଆମକୁ ଏହା ବିଶ୍ୱାସ କରିବାକୁ ଅଛି ଯେ ତାହାଙ୍କର ବାକ୍ୟ ସତ୍ୟ ଅଟେ । ଏବଂ ସେ ଏହାକୁ ପ୍ରମାଣ କରିବେ, ଯେ ଏହା ସତ୍ୟ ଅଟେ, ଯଦି ଆମେମାନେ କେବଳ ଏହାକୁ ବିଶ୍ୱାସ କରିବା ।

64 ତେବେ ଅବ୍ରହାମଙ୍କର ଯେଉଁ ପ୍ରତିବନ୍ଧକ ଥିଲା ତାହା ଦେଖନ୍ତୁ । ପ୍ରଥମ ବିଷୟ ହେଲା ତାଙ୍କର ବୟସ, ପଞ୍ଚ-ସତୁରି ବର୍ଷ ବୟସ୍କ, ଏବଂ ସାରାଙ୍କୁ ପଇଁ-ଷାଠିଏ ବର୍ଷ ହୋଇଥିଲା । ସେ ଜୀବନର ପରିବର୍ତ୍ତନ, ଋତୁସ୍ରାବକୁ ଅତିକ୍ରମ କରିସାରିଥିଲେ । ନିଃସନ୍ଦେହ ଅନେକ ବର୍ଷ ପୂର୍ବରୁ, ତାହା କ୍ଷାନ୍ତ ହୋଇଥିଲା । ଅବ୍ରହାମଙ୍କ ସହିତ ସେ ଜଣେ ପତ୍ନୀ ଭାବରେ ରହି ଆସିଥିଲେ । ଏହା ଅବ୍ରହାମଙ୍କର ଅଧା ଭଉଣୀ ଥିଲେ, ସମ୍ଭବତଃ ଯେତେବେଳେ ସେ କିଶୋରାବସ୍ଥାରେ ଥିଲେ ଅବ୍ରହାମ ତାଙ୍କୁ ଗ୍ରହଣ କରି ନେଇଥିଲେ, ଏବଂ ତାଙ୍କୁ ବିବାହ

କରିଥିଲେ। ଏବଂ ତାଙ୍କର କୌଣସି ସନ୍ତାନ ନ ଥିଲା। ସେ ସଂପୂର୍ଣ୍ଣ ବନ୍ଧ୍ୟା ଥିଲେ। ଏବଂ ବର୍ତ୍ତମାନ ଆମେମାନେ ପାଉ ଯେ, ଏହା କରିବା ପାଇଁ, ତାଙ୍କୁ ଆପଣାକୁ ସେସମସ୍ତ ଲୋକମାନଙ୍କଠାରୁ ପୃଥକ କରିବାକୁ ପଡ଼ିଥିଲା ଯେଉଁମାନେକି ଏହାକୁ ବିଶ୍ୱାସ କରୁ ନ ଥିଲେ, ଯେପରିକି ଏହା ସଫଳ କରା ହୁଏ।

65 ମୋର କହିବାର ଅର୍ଥ ଏହା ନୁହେଁ ଯେ ଆପଣଙ୍କୁ ନିଜକୁ ଲୋକମାନଙ୍କଠାରୁ ଅଲଗା କରିବାକୁ ହେବ। ମାତ୍ର ଆପଣଙ୍କୁ ଅବିଶ୍ୱାସର ସମସ୍ତ ବାଜେ କଥାଠାରୁ ନିଜକୁ ଅଲଗା କରିବାକୁ ପଡିବ, ଏବଂ ସେଥିରୁ ଦୂରେଇ ରହିବାକୁ ପଡିବ। ଯେତେବେଳେ ଲୋକମାନେ କୁହନ୍ତି, "ଆହା, ସେହି ଜିନିଷଗୁଡିକ ଘଟେ ନାହିଁ! ତାହା ତ ମାନସିକଗ୍ରସ୍ତ ଲୋକମାନଙ୍କର ଏକ ସମୂହ ଅଟେ! ସେହିପରି କୌଣସି ଏକ ଘଟଣା ଘଟୁ ନାହିଁ," କେବଳ ନିଜର କାନ ବନ୍ଦ କରନ୍ତୁ ଏବଂ ଚାଲିଯାଆନ୍ତୁ। ଏଥି ପ୍ରତି କୌଣସି ଧ୍ୟାନ ଦିଅନ୍ତୁ ନାହିଁ।

66 ବାଇବଲ କୁହେ ଯେ "ଅବ୍ରହାମ ଅବିଶ୍ୱାସ ଦ୍ୱାରା, ପରମେଶ୍ୱରଙ୍କ ପ୍ରତିଜ୍ଞାରେ ଝୁଣ୍ଟି ପଡିଲେ ନାହିଁ; ବରଂ, ବଳବାନ ହୋଇ, ପରମେଶ୍ୱରଙ୍କୁ ପ୍ରଶଂସା କରିଥିଲେ।" ତାଙ୍କର ନାମ ଅବ୍ରାମରୁ ଅବ୍ରହାମଙ୍କୁ ପରିବର୍ତ୍ତିତ ହୋଇଥିଲା, ସେହି ନାମର ପରିବର୍ତ୍ତନ ହିଁ ତାଙ୍କର ନାମକୁ, "ଜାତି ଜାତିର ପିତା" ବୋଲି ଦେଇଥିଲା। କଅଣ ଆପଣ କଳ୍ପନା କରିପାରିବେ ଯେ ଜଣେ ବ୍ୟକ୍ତି ଯିଏକି ନିଜର ପତ୍ନୀ, ତାଙ୍କ ପ୍ରିୟତମାଙ୍କ ସହିତ ରହି ଆସିଛନ୍ତି, ଯେ ସେ ବର୍ତ୍ତମାନ ତାଙ୍କ ସହିତ ଏତେ ବର୍ଷ ଧରି ରହିଆସିଛନ୍ତି, ଏବଂ ବର୍ତ୍ତମାନ ଅଶୀ ବର୍ଷ ବୟସର ପାଖାପାଖୀରେ, ଏବଂ ତାଙ୍କ ପତ୍ନୀ ସତୁରି ବର୍ଷ ବୟସରେ, ଏବଂ ତଥାପି ଗୋଟିଏ ବି ସନ୍ତାନ ବିନା କିମ୍ବା କୌଣସି ସନ୍ତାନର ଆଶା ହିଁ ବିନା, ତଥାପି ସେ ଦାବି କରିଥିଲେ ଯେ ସେ "ଜାତି ଜାତିର ପିତା" ଥିଲେ। କଅଣ ଆପଣ ତାଙ୍କର ସମ୍ପର୍କୀୟ ଲୋକମାନଙ୍କର ସମାଲୋଚନା ବିଷୟକୁ କଳ୍ପନା କରିପାରିବେ କି ଯେଉଁମାନେ କହିଥିଲେ, "ଯେ ଜାତି ଜାତିର ପିତା, ବର୍ତ୍ତମାନ ଏହି ସମୟରେ ତୁମର କେତେ ସନ୍ତାନମାନେ ଅଛନ୍ତି?" ଏବଂ ତାଙ୍କୁ ଏହି ସମସ୍ତ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା!

67 ମାତ୍ର ଅବ୍ରହାମ ଅବିଶ୍ୱାସ ହେତୁ, ଆଦୌ କୌଣସିଠାରେ ଝୁଣ୍ଟି ପଡିଲେ ନାହିଁ। ସେ ବିଶ୍ୱାସ କରିଥିଲେ ଯେ ପରମେଶ୍ୱର ଯାହା ପ୍ରତିଜ୍ଞା କରିଛନ୍ତି ତାହା ସେ ପୂରଣ କରିବାକୁ ସକ୍ଷମ ଅଟନ୍ତି, ଯେ ପରମେଶ୍ୱର ଆପଣା ବାକ୍ୟକୁ ପ୍ରମାଣ କରନ୍ତି, ଯାଏ ଆସେ ନାହିଁ ଯେ ଏହା କେତେ ସମୟ ଲାଗେ। ମାତ୍ର ପ୍ରତ୍ୟେକ ଥର ଦୁର୍ବଳ ହେବା ପରିବର୍ତ୍ତେ, ଯେପରିକି ଆମେ ହେବାକୁ ପ୍ରବୃତ୍ତ ଅଟୁ, ସେ ସବୁ ସମୟରେ ଶକ୍ତିଶାଳୀ ହୋଇ ଚାଲିଲେ। "ଯଦି ତାହା ଆଜି ନ ହେଲା, ତେବେ ଆସନ୍ତାକାଲି ଏହା ଏକ ଅଧିକ ବଡ଼ ଚମତ୍କାର ହେବ, କାରଣ ଏହା ଗୋଟିଏ ଦିନ ପୁରୁଣା ଅଟେ।" ତାହା ପରମେଶ୍ୱର ଥିଲେ, ତାହା ଅବ୍ରହାମଙ୍କଠାରେ ସେହି ପରମେଶ୍ୱର ଥିଲେ, କାରଣ ସେ ଜାଣିଥିଲେ ଯେ ପରମେଶ୍ୱର ତାହାଙ୍କର ସମସ୍ତ ବାକ୍ୟକୁ ସେହିପରି ଅଟେ ବୋଲି ପ୍ରମାଣିତ କରନ୍ତି।

ଯଦି ତାହାଙ୍କର ସନ୍ତାନମାନେ କେବଳ ତାହାଙ୍କ ବାକ୍ୟକୁ ଗ୍ରହଣ କରିବେ, ଯେଣୁ ସେ ଏହାକୁ ଆପଣଙ୍କ ଦ୍ୱାରା ପ୍ରମାଣ କରିପାରନ୍ତି! ତାହାହିଁ ଏକମାତ୍ର ଉପାୟ ଅଟେ ଯେ ସେ ତାହାଙ୍କର ବାକ୍ୟକୁ ପ୍ରମାଣ କରିପାରନ୍ତି ।

ସେ ଏହାକୁ ଅବିଶ୍ୱାସୀମାନଙ୍କଠାରେ ପ୍ରମାଣ କରନ୍ତି ନାହିଁ । ସେଗୁଡିକ ପ୍ରମାଣିତ କରା ଯାଇପାରେ ନାହିଁ; ସେମାନେ ଅବିଶ୍ୱାସୀ ଅଟନ୍ତି । ମାତ୍ର, ଏହା ଅବିଶ୍ୱାସୀମାନଙ୍କ ପାଇଁ ନୁହେଁ । ଏହା ଅବିଶ୍ୱାସୀମାନଙ୍କ ପାଇଁ ନୁହେଁ ।

68 ଏହା ତ ତାଙ୍କ ପାଇଁ ଅଟେ ଯିଏକି ବିଶ୍ୱାସ କରେ । ଏବଂ ଯଦି ସେ ଏପରି ଜଣେ ବ୍ୟକ୍ତିଙ୍କୁ ପାଇପାରନ୍ତି ଯିଏକି ତାହାଙ୍କର ବାକ୍ୟକୁ ବିଶ୍ୱାସ କରିବେ, ତାହାହେଲେ ସେ ନିଜର ବାକ୍ୟକୁ ଆପଣଙ୍କ ଦ୍ୱାରା ପ୍ରମାଣ କରିବେ । ଏବଂ ବେଳେବେଳେ ଅସୁସ୍ଥତା ଏବଂ ବିଷୟଗୁଡିକ ଆମ ପ୍ରତି ସେହିପରି ଭାବରେ ଘଟିଥାଏ, ଯେପରିକି ପରମେଶ୍ୱର ଆପଣାକୁ ପ୍ରମାଣ କରିପାରନ୍ତି ।

କଅଣ ଆପଣଙ୍କୁ ସେହି ଅନ୍ଧ ବ୍ୟକ୍ତିଙ୍କ ବିଷୟ ମନେ ଅଛି କି ଯାହାଙ୍କୁ ଯୀଶୁ ପାଇଥିଲେ? ସେମାନେ କହିଲେ, "କିଏ ପାପ କଲା, ସେ ନା ତାଙ୍କ ପିତା, ତାଙ୍କ ମାତା?"

69 ସେ କହିଲେ, "ଏହି ମାମଲାରେ, କେହି ନୁହଁ, ମାତ୍ର ପରମେଶ୍ୱରଙ୍କ କାର୍ଯ୍ୟସକଳ ଯେପରି ପ୍ରକଟିତ ହୋଇପାରେ ।" ଦେଖନ୍ତୁ, ଏହା ସେହି ବାଳକ ସହିତ ଏଇଥି ପାଇଁ ଘଟିଲା ଯେପରିକି ଯୀଶୁ ମହିମାନ୍ୱିତ କରା ଯାଇପାରିବେ । ବେଳେବେଳେ ଅସୁସ୍ଥତା ଏକ ଅଭିଶାପ ନୁହେଁ, ଏହା ଏକ ଆଶୀର୍ବାଦ ଅଟେ, ଯେପରିକି ଆମେମାନେ ଆମର ବିଶ୍ୱାସକୁ ସେଠାରେ ଉପସ୍ଥାପିତ କରିପାରୁ ଏବଂ ସେହି ବିଷୟଗୁଡିକୁ ଯାହାକି ନ ଥାଏ ଏପରି ଡାକିପାରୁ, ଯେପରିକି ସେଗୁଡ଼ିକ ରହିଥିଲା । ପରମେଶ୍ୱର ଏହା କହିଛନ୍ତି, ଏବଂ ସେ ଏହାକୁ ଯଥାର୍ଥ ବୋଲି ପ୍ରମାଣ କରିବେ ଯଦି ଆପଣ ପରୀକ୍ଷା ସମୟରେ ଦୁର୍ବଳ ହେବେ ନାହିଁ ।

70 ସେ ଥରେ, ଆୟୁବକୁ ପ୍ରମାଣସିଦ୍ଧ କରି ପାରିଥିଲେ, ଯେ ସେ ତାହାଙ୍କୁ ତାହାଙ୍କ ମୁଖରେ ଅଭିଶାପ ଦେବେ ନାହିଁ । ସେହି ପରୀକ୍ଷାକୁ ଦେଖନ୍ତୁ ଯାହା ଦେଇ ଆୟୁବ ଗତି କରିଥିଲେ । ମାତ୍ର ସେଠାରେ ଠିକ ମୃତ୍ୟୁର କବଳରେ ରହିବା ସତ୍ତ୍ୱେ, ସେ ତଥାପି କହିଲେ, "ପ୍ରଭୁ ଦେଇଥିଲେ, ପ୍ରଭୁ ନେଲେ, ପ୍ରଭୁଙ୍କର ନାମ ଧନ୍ୟ ହେଉ!" ସେ ନିଶ୍ଚିତରେ ଏହାକୁ ବିଶ୍ୱାସ କରିଥିଲେ । ପରମେଶ୍ୱର ତାହାଙ୍କର ବାକ୍ୟକୁ ଆୟୁବଙ୍କଠାରେ ପ୍ରମାଣିତ କରିଥିଲେ । ସେ ଏହାକୁ ଅବ୍ରହାମଙ୍କ ନିକଟରେ ପ୍ରମାଣିତ କରିଥିଲେ । ସେ ଏହାକୁ ତାହା ବୋଲି ପ୍ରମାଣିତ କରିଥିଲେ ।

71 ଆହୁରି ମଧ୍ୟ ସେ ଏହାକୁ ମୋଶାଙ୍କ ଦ୍ୱାରା ପ୍ରମାଣିତ କରିଥିଲେ । ଏବଂ ଯେତେବେଳେ ମୋଶା, ଯେତେବେଳେ ଅସୁବିଧା ତାଙ୍କ ବିରୁଦ୍ଧରେ ଅତ୍ୟଧିକ ଥିଲା, ମୋଶା ନିଜ ମନରେ ଏହି ବିଷୟକୁ ରଖିଥିଲେ, ଯେ ସମ୍ଭବତଃ, ଜଣେ ଉଦ୍ଧାରକର୍ତ୍ତା ହେବେ, ଯାହାକି ତାଙ୍କ ମାଆ ହୁଏତ ତାଙ୍କୁ କହିଥିଲେ ଯେ ସେ ଏକ ସୁନ୍ଦର ବାଳକ ଭାବରେ ଜନ୍ମ ହୋଇଛନ୍ତି । ସେ—ସେ ତାଙ୍କର ଶିକ୍ଷକ ଥିଲେ ଯିଏକି ତାଙ୍କୁ ଫାରୋଙ୍କ ପ୍ରାସାଦରେ ପ୍ରତିପାଳନ କରିଥିଲେ, ଏଥିରେ

ସନ୍ଦେହ ନାହିଁ ଯେ ତାଙ୍କୁ କହିଥିବେ, “ପୁତ୍ର, ଆମେମାନେ ପ୍ରାର୍ଥନା କରିଛୁ ଯେ ଆମେ ମୁକ୍ତ କରାଯିବୁ, ଏବଂ ଆମେ ବିଶ୍ୱାସ କରୁ ଯେ ତୁମେ ହିଁ ସେହି ଶିଶୁ ଅଟ ଯାହାକୁ ପରମେଶ୍ୱର ମୁକ୍ତ କରିବା ନିମନ୍ତେ ବ୍ୟବହାର କରିବେ।” ଏବଂ ତାହାପରେ ଯେତେବେଳେ ସେ…

72 ଦେଖନ୍ତୁ, ସେ ବୃଦ୍ଧି ସାଧନ କଲେ ଏବଂ ଫାରୋଙ୍କ କନ୍ୟାର ସେହି—ର ସେହି ପୁତ୍ର ହେବାକୁ ଥିଲେ, ଏବଂ ଆମେମାନେ ପାଉ ଯେ ତାଙ୍କୁ ସିଂହାସନର ଉତ୍ତରାଧିକାରୀ ହେବାର ଥିଲା। କାହିଁକି, ନିଃସନ୍ଦେହ ଏହା ସେତେବେଳେ ସେମାନଙ୍କ ମନରେ ଥିଲା, ଯେ ସେ ପରବର୍ତ୍ତୀ ଫାରୋ ହେବେ, “ଏବଂ ପରବର୍ତ୍ତୀ ଫାରୋ ହେବା ଦ୍ୱାରା, ସେ ସେହିପରି ଭାବରେ ଲୋକମାନଙ୍କୁ ଉଦ୍ଧାର କରିବେ।” ମାତ୍ର ପରମେଶ୍ୱରଙ୍କର ରହିଥିଲା…ଯଦି ତାହା ସେହିପରି ହୋଇଥାଆନ୍ତା, ତେବେ ସେ ଏହାକୁ କୌଣସି ଏକ ବସ୍ତୁ ମାଧ୍ୟମରେ, ରାଜନୀତିର ଏକ—ଏକ—ଏକ କାର୍ଯ୍ୟ ମାଧ୍ୟମରେ ସାଧନ କରିଥାଆନ୍ତେ। ମାତ୍ର ପରମେଶ୍ୱର ସର୍ବଦା ସେହିପରି ଭାବରେ କାମ କରନ୍ତି ନାହିଁ।

73 ପରମେଶ୍ୱରଙ୍କ ପାଖରେ ତାହାଙ୍କର ନିଜର କାର୍ଯ୍ୟ କରିବାର ଉପାୟମାନ ରହିଛି, ଏବଂ ସେ କହିଲେ ଯେ ସେ “ସେମାନଙ୍କୁ ବାହାର କରି ଆଣିବେ।” ସେ ଅବ୍ରହାମଙ୍କୁ କହିଲେ, “ଚାରି ଶହ ବର୍ଷ ପରେ,” ସେ “ସେମାନଙ୍କୁ ଏକ ଶକ୍ତିଶାଳୀ ହସ୍ତରେ, ବାହାର କରି” ଆଣିବେ, ସେ “ଚିହ୍ନ ଏବଂ ଆଶ୍ଚର୍ଯ୍ୟକର୍ମମାନ” ଦେଖାଇବେ। ତେଣୁ ସେ ଏହାକୁ ସେହିପରି ଭାବରେ କରିପାରିବେ ନାହିଁ, ତେଣୁ ଅବ୍ର-…ଆମେମାନେ ପାଉ ଯେ ଅବ୍ରହାମ ପରମେଶ୍ୱରଙ୍କୁ ବିଶ୍ୱାସ କରିଥିଲେ, ଏବଂ ଏଠାରେ ମୋଶା ବର୍ତ୍ତମାନ ପରମେଶ୍ୱରଙ୍କୁ ବିଶ୍ୱାସ କରୁଛନ୍ତି।

74 ଏବଂ ଫାରୋ ଯେଉଁ ଝରକା ଦେଇ ଦେଖିଥିଲେ, ମୋଶା ସେହି ସମାନ ଝରକା ଦେଇ, ସେହି ସମାନ ଲୋକମାନଙ୍କୁ ଦେଖିଥିଲେ। ଯେତେବେଳେ ଫାରୋ ସେମାନଙ୍କୁ ଏପରି ଭାବରେ ଦେଖିଥିଲେ, ଯଥା, “ଏକ ଅଭିଶପ୍ତ ଲୋକ, ଏପରି ଲୋକ ଯେଉଁମାନେକି ପରମେଶ୍ୱରଙ୍କ ନିମନ୍ତେ, ଦଳେ ଧର୍ମୋନ୍ମତ୍ତ ଲୋକଙ୍କର ଛଡା ଆଉ କିଛି ନ ଥିଲେ, ଏବଂ କୌଣସିଠାରେ ରହିଥିବା ଏପରି ମରୁଭୂମି ପରମେଶ୍ୱର ଯାହାଙ୍କ ବିଷୟରେ ସେମାନେ କିଛି ହେଲେ ଜାଣି ନ ଥିଲେ; ଏପରି କୌଣସି ଅଦୃଶ୍ୟ ଖମ୍ବ ଯାହାକୁ ସେମାନେ ପ୍ରାର୍ଥନା କରିଥିଲେ, ଯାହା ସହିତ ସେଠାରେ କିଛି ହେଲେ ନ ଥିଲା। ସେମାନେ ଦଳେ ଧର୍ମୋନ୍ମତ୍ତ ଲୋକମାନେ ଅଟନ୍ତି। ଏବଂ ସେମାନେ ଦଳେ କ୍ରୀତଦାସ ଥିଲେ। ଏବଂ ସେମାନଙ୍କ ପରମେଶ୍ୱର ସେମାନଙ୍କୁ କ୍ରୀତଦାସ ହେବା ପାଇଁ ଦେଇଥିଲେ, ଯାହାକି ଏହା ପ୍ରମାଣ କରୁଥିଲା ଯେ ସେ ପରମେଶ୍ୱର ନୁହଁନ୍ତି।”

75 ଏବଂ ସମଗ୍ର ବିଷୟର ଠିକ ମଧ୍ୟରେ, ସେ ଠିକ ସେହି ବ୍ୟକ୍ତିଙ୍କୁ ପ୍ରତିପାଳନ କରୁଥିଲେ। ପରମେଶ୍ୱର ଠିକ ସେମାନଙ୍କ ଅଧୀନରେ, ବିଷୟଗୁଡିକୁ ଏପରି ଅଦ୍ଭୁତ ଉପାୟରେ କାର୍ଯ୍ୟକାରୀ କରିଥିଲେ। ଜଣେ ଧର୍ମଶାସ୍ତ୍ରୀ ନୁହେଁ, ଜଣେ ଶିକ୍ଷକ ନୁହେଁ, ଜଣେ ପୁରୋହିତ ନୁହେଁ, କିଅବା ସେମାନଙ୍କର ପବିତ୍ର ପୁରୁଷମାନଙ୍କ ମଧ୍ୟରୁ ଜଣେ ନୁହେଁ; ମାତ୍ର କେବଳ

ଜଣେ ସାଧାରଣ ଲୋକ, ଯିଏକି ସେହି କାର୍ଯ୍ୟ ନିମନ୍ତେ ଜନ୍ମ ହୋଇଥିଲେ । ଏବଂ ପରମେଶ୍ୱର ତାଙ୍କୁ ଆପଣାର ଭବିଷ୍ୟଦ୍‌ବକ୍ତା ହେବା ନିମନ୍ତେ ଡାକିଥିଲେ, ଓ ତାଙ୍କୁ ସେଠାରେ ତଳକୁ ପଠାଇଥିଲେ । ଏବଂ ଏପରି ଏକ ସୈନ୍ୟଦଳ, ଏପରି ଯନ୍ତ୍ରଚାଳିତ ଗୋଷ୍ଠୀ ଯାହାକି ସମଗ୍ର ବିଶ୍ୱକୁ ଜୟ କରିଥଲା, ତାକୁ ସମ୍ମୁଖିନ ହେବା ପାଇଁ ତାଙ୍କ ହାତରେ ଏକ ବଙ୍କୁଲି ବାଡ଼ି ଛଡା ଆଉ କିଛି ନ ଥିଲା । ମାତ୍ର ତାଙ୍କ ହାତରେ ସେହି ବାଡ଼ିଟି ଧରି, ଠିକ ଯେପରି ପରମେଶ୍ୱର ତାଙ୍କୁ ସେହି ବାଡ଼ିଟି ଧରି ରଖିବାକୁ କହିଥିଲେ ଏବଂ ସେ ଇସ୍ରାଏଲକୁ ଉଦ୍ଧାର କରିବେ, ଆଉ ସେ ତଳକୁ ଗଲେ ଏବଂ ତାହା ସାଧନ କଲେ କାରଣ ପରମେଶ୍ୱର ତାହା ପ୍ରତିଜ୍ଞା କରିଥିଲେ । ସେ ଏହାକୁ କିପରି କରିବାକୁ ଯାଉଛନ୍ତି? "ମୁଁ ତୁମ ସହିତରେ ରହିବି ।"

ସେ କହିଲେ, "ହେ ପ୍ରଭୁ, ମୋତେ ତୁମର ମହିମା ଦେଖାଅ । ମୁଁ ଜଡ଼ଜିହ୍ୱା ଅଟେ । ମୁଁ ଠିକ୍ ଭାବରେ କଥାବାର୍ତ୍ତା କରିପାରେ ନାହିଁ । ଏବଂ ମୁଁ…" ତାଙ୍କ ପାଖରେ ଲକ୍ଷ ଲକ୍ଷ ବାହାନା ଥିଲା ।

76 ମାତ୍ର ସେ କହିଲେ, "ମୁଁ ତୁମ ସହିତରେ ରହିବି ।" ଏବଂ ତାହାହିଁ ସବୁକିଛି ଯାହାକି ଏହା ଆବଶ୍ୟକ କରୁଥିଲା । ସେ ପରମେଶ୍ୱରଙ୍କ ବାକ୍ୟକୁ ନେଇ, ଅଗ୍ରସର ହେଲେ । ଯାଏ ଆସେ ନାହିଁ ଯେ ସେହି କାର୍ଯ୍ୟଟି କେତେ ବିପଜ୍ଜନକ ମନେ ହେଉଥିଲା, ମୋଶା ପରମେଶ୍ୱରଙ୍କୁ ବିଶ୍ୱାସ କରିବା ଜାରି ରଖିଲେ । ଏବଂ ପରମେଶ୍ୱର ତାହାଙ୍କର ବାକ୍ୟକୁ, ମୋଶାଙ୍କ ଜରିଆରେ, ସତ୍ୟ ବୋଲି ପ୍ରମାଣ କରିଥିଲେ । କାରଣ, ଯାହା ବି ଘଟିଲା ତାର ନିର୍ବିଶେଷରେ, ମୋଶା ଠିକ ବାକ୍ୟ ସହିତରେ ଲାଗି ରହିଥିଲେ । ସେହି ଯାତ୍ରାର ସମୟରେ…

77 ପରମେଶ୍ୱର ତଳେ ମିସରରେ, ମଧ୍ୟ, ସେମାନଙ୍କୁ କହିଥିଲେ, ଯେ ସେ ସେମାନଙ୍କୁ ଉଦ୍ଧାର କରିବେ, "ଏପରି ଏକ ପ୍ରତିଜ୍ଞାତ ଦେଶ ମଧ୍ୟକୁ ନେଇଯିବେ, ଏକ ଉତ୍ତମ ଭୂମିକୁ, ଯାହାକି ଦୁଗ୍ଧ ଏବଂ ମଧୁରେ ପରିପୂର୍ଣ୍ଣ ଅଟେ ।" ଏବଂ ଏହା ଅବିକଳ ଭାବରେ ସେଠାରେ ଥିଲା । ସେମାନେ ଜାଣି ନ ଥିଲେ ଯେ ଏହା ସେଠାରେ ଅଛି, ମାତ୍ର ସେ କହିଲେ, "ଏହା ସେଠାରେ ଅଛି, ଏବଂ ମୁଁ ଏହାକୁ ତୁମକୁ ଦେଇଅଛି । ଏହା ତ ତୁମର ଅଟେ, କେବଳ ଯାଇ ଏହାକୁ ଦାବି କର!"

78 ଏବଂ ପ୍ରାନ୍ତରରେ, ଯେତେବେଳେ ସେମାନଙ୍କ ମଧ୍ୟରୁ ଅନେକେ, ଆତ୍ମାରେ ନୃତ୍ୟ କରି ବାହାରି ଆସିଥିଲେ, ଯେତେବେଳେ ମରିୟମ ଦାରାବାଦ୍ୟ ବଜାଇଥିଲେ; ସ୍ୱର୍ଗରୁ ମାନ୍ନା ଭୋଜନ କରିଥିଲେ; ମୋଶାଙ୍କୁ ଆତ୍ମାରେ ଗୀତ ଗାନ କରୁଥିବାର ଶୁଣିଥିଲେ; ଚମତ୍କାର ଏବଂ ଚିହ୍ନଗୁଡିକ ହେବାର ଦେଖିଥିଲେ । ମାତ୍ର ଯେତେବେଳେ ଏହା ଏକ ଚରମ ପରାକାଷ୍ଠାକୁ ଆସିଲା, ଯେ ପରମେଶ୍ୱରଙ୍କ ସମ୍ପୂର୍ଣ୍ଣ ବାକ୍ୟକୁ, ସମସ୍ତ ପ୍ରତିଜ୍ଞାକୁ ବିଶ୍ୱାସ କରାଯାଏ, ସେତେବେଳେ ସେମାନେ ବିଫଳ ହେଲେ ।

ସେମାନଙ୍କ ମଧ୍ୟରୁ କେବଳ ଦୁଇଜଣ ଏହାକୁ ବିଶ୍ୱାସ କରିଥିଲେ, ତାହା ଯିହୋଶୂୟ ଏବଂ କାଲେବ ଥିଲେ । ଏବଂ ସେମାନେ ଏହାର ପ୍ରମାଣ ନେଇକରି ଆସିଥିଲେ ଯେ ସେହି ଦେଶଟି ଉତ୍ତମ ଅଟେ ।

79 ମାତ୍ର, ସେହି ପରିସ୍ଥିତିମାନ ଥିଲା, ତାହାହିଁ ଥିଲା ଯାହାକି ସେମାନଙ୍କୁ ବାଧା ଦେଇଥିଲା। କାରଣ, ସେମାନେ କହିଥିଲେ, "ଆମେ ସେହି ଦେଶକୁ ଅଧିକାର କରିବାକୁ ସକ୍ଷମ ନୋହୁଁ, କାରଣ ସେମାନଙ୍କର ନଗରଗୁଡ଼ିକ ପ୍ରାଚୀରବେଷ୍ଟିତ ଅଟେ, ସେମାନଙ୍କର—ସେମାନଙ୍କର—ସେମାନଙ୍କର ପ୍ରତିନିଧୀମାନେ ସେଠାରେ ଥିଲେ। ସେମାନଙ୍କର ପ୍ରତିନିଧୀମାନେ ନୁହେଁ, ବରଂ ସେମାନଙ୍କର—ସେମାନଙ୍କର ଲୋକମାନେ ଏକ ମହାବୀର ଯୋଦ୍ଧାଗଣ ଅଟନ୍ତି। କାହିଁକି, ଆମେମାନେ ତ ସେମାନଙ୍କ ପାର୍ଶ୍ୱରେ, ଫଡିଙ୍ଗ ପରି ଦେଖାଯାଉ।"

80 ଯିହୋଶୂୟ ଏବଂ କାଲେବ କହିଲେ, "ଆମେମାନେ ଏହାକୁ ଅଧିକାର କରିବାରେ ଯଥେଷ୍ଟ ସକ୍ଷମ ଅଟୁ।" କାହିଁକି? ପରମେଶ୍ୱର ସେମାନଙ୍କୁ ଏହା ଦେଇ ସାରିଥିଲେ, ଏଥିରେ ଯାଏ ଆସେ ନାହିଁ ଯେ ସେହି ମହାବୀରଗଣ କେତେ ବଡ଼ ଥିଲେ। ସେମାନଙ୍କ ପାଇଁ ବାଧା କିଛି ନ ଥିଲା। ପରମେଶ୍ୱର ଏହିପରି କହିଥିଲେ! ଏବଂ ପରମେଶ୍ୱର ଏହାକୁ ସେମାନଙ୍କ ଦ୍ୱାରା ପ୍ରମାଣିତ କରିଥିଲେ। ଏବଂ ସେମାନେ ଯାଇ ସେହି ଦେଶକୁ ଅଧିକାର କରିଥିଲେ, ଯେପରିକି ପରମେଶ୍ୱର ଏହାକୁ କରିବେ ବୋଲି କହିଥିଲେ। ସେ ସେମାନଙ୍କୁ ଏହା ପ୍ରମାଣ କରିଥିଲେ।

81 ତେବେ, ଯେତେବେଳେ ସେମାନେ ସେହି ଏପ୍ରିଲ୍ ମାସରେ ଉପରକୁ ଆସିଲେ, ଯେତେବେଳେକି ଜଳ ପର୍ବତରୁ ହୋଇ, ତୁଷାରଖଣ୍ଡ ଉପର ଦେଇ, ଏବଂ ପ୍ରଭୃତି ଦେଇ ତଳକୁ ବୋହି ଆସୁଥିଲା, ଏବଂ ଏପରି ଦିଶୁଥିଲା ଯେ ପରମେଶ୍ୱର ଜଣେ ମତିଭ୍ରମ ସେନାଧ୍ୟକ୍ଷ ଅଟନ୍ତି, ଯେ ସେ ନିଜର ସୈନ୍ୟବାହିନୀକୁ କଢେଇ ଠିକ ଏପରି ଏକ ସ୍ଥାନକୁ ନେଇ ଆସିଲେ, ଯେ ସେ ସେମାନଙ୍କୁ ସେହି ପ୍ରତିଜ୍ଞାତ ଦେଶଠାରୁ ଦୂରରେ ଗୋଟିଏ କୋଣରେ ଘେରି ଦେଲେ। ଏବଂ ଠିକ ସେହି ସମୟରେ ଯେତେବେଳେ ସେ ସେମାନଙ୍କୁ ଆର ପାରିକୁ ନେଲେ, ସେମାନଙ୍କୁ ଆର ପାରିକୁ ନେଇକରି ଯିବାକୁ ଯାଉଥିଲେ, ଏହା ବର୍ଷର ସବୁଠାରୁ ଖରାପ ମାସ ଥିଲା। ସେହି ମାସରେ ଯେତେବେଳେକି ଯର୍ଦ୍ଦନ ନିଜର କୂଳ ଉପରୁ ବହୁଥିଲା, ଠିକ କ୍ଷେତ ମଧ୍ୟକୁ ବହି ଯାଉଥିଲା। କାହିଁକି, ଯଦି ସେମାନେ ଆର ପାରିକୁ ଯିବାକୁ ଯାଉଥିଲେ, ତେବେ ଏହା ତ ଗ୍ରୀଷ୍ମ ସମୟରେ ହେବା କଥା, ଯେତେବେଳେକି ସେମାନେ ପାରି ହୋଇପାରିବେ। ମାତ୍ର ସେ ଜଳ ଗଭୀର ହେବା ପର୍ଯ୍ୟନ୍ତ ଅପେକ୍ଷା କଲେ। ସେ ଏହା ଦେଖାଇବାକୁ ପସନ୍ଦ କରନ୍ତି ଯେ ସେ ପରମେଶ୍ୱର ଅଟନ୍ତି। ସେ ସବୁ କିଛିର ନିର୍ବିଶେଷରେ, ଆପଣା ବାକ୍ୟକୁ ପ୍ରମାଣ କରିବାରେ ପସନ୍ଦ କରନ୍ତି।

82 ସେଥିପ୍ରତି ଧ୍ୟାନ ଦିଅନ୍ତୁ ନାହିଁ ଯଦି ଡାକ୍ତର ତାହା କହିଲେ, "ଆପଣ କର୍କଟ ରୋଗରେ ମରୁଛନ୍ତି।" ତାହାହିଁ ସବୁକିଛି ଅଟେ ଯାହାକି ସେହି ବ୍ୟକ୍ତି ଜାଣନ୍ତି। ବୋଧହୁଏ ଆଜି ରାତି, ଆପଣମାନଙ୍କ ମଧ୍ୟରୁ କେତେକଙ୍କ ପାଇଁ ସେହି ଜଳ ଗଭୀର ହୋଇପାରେ। ମାତ୍ର, ମନେରଖନ୍ତୁ, ପରମେଶ୍ୱର ସେହି ପ୍ରତିଜ୍ଞାକୁ କରିଥିଲେ। ପରମେଶ୍ୱର ଆପଣା ବାକ୍ୟକୁ ରକ୍ଷା କରନ୍ତି, ଏବଂ ପରମେଶ୍ୱର ଆପଣା ବାକ୍ୟକୁ ପ୍ରମାଣ କରନ୍ତି। ଏହା ସତ୍ୟ ଅଟେ।

83 ସେ ସେହି ସମୟ ପର୍ଯ୍ୟନ୍ତ ଅପେକ୍ଷା କଲେ ଯେପର୍ଯ୍ୟନ୍ତକି ଜଳ କାଦୁଅ ନ ହୋଇଗଲା, ଯେପର୍ଯ୍ୟନ୍ତକି ତାହା ଗଭୀର ହୋଇ ସେମାନଙ୍କ ମୁଣ୍ଡ ଉପର, ଓ ଇତ୍ୟାଦି ସବୁ ଦେଇ ନ ଚାଲିଗଲା, ଆଉ ତାହାପରେ ସେ ବାଟ ଖୋଲିଲେ । ସେ ସେମାନଙ୍କ ଆଗରେ ଆଗରେ ଯାଇ ସେହି ମାର୍ଗକୁ ପ୍ରସ୍ତୁତ କଲେ ।

84 ସେମାନେ କିପରି ଯାଇ, ଯିରୀହୋରେ ପ୍ରବେଶ କରିବାକୁ ଯାଉଥିଲେ, ଯେତେବେଳେକି ଏହା ସବୁ ଆଡୁ ବନ୍ଦ ଥିଲା? ଯିହୋଶୂୟ ଆଶ୍ଚର୍ଯ୍ୟ କରୁଥିଲେ । ସେ ଜାଣିଥିଲେ ଯେ ପରମେଶ୍ୱର ହିଁ ତାଙ୍କୁ ଏଯାଏଁ ସେହି ସ୍ଥାନ ପର୍ଯ୍ୟନ୍ତ କଢ଼େଇ ନେଇ ଆସିଛନ୍ତି, ପରବର୍ତ୍ତୀ ପଦକ୍ଷେପଟି ମଧ୍ୟ ପରମେଶ୍ୱରଙ୍କର ଅଟେ ।

85 ଦିନେ, ଯେତେବେଳେ ସେ ଚାରିପାଖରେ ଭ୍ରମଣ କରି, ପ୍ରାଚୀରଗୁଡିକୁ ଦେଖୁଥିଲେ, ସେତେବେଳେ ସେ ଜଣେ ବ୍ୟକ୍ତିଙ୍କୁ ଖଣ୍ଡା ଧରି ଠିଆ ହୋଇଥିବାର ଦେଖିଲେ । ଏବଂ ସେ ନିଜର ଖଣ୍ଡା ବାହାର କରି ସେହି ବ୍ୟକ୍ତିଙ୍କୁ ଭେଟିବାକୁ ଗଲେ, ସେ କହିଲେ, "ତୁମେ କାହା ସପକ୍ଷରେ ଅଛ? କଅଣ ତୁମେ ଆମ ପକ୍ଷରେ ଅଛ ନା ତୁମେ ଆମ ଶତ୍ରୁ ପକ୍ଷରେ ଅଛ?"

86 ସେ କହିଲେ, "ମୁଁ ସଦାପ୍ରଭୁଙ୍କ ସୈନ୍ୟବାହିନୀର ଅଧ୍ୟକ୍ଷ ଅଟେ ।" ଏବଂ ସେ ତାଙ୍କୁ କହିଲେ ଯେ କଅଣ କରିବାକୁ ଅଛି । ସେ କିପରି ଏକ ତୂରୀ ବଜାଇବାକୁ ଯାଉଛନ୍ତି ଏବଂ ଏକ କାନ୍ଥ ଧସି ପଡ଼ିବାକୁ ଯାଉଅଛି, ଯାହା ଉପରେ କି ସେମାନେ ଏକ ରଥ ଦୌଡ଼ ଆୟୋଜନ କରିପାରିବେ? ଏହାର ଏକ ତୂରୀ ସହିତ କଅଣ କରିବାର ଅଛି?

87 ପରମେଶ୍ୱର ଏପରି ସରଳ ପଦ୍ଧତିଗୁଡିକୁ ବ୍ୟବହାର କରନ୍ତି । ଏହା ସେହିପରି ଅଟେ, ଏହାର ସେହି ସରଳତା, ଯାହାକି ଏହାକୁ ମୋ ପାଇଁ ପରମେଶ୍ୱର କରେ । ଆମେ ସବୁବେଳେ କିଛି ଗୋଟାଏ ମହାନ ବିଷୟ ଖୋଜିବାକୁ ଚେଷ୍ଟା କରୁଥାଉ, କିଛି ଗୋଟାଏ ବିଷୟ କରିବାକୁ ଯାଇଥାଉ, ଏବଂ ପରମେଶ୍ୱର...କୌଣସି ମହାନ ସଂଗଠନ ସେହି ସମଗ୍ର ବିଷୟକୁ ନେଇ ଏହାକୁ ସମ୍ପୂର୍ଣ୍ଣ ପରିଷ୍କାର କରିବାକୁ ଯାଉଅଛନ୍ତି । ଯେତେବେଳେକି, ପରମେଶ୍ୱର ଜଣେ ସରଳ ବ୍ୟକ୍ତିଙ୍କୁ ନିଅନ୍ତି, କେବଳ ଏପରି ଜଣେ ବ୍ୟକ୍ତିଙ୍କୁ ଯାହାକୁ ସେ ନିଜ ହାତରେ ଧରି ପାରନ୍ତି, ଏବଂ ଏହା ଦ୍ୱାରା, ସେ କହିଥିବା ପ୍ରତ୍ୟେକ ବାକ୍ୟକୁ ପ୍ରମାଣ କରିବେ । ଏପରି ସରଳ ଛୋଟ ଛୋଟ ପଦ୍ଧତିଗୁଡିକୁ ଗ୍ରହଣ କରେ!

88 "ଏକ ତୂରୀ ବଜାଅ ।" କୌଣସି କାନ୍ଥକୁ ଖୋଳିବା ନୁହେଁ, ମାତ୍ର, "କେବଳ ଏକ ତୂରୀକୁ ବଜାଅ, ଏବଂ କାନ୍ଥଗୁଡ଼ିକ ଧସି ପଡିଯିବ । ସେହି ତୂରୀକୁ ବଜାଇବା କାନ୍ଥଗୁଡିକୁ ଭାଙ୍ଗି ପକାଇବ ।" ଶାରୀରିକ ମନ ପାଇଁ ତାହା କେତେ ମୂର୍ଖତା ଅଟେ! ମାତ୍ର ପରମେଶ୍ୱର ପ୍ରମାଣ କଲେ ଯେ ତାହାଙ୍କର ବାକ୍ୟକୁ ସତ୍ୟ ଅଟେ, କାରଣ କାନ୍ଥଗୁଡ଼ିକ ଗୋଟିଏ ଅନ୍ୟ ଉପରେ, ଧସି ପଡ଼ିଲା । ସେମାନେ ସିଧା ସଳଖ ଯାଇ ସେହି ନଗରକୁ ଅଧିକାର କଲେ ।

89 ଓଃ, ପରମେଶ୍ୱର ଆପଣାକୁ ପରମେଶ୍ୱର ବୋଲି ପ୍ରମାଣ କରିବା ପାଇଁ ପସନ୍ଦ କରନ୍ତି! ଯିହୋଶୂୟ ତାହା ଜାଣିଥିଲେ । ଦିନେ, ଏବଂ ଯେତେବେଳେ ସେ ସେଠାରେ

ଠିଆ ହୋଇଥିଲେ, ସେତେବେଳେ ସବୁଠାରୁ ବଡ ବିରୋଧାତ୍ମକ ବିଷୟ ଯାହାକି ଘଟିଥିଲା, ଯାହାକି ଯୀଶୁ ଖ୍ରୀଷ୍ଟଙ୍କ ମୃତ୍ୟୁ, ସମାଧି, ଏବଂ ପୁନରୁତ୍ଥାନରୁ ବାହାରେ ହୋଇଥିଲା । ଯେତେବେଳେ ଶତ୍ରୁ...ସେ ସେମାନଙ୍କୁ ପରାସ୍ତ କରି ସାରିଥିଲେ, ଏବଂ ବିଭିନ୍ନ ସୈନ୍ୟବାହିନୀଗୁଡିକ ପର୍ବତମୟ ଦେଶରେ ରହିଥିଲେ । ସେ ସେମାନଙ୍କୁ ପରାସ୍ତ କରି ସାରିଥିଲେ, ଏବଂ ସୂର୍ଯ୍ୟ ଅସ୍ତ ହେବାକୁ ଯାଉଥିଲା । ହେ, ମୋର ପ୍ରଭୁ, ଏହା ସୈନ୍ୟାଧ୍ୟକ୍ଷ ଯିହୋଶୂୟଙ୍କ ପାଇଁ କି ଏକ ସମୟ ଥିଲା!

90 ମନେରଖନ୍ତୁ, ସେ ସେହି ଦେଶ ସହିତ ଯୁଦ୍ଧ କରିଥିଲେ, କୌଣସି ଏକ ଡାକ୍ତରଖାନା, ଏକ ନର୍ସ, ଏକ ପ୍ରାଥମିକ ଚିକିତ୍ସା-ପଟିର ବିନା, କିମ୍ବା କେହି ଜଣେ ବି ଆହତ ବ୍ୟକ୍ତି ନ ଥିଲେ । ମୋତେ ଏପରି କିଛି ଗୋଟାଏ କୁହନ୍ତୁ ଯାହାକି ଏହାଠାରୁ ବଡ ଥିବ । ହଁ, ମହାଶୟ । ତାଙ୍କ ପାଖରେ କୌଣସି ଡାକ୍ତରଖାନା, କୌଣସି ନର୍ସ ନ ଥିଲେ, ଏବଂ ସେ ଜଣେ ବି ପୁରୁଷଙ୍କୁ ହରାଇ ନ ଥିଲେ, ଯେପର୍ଯ୍ୟନ୍ତ ସେମାନେ ପ୍ରଭୁଙ୍କର ଇଚ୍ଛା ଏବଂ ବାକ୍ୟରେ ଚାଲିଥିଲେ । ପରମେଶ୍ୱର ପ୍ରମାଣିତ କରିଥିଲେ ଯେ ସେ ସେମାନଙ୍କ ସହିତରେ ଥିଲେ । ତାହା ଠିକ୍ ଅଟେ । ବର୍ତ୍ତମାନ ଧ୍ୟାନ ଦିଅନ୍ତୁ ।

91 ଏବଂ ଆମେମାନେ ପାଉ ଯେ ଯିହୋଶୂୟ ଜାଣିଥିଲେ, ଯଦି ରାତି ଆସିବ, ସେମାନେ ଲୁକି ଛପିଯିବେ ଓ ପରସ୍ପର ସହିତ ଏକାଠି ମିଶିଯିବେ, ଏବଂ—ଏବଂ ନିଜକୁ ଏକାଠି କରି ନେବେ ଏବଂ ଆଉ ଏକ ବଡ଼ ସୈନ୍ୟବାହିନୀ କରି ପକାଇବେ, ଏବଂ ପରଦିନ ତାଙ୍କୁ ସେମାନଙ୍କ ସହିତ ଯୁଦ୍ଧରେ ଏକ କଠିନ ସମୟ ରହିବାକୁ ଯିବ । ସେ କଅଣ କରିବେ ଜାଣି ନ ଥିଲେ, ତେଣୁ ସେ ପରମେଶ୍ୱରଙ୍କ ଆଡକୁ ଅନାଇଲେ । ସେ ସାହାଯ୍ୟ ଆବଶ୍ୟକ କରୁଥିଲେ, ଏବଂ ସେ ଚାହୁଁଥିଲେ ଯେ ସୂର୍ଯ୍ୟ ସ୍ଥିର ରହୁ । ତେଣୁ ସେ ସୂର୍ଯ୍ୟକୁ କେବଳ ସେଠାରେ ସ୍ଥିର ରହିବାକୁ ଆଦେଶ ଦେଲେ, ଏବଂ ସେହି..."ଚନ୍ଦ୍ରକୁ ଅଜାଲନ୍ ଉପରେ ଝୁଲି ରହିବା" ପାଇଁ କହିଲେ, ଏବଂ ସେପର୍ଯ୍ୟନ୍ତ ନ ଘୁଞ୍ଚୁ ବୋଲି କହିଲେ ଯେପର୍ଯ୍ୟନ୍ତକି ସେ ଏହାକୁ ଆଦେଶ ନ କରନ୍ତି । ଏବଂ ସେହି ଚନ୍ଦ୍ର ଏବଂ ସୂର୍ଯ୍ୟ ଚବି-ଶ ଘଣ୍ଟା ପର୍ଯ୍ୟନ୍ତ ସ୍ଥିର ହୋଇ ରହିଲେ, ଯେତେବେଳେକି ଯିହୋଶୂୟ ଯୁଦ୍ଧ କରି ଶତ୍ରୁକୁ ପରାସ୍ତ ନ କରିଦେଲେ, କାରଣ ସେ ଠିକ କର୍ତ୍ତବ୍ୟର ପଥରେ ରହିଥିଲେ । ତାଙ୍କର ଏହା କରିବାର ଏକ ଅଧିକାର ଥିଲା, କାରଣ ସେ ପରମେଶ୍ୱରଙ୍କ ଆଜ୍ଞା ପାଳନ କରୁଥିଲେ ।

92 ଏବଂ ଯେପର୍ଯ୍ୟନ୍ତ ଆପଣ ପରମେଶ୍ୱରଙ୍କ ବାକ୍ୟ ରକ୍ଷା କରି, କର୍ତ୍ତବ୍ୟର ପଂକ୍ତିରେ ରୁହନ୍ତି, କେବଳ ତାହା କରୁଥାନ୍ତି ଯାହା ସେ ଆପଣଙ୍କୁ କରିବା ପାଇଁ କହିଛନ୍ତି, ପରମେଶ୍ୱରଙ୍କ ଆଦେଶ ଅନୁଯାୟୀ ଅଗ୍ରସର ହୁଅନ୍ତି, ତାହାହେଲେ ଆପଣଙ୍କଠାରେ ସେହି ପର୍ବତକୁ ଏହା କହିବାର ଅଧିକାର ଅଛି, "ଘୁଞ୍ଚିଯା!"

93 ପରମେଶ୍ୱର ଆପଣା ବାକ୍ୟକୁ ରକ୍ଷା କରନ୍ତି । "ଯଦି ତୁମେ ଏହି ପର୍ବତକୁ କୁହ, 'ଘୁଞ୍ଚିଯା,' ଏବଂ ନିଜ ହୃଦୟରେ ସନ୍ଦେହ ନ କର, ମାତ୍ର ବିଶ୍ୱାସ କର ଯେ ତୁମେ ଯାହା କହିଛ ତାହା

ପୂରଣ ହେବ, ତାହାହେଲେ ତୁମେ ତାହା ପାଇପାର ଯାହା ତୁମେ କହିଅଛ ।” ଯୀଶୁ ତାହା, ସାଧୁ ମାର୍କ 11:22 ରେ କହିଛନ୍ତି । ତାହା ସତ୍ୟ ଅଟେ । ମୁଁ ଜାଣେ ଯେ ତାହା ସତ୍ୟ ଅଟେ । ଏହା ପରମେଶ୍ୱରଙ୍କ ବାକ୍ୟ ଅଟେ, ଏବଂ ତାହା ପ୍ରମାଣ କରେ ଯେ ଏହା ସତ୍ୟ ଅଟେ । ଆମେ ବେଳେବେଳେ ଭୟଭୀତ ହୋଇଥାଉ । ଆମେ ଏପରି ଏକ ସ୍ଥାନକୁ ପହଞ୍ଚିଥାଉ, ଯେଉଁଠାରେକି ଆମେ ଭୟ କରିଥାଉ ଯେ ସେ ସେହି ବାକ୍ୟକୁ ରକ୍ଷା କରିବେ ନାହିଁ । ସେ ସେହି ବାକ୍ୟକୁ ରକ୍ଷା କରିବେ । ସେ ଏହା କରିବେ ବୋଲି କହିଛନ୍ତି । ତେବେ, ଆମେମାନେ ପାଉ ଯେ ତାହା ସତ୍ୟ ଅଟେ । ସେ ଏହାକୁ ପ୍ରମାଣ କରିଥିଲେ ।

94 ଯିଶାଇୟଙ୍କ ଭବିଷ୍ୟଦ୍‌ବାଣୀ, ଥରେ, ଏପରି କିଛି ଥିଲା ଯାହାକି କେବେ ଘଟି ନ ଥିଲା; ଏହା ପୂର୍ବରୁ କେବେ ବି ଘଟି ନ ଥିଲା, ଏବଂ ଏପର୍ଯ୍ୟନ୍ତ କେବେବି ଘଟି ନାହିଁ । ସେ କହିଲେ, “ଜଣେ କୁମାରୀ ଗର୍ଭବତୀ ହେବ ।” କଅଣ ଆପଣ କଳ୍ପନା କରିପାରନ୍ତି ଯେ ଏପରି ଜଣେ ସ୍ତ୍ରୀଲୋକ, ଯିଏକି କୌଣସି ପୁରୁଷଙ୍କୁ ଜାଣି ନାହିଁ, ସେ ଏକ ସନ୍ତାନକୁ ପ୍ରସବ କରିବ? ଯିଶାଇୟ କହିଥିଲେ, “ଜଣେ କୁମାରୀ ଗର୍ଭବତୀ ହେବ ।”

ଏବଂ ପରମେଶ୍ୱର ତାହାଙ୍କର ବାକ୍ୟକୁ ସତ୍ୟ ପ୍ରମାଣିତ କରିବା ପାଇଁ, ଜଣେ କୁମାରୀକୁ ଗର୍ଭଧାରଣ କରାଇଲେ । ସେ ଆପଣା ବାକ୍ୟକୁ ପ୍ରମାଣ କଲେ, କାରଣ ଜଣେ କୁମାରୀ ଗର୍ଭବତୀ ହେଲା ଏବଂ ସେ ସେହି ପୁତ୍ରକୁ ଜନ୍ମ ଦେଲା ।

95 ତେବେ, ସେହି ବାକ୍ୟ ଦେହବନ୍ତ ହୋଇ, ଦେଖନ୍ତୁ ଯେ ଏହା କଅଣ କଲା । ଯେତେବେଳେ ସେହି ପୁତ୍ର ଆସିଲେ, ସେ ନିଜେ ସେହି ବାକ୍ୟ ଥିଲେ । ଆଦ୍ୟରେ ବାକ୍ୟ ଥିଲା, ଏବଂ ବାକ୍ୟ ପରମେଶ୍ୱରଙ୍କ ସହିତରେ ଥିଲା, ଏବଂ ସେହି ବାକ୍ୟ ପରମେଶ୍ୱର ଥିଲେ । ଆଉ ସେହି ବାକ୍ୟ ଦେହବନ୍ତ ହେଲା ଓ ଆମମାନଙ୍କ ମଧ୍ୟରେ ବାସ କଲା ।

96 ସେ ସେହି ଜୀବନ୍ତ ବାକ୍ୟ ଥିଲେ । ସେ ପ୍ରମାଣ କଲେ ଯେ ସେ ହିଁ ସେହି ଜୀବନ୍ତ ବାକ୍ୟ ଅଟନ୍ତି । ସେ ସେହି ଦିନର ଶିକ୍ଷକମାନଙ୍କୁ କହିଲେ, “କିଏ ମୋତେ ପାପର ଦୋଷ ଦେଇପାରେ?” *ପାପ* ହେଉଛି “ଅବିଶ୍ୱାସ ।” “କିଏ ମୋତେ କହିପାରେ ଯେ ମୁଁ ଜଣେ ଅବିଶ୍ୱାସୀ ଅଟେ? ପ୍ରତ୍ୟେକ ବାକ୍ୟ ଯାହା ମୋ ବିଷୟରେ ଲେଖାଯାଇଛି, ତାହା ପୂରଣ ହୋଇଅଛି ।” ତାହାଙ୍କ ଜୀବନର ଶେଷ ସାତୋଟି ଭବିଷ୍ୟଦ୍‌ବାଣୀ, ସେଠାରେ କ୍ରୁଶ ଉପରେ ସେହି ଶେଷ ସାତ ଘଣ୍ଟା ମଧ୍ୟରେ ପୂରଣ ହୋଇଥିଲା । ତାହାଙ୍କ ବିଷୟରେ ଲେଖା ଯାଇଥିବା ସମସ୍ତ ବିଷୟ, ସଫଳ ହୋଇଥିଲା, କାରଣ ସେ ବାକ୍ୟ ଥିଲେ । ସେ ପ୍ରମାଣ କଲେ ଯେ, ସେ ଥିଲେ । ସେ ରୋଗୀମାନଙ୍କୁ ସୁସ୍ଥ କରିଥିଲେ । ସେ ମୃତମାନଙ୍କୁ ପୁନରୁତ୍‌ଥିତ କରିଥିଲେ । ସେ ମୃତ୍ୟୁ, ନରକ, ଏବଂ କବରକୁ ଜୟ କରିଥିଲେ । ସେ ପ୍ରମାଣ କରିଥିଲେ ଯେ ସେ ବାକ୍ୟ ଅଟନ୍ତି ।

ଏଠାରେ ଯାଈରସଙ୍କ ଘରେ ଏହି ମାମଲାକୁ ଲକ୍ଷ୍ୟ କରନ୍ତୁ । ସେ ଥିଲେ...ସେ ସେମାନଙ୍କୁ ସତ କହିଥିଲେ । ସେ ସମୁଦ୍ର ପାର ହେବାବେଳେ ଆମେ ତାହାଙ୍କୁ ଦେଖୁ । ସେ ଭିତରକୁ ଆସନ୍ତି ।

97 ସେଠାରେ ପାହାଡ ଉପରେ ଜଣେ ସାନ ସ୍ତ୍ରୀଲୋକଟିଏ ଥିଲେ, ଯିଏକି ତାଙ୍କର ସମସ୍ତ ଧନ ଚିକିତ୍ସକମାନଙ୍କ ଉପରେ ଖର୍ଚ୍ଚ କରି ଦେଇଥିଲେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ସେହି ସ୍ତ୍ରୀଲୋକକୁ ସୁସ୍ଥ କରିବା ପାଇଁ, ଚିକିତ୍ସକମାନେ ଯାହା କରିବାର ଜାଣିଥିଲେ ତାହା ସବୁକିଛି କରି ସାରିଥିଲେ; ବୋଧହୁଏ ଏବ୍ରୀ ଚିକିତ୍ସକମାନେ, ଏବଂ ସେ ଜଣେ ଏବ୍ରୀ ସ୍ତ୍ରୀଲୋକ ଥିଲେ, ତେଣୁ ସେମାନେ ତାଙ୍କ ଭଉଣୀ ପାଇଁ ଯାହା କରିବାର ଜାଣିଥିଲେ ତାହା ସବୁ କରିଥିଲେ । ଯଦିଓ, ସେମାନଙ୍କ ପାଖରେ ଏହି ପ୍ରଦରରୋଗର ସମସ୍ୟାକୁ ରୋକିବା ପାଇଁ କିଛି ନ ଥିଲା, ଯାହାକି, ବୋଧହୁଏ, ଏକ ରକ୍ତସ୍ରାବ କ୍ଷାନ୍ତ ହେବାର ସମୟ ଥିଲା ଏବଂ ତାଙ୍କର ରକ୍ତ ସେପର୍ଯ୍ୟନ୍ତ ପ୍ରବାହିତ ହୋଇଥିଲା ଯେପର୍ଯ୍ୟନ୍ତକି ସେ...ସେହି ଛୋଟ ପ୍ରାଣୀଟି ଏତେ ଦୁର୍ବଳ ହୋଇ ଯାଇଥିଲେ ଯେ ସେ ବଡ଼ କଷ୍ଟରେ ଆଖପାଖ ସ୍ଥାନକୁ ଯାଇ ପାରୁଥିଲେ । ଏବଂ ସେ ଯୀଶୁଙ୍କ ବିଷୟରେ ଶୁଣିଥିଲେ । ଏବଂ ଯେତେବେଳେ ସେ ସେହି ଛୋଟ ଡଙ୍ଗାଟିକୁ କୂଳରେ ଲଗା ଯାଉଥିବାର ଦେଖିଲେ, ସେ ଖୋଜବିନ କରିବା ପାଇଁ ତଳକୁ ଗଲେ ।

98 ତାହାଙ୍କର ଅନେକ ସମାଲୋଚକମାନେ ସେଠାରେ ଠିଆ ହୋଇଥିଲେ । ଏବଂ ସେ ଆଜି ମଧ୍ୟ ସମାଲୋଚକମାନଙ୍କଠାରୁ ମୁକ୍ତ ନୁହଁନ୍ତି । ଯଦି ସେମାନେ ଏହା ଜାଣିଥାଆନ୍ତେ ଯେ ସେ କିଏ ଅଟନ୍ତି, ତେବେ ସେମାନେ ତାହାଙ୍କର ସମାଲୋଚକ ହୋଇ ନ ଥାଆନ୍ତେ । ମାତ୍ର ସେମାନେ ତାହାଙ୍କର ସମାଲୋଚକ ଥିଲେ କାରଣ ସେମାନେ ଏହା ଜାଣି ନ ଥିଲେ ଯେ ସେ କିଏ ଅଟନ୍ତି ।

ଏବଂ ତାହାହିଁ ଆଜି ବାର୍ତ୍ତା ସହିତ ମାମଲା ଅଟେ, ଅନେକ ଉତ୍ତମ ପୁରୁଷମାନେ ଏବଂ ସ୍ତ୍ରୀଲୋକମାନେ ଏହାକୁ ସମାଲୋଚନା କରନ୍ତି କାରଣ ସେମାନେ ଏହା ଜାଣନ୍ତି ନାହିଁ ଯେ ଏହା କଅଣ ଅଟେ ।

99 ଯୀଶୁ କହିଲେ, "ଯଦି ତୁମେ ମୋଶାଙ୍କୁ ଜାଣିଥାଆନ୍ତ, ତେବେ ତୁମେ ମୋତେ ଜାଣିଥାଆନ୍ତ । ମୋଶା ମୋ ବିଷୟରେ କହିଥିଲେ । ଅନେକ ମହାନ ବ୍ୟକ୍ତିମାନେ ଏହି ଦିନ ଦେଖିବାକୁ ଇଚ୍ଛା କରିଥିଲେ । ଯଦି ମୁଁ ମୋର ପିତାଙ୍କର କାର୍ଯ୍ୟ କରେ ନାହିଁ, ତେବେ ମୋତେ ବିଶ୍ୱାସ କର ନାହିଁ । ମୋର ସାକ୍ଷ୍ୟ ଯୋହନଙ୍କ ଅପେକ୍ଷା," ସେ କହିଲେ, "ଅଧିକ ମହାନ୍ ଅଟେ, କାରଣ ମୁଁ କରିଥିବା କାର୍ଯ୍ୟଗୁଡ଼ିକ, ଏହା ପ୍ରମାଣ କରେ ଯେ ପିତା ମୋ ସହିତରେ ଅଛନ୍ତି ।" ତାହାଙ୍କଠାରେ ଅଧିକ ମହତ୍ତର କାର୍ଯ୍ୟଗୁଡିକ ରହିଥିଲା, କାରଣ ସେ ଚିହ୍ନଟ କରା ଯାଇଥିଲେ । ଯୋହନଙ୍କୁ ମଧ୍ୟ ପ୍ରାନ୍ତରରେ କ୍ରନ୍ଦନ କରୁଥିବା ଜଣକାର ସ୍ୱର ଭାବରେ, ଚିହ୍ନିତ କରାଯାଇଥିଲା । ,ମାତ୍ର ଯେତେବେଳେ ସେ ଆସିଲେ, ସେ ସେହି ଭବିଷ୍ୟଦ୍‌ବକ୍ତା ଥିଲେ ଯାହା ବିଷୟରେ ମୋଶା କହିଥିଲେ ଯେ ସେ ଉତ୍ଥିତ କରାଯିବେ ।

ଯେପରି ମୁଁ ଅନ୍ୟ ରାତିରେ କହିଥିଲି, ସେ ତିନୋଟି ନାମରେ ଆସନ୍ତି; ପରମେଶ୍ୱରଙ୍କ ପୁତ୍ର, ମନୁଷ୍ୟପୁତ୍ର, ଏବଂ ଦାଉଦଙ୍କ ପୁତ୍ରର ନାମରେ ।

100 ଯେତେବେଳେ ସେ ଏଠାରେ ପୃଥିବୀରେ ଥିଲେ, ପ୍ରଥମ ଥର ପାଇଁ, ସେ ମନୁଷ୍ୟପୁତ୍ର

ଥିଲେ । ସେ ସେତେବେଳେ ପରମେଶ୍ୱରଙ୍କ ପୁତ୍ର ହୋଇପାରି ନ ଥିଲେ; ସେ କେବେବି ଦାବି କରି ନ ଥିଲେ । ସେ କହିଥିଲେ ଯେ ସେ ହେଉଛନ୍ତି "ମନୁଷ୍ୟପୁତ୍ର ।" ଯେତେବେଳେ କେହି ବି ତାହାଙ୍କୁ ପ୍ରଶ୍ନ କରୁଥିଲା, ସେ କହୁଥିଲେ, "ତୁମେ ମନୁଷ୍ୟପୁତ୍ରଙ୍କୁ ଦେଖୁଛ; ମନୁଷ୍ୟପୁତ୍ରଙ୍କୁ ।" ତେବେ, "ମନୁଷ୍ୟପୁତ୍ର" ହେଉଛନ୍ତି ଜଣେ *ଭବିଷ୍ୟଦ୍‌ବକ୍ତା ।* ତାଙ୍କୁ ସେହି ଉପାୟରେ ଆସିବାକୁ ଥିଲା, କାରଣ, ସେହି ଶାସ୍ତ୍ର, ସେ ଶାସ୍ତ୍ରର ବିପରୀତ ଆସିପାରନ୍ତି ନାହିଁ ।

101 ସେଇଥି ପାଇଁ, ଆଜି, ଏହା ଯେ ଏହି ଘଟିକାର ଆମର—ଆମର ବାର୍ତ୍ତା ଧର୍ମଶାସ୍ତ୍ରଙ୍କ ଏବଂ ଧର୍ମଶାସ୍ତ୍ର ମାଧ୍ୟମରେ ଆସିପାରେ ନାହିଁ, ଏହାକୁ ତ ସେହି ସମାନ ବିଷୟ ନିକଟକୁ ଫେରି ଆସିବାକୁ ଅଛି ଯାହାକି ଏହା କରିବ ବୋଲି ପ୍ରତିଶ୍ରୁତି ଦିଆ ଯାଇଥିଲା । ଏହାକୁ ସେହିପରି ଭାବରେ ହେବା ଜରୁରୀ ଅଟେ ।

102 ତେଣୁକରି ଆମେମାନେ ପାଉ ଯେ, ଏହି ବ୍ୟକ୍ତିଙ୍କଠାରେ, ତାଙ୍କୁ ଜଣେ ଭବିଷ୍ୟଦ୍‌ବକ୍ତା ହେବାକୁ ଥିଲା । ସେଠାରେ ପରମେଶ୍ୱରଙ୍କ ପୁତ୍ର ନୁହେଁ, ତାହାଙ୍କୁ ତ ମନୁଷ୍ୟପୁତ୍ର ହେବାକୁ ଥିଲା । ଯିହୋବା ନିଜେ ସେହି ଭବିଷ୍ୟଦ୍‌ବକ୍ତାମାନ, ଯିରିମିୟ ଏବଂ ସେମାନଙ୍କୁ, "ମନୁଷ୍ୟପୁତ୍ର" ବୋଲି ଡାକିଥିଲେ । "ଯେତେବେଳେ ତୁମେ ମନୁଷ୍ୟପୁତ୍ରଙ୍କୁ ଦେଖିବ..." "ମନୁଷ୍ୟପୁତ୍ର କିଏ?" ସେମାନେ ନିରନ୍ତର ପଚାରିଥିଲେ ।

103 ତାହାପରେ, ସେ ମନୁଷ୍ୟପୁତ୍ର ଭାବରେ ତାହାଙ୍କର କାର୍ଯ୍ୟାଳୟକୁ ସେବା କଲେ । ତାହାପରେ ସେ ବର୍ତ୍ତମାନ ପରମେଶ୍ୱରଙ୍କ ପୁତ୍ର ଭାବରେ ନିଜର କାର୍ଯ୍ୟାଳୟକୁ ସେବା କରୁଛନ୍ତି । ପରମେଶ୍ୱର ଏକ ଆତ୍ମା, ଏବଂ ବର୍ତ୍ତମାନ ଯେତେବେଳେ ସେ ପରମେଶ୍ୱରଙ୍କ ପୁତ୍ର ଭାବରେ, ସେହି ମଣ୍ଡଳୀ ଯୁଗଗୁଡିକରେ ସେବା କରିସାରିଲେ । ତେବେ, ସହସ୍ରାବ୍ଦୀରେ, ସେ ଦାଉଦଙ୍କ ପୁତ୍ର ହେବେ, ଯେତେବେଳେ ସେ ଦାଉଦଙ୍କ ସିଂହାସନରେ ବିରାଜମାନ ହେବେ । ସେ ଦାଉଦଙ୍କ ପୁତ୍ର ଭାବରେ, ସିଂହାସନର ଉତ୍ତରାଧିକାରୀ ହେବେ । ମନୁଷ୍ୟପୁତ୍ର, ପରମେଶ୍ୱରଙ୍କ ପୁତ୍ର, ଦାଉଦଙ୍କ ପୁତ୍ର, ଏବଂ ଏହା ସର୍ବଦା ସେହି ସମାନ ବ୍ୟକ୍ତି ହିଁ ଅଟନ୍ତି ।

104 ଠିକ ଯେପରିକି ପିତା, ପୁତ୍ର, ଏବଂ ପବିତ୍ରଆତ୍ମା; ପରମେଶ୍ୱରଙ୍କ ସେହି କାର୍ଯ୍ୟାଳୟ ଅଟେ । ସେ ପିତା ପରମେଶ୍ୱର ଥିଲେ, ତାହାପରେ ସେ ପୁତ୍ର ପରମେଶ୍ୱର ହୋଇଗଲେ, ବର୍ତ୍ତମାନ ସେ ପରମେଶ୍ୱର ପବିତ୍ରଆତ୍ମା ଅଟନ୍ତି । ତିନୋଟି ପରମେଶ୍ୱର ନୁହଁନ୍ତି; ଗୋଟିଏ ପରମେଶ୍ୱର, ତିନୋଟି ପ୍ରକଟୀକରଣ, ସମାନ ପରମେଶ୍ୱରଙ୍କର ତିନୋଟି ଗୁଣସକଳ ।

ତେବେ ଆମେମାନେ ପାଉ, ଏବଂ ଏହି ଘଟିକାରେ ଯେଉଁଥିରେକି ଆମେମାନେ ବର୍ତ୍ତମାନ ବସବାସ କରୁଅଛୁ, ପରମେଶ୍ୱର ଆପଣା ବାକ୍ୟକୁ ଠିକ ସେହି ସମାନ ଭାବରେ ରକ୍ଷା କରନ୍ତି ଯେପରିକି ସେ ସେଦିନ କରିଥିଲେ ।

105 ଆମେମାନେ ପାଉ ଯେ ଯେ ସେ ସମୁଦ୍ର ପାର ହୋଇ ଆସନ୍ତି । ଏହି ସ୍ତ୍ରୀଲୋକଟି ତାହାଙ୍କୁ ବିଶ୍ୱାସ କରିଥିଲେ, ସେହି ସ୍ତ୍ରୀଲୋକ ଭିତରେ ଏପରି କିଛି ଗୋଟାଏ ବିଷୟ ଥିଲା ଯାହାକି ଖୋଜିବାକୁ ଆରମ୍ଭ କଲା । ତାଙ୍କ ପାଖରେ ଏହା ପାଇଁ କୌଣସି ଶାସ୍ତ୍ରାଂଶ ନ ଥିଲା,

ତାହାଠାରୁ ଅଧିକ କିଛି ଶାସ୍ତ୍ର ନ ଥିଲା ଯେତିକି ଶାସ୍ତ୍ରାଂଶ ଯିହୋଶୂୟଙ୍କ ପାଖରେ ସେହି ସୂର୍ଯ୍ୟକୁ ଅଟକାଇବା ପାଇଁ ରହିଥିଲା, ମାତ୍ର ସେହି ସ୍ତ୍ରୀଲୋକ ନିଜର ହୃଦୟରେ ଏହା ବିଶ୍ୱାସ କରିଥିଲେ ଯେ ସେ ପରମେଶ୍ୱରଙ୍କ ପୁତ୍ର ଥିଲେ । ତେଣୁ ସେ କହିଲେ, "ଯଦି ମୁଁ କେବଳ ତାହାଙ୍କ ବସ୍ତ୍ରକୁ ଛୁଇଁ ପାରିବି, ତେବେ ମୁଁ ସୁସ୍ଥ ହୋଇଯିବି ।" ତେଣୁ ସେ ସେହି ଜନସମାଗମ ଭୀଡ ମଧ୍ୟ ଦେଇ ବଢିବାକୁ ଲାଗିଲେ ଯେପର୍ଯ୍ୟନ୍ତ କି ସେ ତାଙ୍କ ବସ୍ତ୍ରକୁ ଛୁଇଁ ନ ନେଲେ, ଏବଂ ସେହି ପ୍ରଦରରୋଗ ସମସ୍ୟା ବନ୍ଦ ହୋଇଗଲା ।

106 ତେବେ, କିଏ ତାଙ୍କୁ ସ୍ପର୍ଶ କଲା ବୋଲି ଏହା ଜାଣିବା ପାଇଁ, ସେ ଶ୍ରୋତାବୃନ୍ଦଙ୍କ ଆଡକୁ ଚାହିଁଲେ । କୌଣସି ସନ୍ଦେହ ନାହିଁ, ଯେ ସେଠାରେ କେହି ଜଣେ ଥିଲେ । ସେ ଅଟକି ଗଲେ । ସମସ୍ତ ଲୋକମାନେ ତାହାଙ୍କ ଉପରେ ମାଡି ପଡୁଥିଲେ; ଏବଂ ଆଉ କେତେକ ତ ତାହାଙ୍କୁ ପରିହାସ କରୁଥିଲେ, କେହି କେହି ତ ତାହାଙ୍କ ଉପରେ ହସୁଥିଲେ; ସେହି ପୁରୋହିତ ସେଠାରେ ଦୂରରେ ଠିଆ ହୋଇ ତାହାଙ୍କୁ ପ୍ରଶ୍ନ ପଚାରୁଥିଲେ, ଏବଂ ଧର୍ମଯାଜକମାନେ, ଓ ଇତ୍ୟାଦି ସବୁ । ମାତ୍ର ସେଠାରେ ଏପରି କେତେକ ଲୋକ ଥିଲେ ଯେଉଁମାନେକି ତାହାଙ୍କୁ ବିଶ୍ୱାସ କରିଥିଲେ । ଏବଂ, କିଛି ସମୟ ପରେ ସେ ଅଟକି ଗଲେ, ହଠାତ୍, ବୁଲି ପଡି, କହିଲେ, "କିଏ ମୋତେ ଛୁଇଁଲା?"

107 ସେମାନଙ୍କ ମଧ୍ୟରୁ କେତେକ କହିଲେ, "କାହିଁକି, ଗୁରୁ!" ମୁଁ ଭାବୁଛି ଏହା ପିତର ଥିଲେ ଯିଏକି କହିଥିଲେ, "କାହିଁକି, ସମଗ୍ର ଜନତା ତ ତୁମ ଉପରେ ମାଡି ପଡୁଛନ୍ତି । କାହିଁକି, କିଏ ତୁମକୁ 'ଛୁଇଁଲା?' କାହିଁକି, ସମସ୍ତେ ତ ତୁମକୁ ସ୍ପର୍ଶ କରୁଛନ୍ତି!"

ସେ କହିଲେ, "ମାତ୍ର ମୁଁ ଅନୁଭବ କଲି ଯେ ସଦ୍‌ଗୁଣ ମୋଠାରୁ ବାହାରି ଗଲା ।" ସେ ଦୁର୍ବଳ ହୋଇ ପଡିଲେ । ଏହା ଏକ ଭିନ୍ନ ପ୍ରକାରର ସ୍ପର୍ଶ ଥିଲା ।

108 ଭାଇ, ଭଉଣୀ, ଯଦି ଆମେମାନେ କେବଳ ତାହା ଦେଖିପାରିବା! ଯଦି ଆପଣ କେବଳ ସେହି ନିର୍ଦ୍ଦିଷ୍ଟ ସ୍ପର୍ଶରେ ତାହାଙ୍କୁ ଛୁଇଁ ପାରନ୍ତେ! ହେ, ଅସୁସ୍ଥ ଲୋକମାନେ, ମୁଁ ଆପଣମାନଙ୍କ ପାଇଁ ମାତ୍ର ଅଳ୍ପ କିଛି ମିନିଟ୍ ମଧ୍ୟରେ, ପ୍ରାର୍ଥନା କରିବାକୁ ଯାଉଅଛି । ମୁଁ ବିଶ୍ୱାସ କରେ ଯେ ମୋ ଠାରେ ପବିତ୍ରଆତ୍ମା ଅଛନ୍ତି, ତାହାଠାରୁ ଅଧିକ କିଛି ପବିତ୍ରଆତ୍ମା ନୁହେଁ ଯାହାକି ଠିକ ସେଠାରେ ଆପଣମାନଙ୍କ ମଧ୍ୟରେ ତାହା ଅଛି, ଏହି ଲୋକମାନେ ଏଠାରେ ଯାହା ପାଇଛନ୍ତି । ସେହି ସମାନ ପବିତ୍ରଆତ୍ମା, ମାତ୍ର ଏହା ପରମେଶ୍ୱରଙ୍କ ଏକ ଆଜ୍ଞା ଅଟେ; ଏବଂ ଯଦି ଆପଣ ତାକୁ ପରମେଶ୍ୱରଙ୍କ ଆଜ୍ଞା ବୋଲି ବିଶ୍ୱାସ କରିବେ, ଯେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବା, ଏବଂ ସେମାନଙ୍କ ଉପରେ ହାତ ରଖିବା, ଏବଂ ମନ୍ଦ ଆତ୍ମାଗୁଡିକୁ ବାହାର କରିବା, ଏବଂ ସେହି ପ୍ରତିଜ୍ଞାଗୁଡିକ ଯାହା ସେ କରିଛନ୍ତି, ତେବେ ଏହା ଆପଣଙ୍କ ସହିତ ସେହି ସମାନ କଥା ହିଁ ହେବ । ଯଦି ଆପଣ ଏହାକୁ ବିଶ୍ୱାସ କରିପାରନ୍ତି, ତାହାହେଲେ ଆପଣ ଯାହା ମାଗିବେ ତାହା ପାଇବେ ।

"କଅଣ ତୁମେମାନେ ଏହା ବିଶ୍ୱାସ କରିପାର ଯେ ମୁଁ ଏହା କରିବାକୁ ସମର୍ଥ ଅଟେ?"

ଯୀଶୁ କହିଲେ ।

109 "ହଁ, ପ୍ରଭୁ, ମୁଁ ବିଶ୍ୱାସ କରେ," ସେହି ବ୍ୟକ୍ତିଜଣକ କହିଲେ ଯିଏକି ଅପସ୍ମାର ଗ୍ରସିତ ପିଲା ସହିତରେ ଥିଲେ, "ମୁଁ ବିଶ୍ୱାସ କରେ ଯେ ତୁମେ ପରମେଶ୍ୱରଙ୍କ ପୁତ୍ର ଯିଏକି ଜଗତକୁ ଆସିବାର ଥିଲା ।" ତେବେ, ଆମେମାନେ ଜାଣୁ ଯେ ସେହି ପରିଣାମଗୁଡିକୁ ଆଣିବା ପାଇଁ ତାହା କେବଳ ସେହି ମନୋଭାବକୁ ଆବଶ୍ୟକ କରେ ।

110 ତେବେ, ଶୀଘ୍ର, ଆସନ୍ତୁ ଆମେମାନେ ତାହାଙ୍କ ବିଷୟରେ କିଛି ସମୟ ଚିନ୍ତା କରିବା, ଏଠାରେ ସେ ତାହାଙ୍କ ମାର୍ଗରେ ଉପରକୁ ଯାଉଅଛନ୍ତି । ଜଣେ ସାନ ଯାଜକ ତଳକୁ ଆସିଲେ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେହି ସାନ ବ୍ୟକ୍ତି ଜଣକ ଏକ ସୀମାରେଖୀୟ ବିଶ୍ୱାସୀ ଥିଲେ ।

111 ଆଜି ଜଗତରେ ସେମାନଙ୍କ ମଧ୍ୟରୁ ଅନେକେ ଅଛନ୍ତି, ଛୋଟ ଛୋଟ ସୀମାରେଖୀୟ ବିଶ୍ୱାସୀମାନେ । ସେମାନେ ତାହା ବିଶ୍ୱାସ କରିବାକୁ ଚାହାଁନ୍ତି । ସେମାନେ ଏହା ବିଶ୍ୱାସ କରିବାକୁ ଚାହାଁନ୍ତି ଯେ ପବିତ୍ରଆତ୍ମା ବାସ୍ତବ ଅଟନ୍ତି । ସେମାନେ ବିଶ୍ୱାସ କରିବାକୁ ଚାହାଁନ୍ତି ଯେ ଏହା ହେଉଛି ସେହି ପ୍ରେରିତ ପଦକ୍ଷେପ, ଯେପରିକି ପରମେଶ୍ୱର ପ୍ରତିଜ୍ଞା କରିଥିଲେ ଯେ ଏହି ଶେଷ ଦିନରେ ସେ ଆପଣା ଆତ୍ମାକୁ ଢାଳିବେ । ଆମେ...ସେ ମଲାଖି 4 ରେ ବିଶ୍ୱାସ କରିବାକୁ ଚାହାଁନ୍ତି, ଯାହା ସେ ପ୍ରତିଜ୍ଞା କରିଥିଲେ, ଯେ ଏହି ଶେଷ ଦିନରେ ସେହି—ସେହି ମୂଳ ପେଣ୍ଟିକଷ୍ଟାଲ ବିଶ୍ୱାସକୁ ପୁନର୍ବାର ସେହି ମଣ୍ଡଳୀ ପ୍ରତି—ପ୍ରତି ପୁନଃସ୍ଥାପିତ କରାଯିବ ।

112 ମଲାଖି 4 ଏହା ଦାବି କରେ । "ଦେଖ, ମୁଁ ଶେଷ ଦିନରେ ତୁମ ନିକଟକୁ ଏଲିୟଙ୍କୁ ପଠାଇବି," ତାହା ଠିକ୍, "ଏବଂ ସେ ସନ୍ତାନମାନଙ୍କର ବିଶ୍ୱାସକୁ ପୁନର୍ବାର ପିତୃପୁରୁଷଙ୍କଠାରେ ପୁନଃସ୍ଥାପିତ କରିବେ," ଦେଖନ୍ତୁ, "ପୁଣି, ପିତୃପୁରୁଷର ବିଶ୍ୱାସକୁ ସନ୍ତାନମାନଙ୍କ ପ୍ରତି ପୁନଃସ୍ଥାପିତ କରିବେ ।" ଦେଖନ୍ତୁ, ଏହା ହେବା ଆବଶ୍ୟକ ଅଟେ ।

ଆପଣ କୁହନ୍ତି, "ତେବେ, ତାହା ବାପ୍ତିଜକ ଯୋହନ ଥିଲେ ।" ନା, ନା ।

113 ବାପ୍ତିଜକ ଯୋହନ ହେଉଛନ୍ତି ମଲାଖି 3 । ତାହା ଠିକ ଅଟେ । ମାଥିଉ 11 ସେପରି କୁହେ, "ଯଦି ତୁମେ ଏହାକୁ ଗ୍ରହଣ କରିପାର, ତେବେ ସେ ହିଁ ଏହା ଯାହା ବିଷୟରେ ଏହା କୁହାଯାଏ, 'ଦେଖ, ମୁଁ ମୋର ଦୂତଙ୍କୁ ମୋର ଆଗରେ ପ୍ରେରଣ କରେ ।'" ନିଶ୍ଚିତରେ, ଏହା ଏଲିୟ ଥିଲେ । ଯୀଶୁ କହିଥିଲେ ଯେ ଏହା ତାହା ଅଟେ । ମାତ୍ର ମଲାଖି 4 ର ଏଲିୟ, ଆଦୌ ନୁହେଁ ।

114 କାରଣ, "ସେହି ବାର୍ତ୍ତାର ତୁରନ୍ତ ପରେ, ପୃଥିବୀକୁ ଅଗ୍ନିରେ ଦଗ୍ଧ କରାଯିବ, ଏବଂ ଧାର୍ମିକମାନେ ଦୁଷ୍ଟମାନଙ୍କ ପାଉଁଶଗଦା ଉପରେ ଗମନ କରିବେ ।" ତେଣୁ ଏହା ଯୋହନଙ୍କ ସମୟରେ କଦାପି ଘଟି ନ ଥିଲା । ଆମ ପାଖରେ ତ ଏପରି ଏକ ବାର୍ତ୍ତା ରହିବାକୁ ଅଛି ଯାହାକି ସର୍ବତ୍ର ଯାଇ ଏହି ସମସ୍ତ ନାମଧାରୀ ପରିସ୍ଥିତିରୁ ଲୋକମାନଙ୍କୁ ବାହାର କରି ଆଣିବ, ଓ ସେହି ମୂଳ, ପ୍ରକୃତ ପେଣ୍ଟିକଷ୍ଟାଲ୍ ବିଶ୍ୱାସ ନିକଟକୁ ଫେରାଇ ଆଣିବ । ଏବଂ ଆମେ ଏହାକୁ ହେଉଥିବାର ଦେଖୁଅଛୁ, ଏହା ଏକ ଶାସ୍ତ୍ରର ପୂରଣ ହେବା ଅଟେ ଯାହାକୁ ସଫଳ ହେବାକୁ

ଅଛି । ସମସ୍ତ ଶାସ୍ତ୍ରକୁ ସଫଳ ହେବା ଜରୁରୀ । ସେହିପରି ଭାବରେ ଆହୁରି କେତେ ଅଧିକ ଅଛି ଯାହାକୁ ଆମେ ବ୍ୟବହାର କରିପାରିବା, ଏହା ବର୍ତ୍ତମାନ ମୋତେ ଦେଖାଇବା ପାଇଁ, ମୋର ସମୟଠାରୁ ଅଧିକ ସମୟ ଲାଗିବ । ମାତ୍ର ଆପଣ ଏହି ଜିନିଷଗୁଡ଼ିକୁ ବୁଝୁଛନ୍ତି, ଯେ ଏହାକୁ ଅବ୍ରହାମଙ୍କ ସନ୍ତାନମାନଙ୍କ ପ୍ରତି, ଠିକ ସେହିପରି ଭାବରେ ଘଟିବାକୁ ଅଛି, ଯେପରି ସେ ପ୍ରତିଜ୍ଞା କରିଛନ୍ତି ।

115 ଆମେ ବର୍ତ୍ତମାନ ଯୀଶୁଙ୍କୁ ସେହି ସାନ ଝିଅକୁ ସୁସ୍ଥ କରିବା ପାଇଁ ଉପରକୁ ଯିବାର ଦେଖୁଅଛୁ । କାରଣ, ସେହି ପିତା, ସେହି ଛୋଟ ସୀମାରେଖୀୟ ବିଶ୍ୱାସୀଜଣକ, ଏପରି କିଛି ଏକ ସ୍ଥାନକୁ ଆସି ପହଞ୍ଚିଲେ ଯେ ତାଙ୍କୁ ଯୀଶୁଙ୍କୁ ଚିହ୍ନଟ କରିବାକୁ ପଡିଲା, ତେଣୁକରି, ସେହି ଚିକିତ୍ସକ ତାଙ୍କୁ ନେଇ ଆଶା ଛାଡି ଦେଇଥିଲେ । ଏବଂ ସେ ନିଜର ଛୋଟ କଳା ଟୋପିକୁ ପିନ୍ଧି ଏହା ଖୋଜିବା ପାଇଁ ବାହାରି ଗଲେ ଯେ ସେ ଯୀଶୁଙ୍କୁ ପାଇପାରିବେ କି ନାହିଁ । ଦେଖନ୍ତୁ, ସେ ସର୍ବଦା ଠିକ ସେହିଠାରେ ରହିଥାଆନ୍ତି ଯେତେବେଳେ ଆପଣ ତାଙ୍କୁ ଚାହାଁନ୍ତି । ସେ ଠିକ ତାହାଙ୍କୁ ସେହି କୂଳକୁ ଆସୁଥିବାର ଦେଖିଲେ ।

116 ଏବଂ ସେ କହିଲେ, "ମୋର ସାନ ଝିଅ ପାଖକୁ ଆସନ୍ତୁ, ତାହା ଉପରେ ନିଜର ହାତ ରଖନ୍ତୁ, ଏବଂ ସେ ଭଲ ହୋଇଯିବ ।" କହିଲେ, "ସେ ମୃତପ୍ରାୟଃ ଅବସ୍ଥାରେ ପଡି ରହିଛି । ସେ ମୋର ଏକମାତ୍ର ସନ୍ତାନ ଅଟେ ।" କହିଲେ, "ସେ ବାର ବର୍ଷ ବୟସର ଅଟେ । ଆମର ଆଉ ଅନ୍ୟ କୌଣସି ସନ୍ତାନ ନାହିଁ । ପତ୍ନୀ ଏବଂ ମୁଁ," ବୋଧହୁଏ, "ବୃଦ୍ଧ ହେଉଅଛୁ । ଏବଂ ଏହାହିଁ ଏକମାତ୍ର ସନ୍ତାନ ଯାହାକି ଆମର ରହିଛି, ଏବଂ ସେ ମୃତପ୍ରାୟଃ ଅବସ୍ଥାରେ ପଡି ରହିଛି । ପ୍ରଭୁ, ମୁଁ ତୁମକୁ ବିଶ୍ୱାସ କରେ । ଯଦି ତୁମେ କେବଳ ତାହା ଉପରେ ନିଜର ହାତ ରଖି ଦେବ, ସେ ଭଲ ହୋଇଯିବ ।"

ଦେଖନ୍ତୁ, ସେ କଅଣ ଚିହ୍ନଟ କଲା? ସେ ଚିହ୍ନଟ କଲା ଯେ ପରମେଶ୍ୱରଙ୍କର ସେହି ପ୍ରତିଜ୍ଞାତ ବାକ୍ୟ ଏହି ବ୍ୟକ୍ତିଙ୍କଠାରେ ପ୍ରକାଶିତ ହୋଇଥିଲା ।

117 ଠିକ ଯେପରି ସମାନ ଭାବରେ ନିକଦୀମ କହିଥିଲେ, "ରାବ୍ବୀ, ହେ ଗୁରୁ, ଆମେ ଜାଣୁ ଯେ ତୁମେ ପରମେଶ୍ୱରଙ୍କଠାରୁ ଆଗତ ଜଣେ ଗୁରୁ ଅଟ । ଆମେ ଏହା ଜାଣୁ । ଫାରୂଶୀମାନେ ଏହା ଜାଣନ୍ତି ।" ସେମାନେ କାହିଁକି ଏହାକୁ ସ୍ୱୀକାର କଲେ ନାହିଁ? "ତୁମେ କରୁଥିବା ଏହି ବିଷୟଗୁଡିକୁ ଅନ୍ୟ କୌଣସି ବ୍ୟକ୍ତି ସେପର୍ଯ୍ୟନ୍ତ କରିପାରିବେ ନାହିଁ, ଯେପର୍ଯ୍ୟନ୍ତକି ପରମେଶ୍ୱର ତାହାଙ୍କ ସହିତରେ ନ ରୁହନ୍ତି । ଆମେମାନେ ଜାଣୁ ଯେ ତୁମେ ପରମେଶ୍ୱରଙ୍କଠାରୁ ଆସିଅଛ ।"

118 ଏଠାରେ ଆମେମାନେ ପାଉ ଯେ ଯାଇରସ ସେହି ସମାନ କଥାକୁ ବିଶ୍ୱାସ କରୁଥିଲେ । ସେ କହିଲେ, "ଆସି ନିଜର ହାତକୁ ରଖନ୍ତୁ ।" ସେ ଜାଣିଥିଲେ ଯେ ପରମେଶ୍ୱର ତାହାଙ୍କଠାରେ ଅଛନ୍ତି । "ମୋ ସନ୍ତାନ ଉପରେ ନିଜର ହାତ ରଖନ୍ତୁ । ଯଦିଓ ସେ ମୃତ୍ୟୁ ମୁଖରେ ଅଛି, ସେ ବଞ୍ଚି ଯିବ ।"

119 ସେ ଠିକ ତାଙ୍କ ସହିତରେ ଚାଲିଲେ । ଏବଂ ଯେତେବେଳେ ସେ ଯାଉଥିଲେ, ଏଠାରେ ଜଣେ ଲୋକ ଦୌଡି ଦୌଡି ଆସିଲା, ଓ କହିଲା, "ତାହାଙ୍କୁ କଷ୍ଟ ଡିଅନ୍ତୁ ନାହିଁ, ଗୁରୁଙ୍କୁ ଆଉ ଅଧିକ କଷ୍ଟ ଦିଅନ୍ତୁ ନାହିଁ । ସେହି—ସେହି ଝିଅଟି, ମରିଯାଇଛି, ସେ ତାର ପ୍ରାଣ ହରାଇଅଛି । ସେ ମୃତ୍ୟୁବରଣ କରିଅଛି ।"

ଯୀଶୁ ଯାଇରସ ଆଡ଼କୁ ବୁଲି ପଡି, କହିଲେ, "କଅଣ ମୁଁ ତୁମକୁ କହି ନ ଥିଲି, 'ଯଦି ତୁମେ କେବଳ ବିଶ୍ୱାସ କରିବ, ତୁମେ ପରମେଶ୍ୱରଙ୍କର ମହିମା ଦେଖିବ'? ଯଦି ତୁମେ କେବଳ ଏହାକୁ ବିଶ୍ୱାସ କରିବ!"

120 ସେ କୋଠରୀ ଭିତରକୁ ଗଲେ, ଏବଂ ସେଠାରେ ସେମାନେ ସମସ୍ତେ, କ୍ରନ୍ଦନ କରୁଥିଲେ ଏବଂ କାନ୍ଦୁଥିଲେ, ଏବଂ ବିଳାପ କରୁଥିଲେ, ଠିକ ଯେପରିକି କୌଣସି ବି ବ୍ୟକ୍ତି କରିବେ । ଜଣେ ଉତ୍ତମ ସାନ ଝିଅଟିଏ, ଜଣେ ପାଳକଙ୍କ ଝିଅ, ମୃତ୍ୟୁବରଣ କରିଥିଲା, ଏବଂ ତାଙ୍କୁ ଏହି ଜଗତରୁ ନେଇ ନିଆ ଯାଇଥିଲା । ଏବଂ ସେ ବୋଧହୁଏ କିଛି ଘଣ୍ଟା ହେବ ମରି ଯାଇଥିଲା, ଏବଂ ତାହାପରେ ସେମାନେ ତାକୁ ସେହି ବିଛଣା ଉପରେ ଶୁଆଇ ଦେଇଥିଲେ, ଏବଂ ତାର ଦେହକୁ ତୈଳରେ ପୁତାଗ୍ନୀ କରିବାକୁ ପ୍ରସ୍ତୁତ ହେଉଥିଲେ, ବୋଧହୁଏ, ଏବଂ ତାକୁ ସମାଧିରେ, ରଖିବାକୁ ପ୍ରସ୍ତୁତ ହେଉଥିଲେ ।

ତାହାପରେ ଆମେମାନେ ପାଉ ଯେ ଯୀଶୁ ଘର ଭିତରକୁ ଆସନ୍ତି । ସେମାନେ ସମସ୍ତେ ବିଳାପ କରୁଥିଲେ । ସେ କହିଲେ, "ଶାନ୍ତି ବର୍ତ୍ତୁ ।" ସେ କହିଲେ, "ସେ ମରି ନାହିଁ, ବରଂ ସେ ଶୋଇଅଛି ।"

121 ତେବେ କଅଣ ଆପଣମାନେ କଳ୍ପନା କରିପାରନ୍ତି ଯେ ସେମାନେ କଅଣ ଭାବିଥିଲେ? "କାହିଁକି, ଏହି ବ୍ୟକ୍ତି ଯାହାକୁ ଆମେ ବର୍ତ୍ତମାନ, ଜାଣୁ । ଆମେମାନେ ବୁଝୁଛୁ ଯେ ସେ ଜଣେ ଅବୈଧାନିକ ସନ୍ତାନ ଅଟନ୍ତି । ଏବଂ ଆମେମାନେ ତାହାଙ୍କ ବିଷୟରେ, ତାହାଙ୍କର ସମସ୍ତ ଅପ୍ରକୃତ ଭବିଷ୍ୟଦ୍‌ବାଣୀ ବିଷୟରେ ଶୁଣିଅଛୁ ଯାହା ସେ କରିଥାନ୍ତି । ଏବଂ ବର୍ତ୍ତମାନ ଆମେମାନେ ଜାଣୁ ଯେ ସେହି ଯାଜକ ସେ ବିଷୟରେ ଠିକ୍ ଅଟନ୍ତି ଯେ, 'ସେହି ଲୋକଟି ପାଗଳ ଅଟେ,' କାରଣ ଆମେମାନେ ଜାଣୁ ଯେ ସେହି ଝିଅଟି ମରି ଯାଇଛି । ଡାକ୍ତର ତାକୁ 'ମୃତ' ବୋଲି ଘୋଷଣା କରିଛନ୍ତି, ଏବଂ ସେଠାରେ ସେ ପଡି ରହିଛି । ସେ ଚାଲି ଯାଇଛି, ଏବଂ ଆମେ ଜାଣୁ ଯେ ସେ ମରି ଯାଇଛି ।" ସେମାନେ କହିଲେ, ସେମାନେ ତାହାଙ୍କୁ ଥଟ୍ଟା ପରିହାସ କଲେ, ଅନ୍ୟ ଅର୍ଥରେ, ତାହାଙ୍କୁ ସମାଲୋଚନା କରିବା ଦ୍ୱାରା, ତାହାଙ୍କୁ ଲଜ୍ଜିତ ଅନୁଭବ କରାଇଥିଲେ ।

122 ମାତ୍ର ସେ ତ କହି ସାରିଥିଲେ ଯେ ସେହି ଝିଅଟି ମରି ନାହିଁ । ତାହାହିଁ ସବୁକିଛି ଯାହାକି ଏହା ଅବଶ୍ୟାକ କରେ । "ସେ ଶୋଇଅଛି ।" ଯାଏ ଆସେ ନାହିଁ ଯେ କେତେ ଅଧିକ ସମାଲୋଚକମାନେ ଆସନ୍ତି, ସେ ଆପଣା ବାକ୍ୟକୁ ପ୍ରମାଣ କରିବାକୁ ଯାଉଅଛନ୍ତି! ସେ ସମସ୍ତଙ୍କୁ ଘରୁ ବାହାର କରି ଦେଲେ, ସମସ୍ତ ଅବିଶ୍ୱାସୀମାନଙ୍କୁ ଦୂର କରିଦେଲେ । ପିତର,

ଯାକୁବ, ଏବଂ ଯୋହନ, ସେହି ବିଶ୍ୱାସୀମାନଙ୍କୁ, ତିନିଜଣ ସାକ୍ଷୀଙ୍କୁ ନେଲେ, ଏବଂ ପିତା ଓ ମାତାଙ୍କୁ ନେଲେ, ଭିତରକୁ ଗଲେ, ଏବଂ ସେହି ଝିଅକୁ ହାତରେ ଧରି, ଏବଂ ଏପରି ଏକ ଭାଷାରେ କହିଲେ ଯାହାକି ତାର ପ୍ରାଣକୁ ଅନନ୍ତତାର କୌଣସି ଏକ ସ୍ଥାନରୁ ଡାକି ଆଣିଲା। ଏବଂ ସେହି ଝିଅଟି ଜୀବିତ ହୋଇଗଲା।

123 ସେ କଅଣ କଲେ? ସେ ଆପଣା ବାକ୍ୟକୁ ପ୍ରମାଣ କଲେ। ସେ ତାହା ପ୍ରମାଣ କଲେ ଯାହା ସେ କହିଥିଲେ। ସେହି ଝିଅଟି ମରି ନ ଥିଲା। ସେ ଶୋଇଥିଲା। ତେବେ ଆମେମାନେ ଏହା କରିବାରେ, ଏହା ପାଇଲୁ, ଏହା ହୃଦୟଙ୍ଗମ କ;ଉ, ଏବଂ ସେ ସେଠାରେ ଆଉ କିଛି ବିଷୟ ପ୍ରମାଣ କଲେ। ବର୍ତ୍ତମାନ ସେ ପ୍ରମାଣ କଲେ ଯେ ସେ ପରମେଶ୍ୱର ଥିଲେ। ସେ ପ୍ରମାଣ କଲେ ଯେ ତାହାଙ୍କଠାରେ ପୂର୍ବଜ୍ଞାନ ରହିଥିଲା। ଧ୍ୟାନ ଦିଅନ୍ତୁ ଯେ ତେବେ ତାହାଙ୍କର ବାକ୍ୟ କଅଣ କହିଥିଲା। "ସେ ମରି ନାହିଁ, ବରଂ ସେ ଶୋଇଅଛି।" ଦେଖନ୍ତୁ, ସେ ଆରମ୍ଭରୁ ହିଁ, ମରି ନ ଥିଲା। ସେ ତ ଶୋଇଥିଲା। ତାହାଙ୍କର ପୂର୍ବଜ୍ଞାନକୁ ଦେଖାଇଥିଲେ। ତେବେ, ହୁଏତ ସେହି ଦିନ ସକାଳେ ସେଠାରେ ଅନେକ ସାନ ସାନ କୁମାରୀ ଝିଅମାନେ ମୃତ୍ୟୁବରଣ କରିଥିବେ, ମାତ୍ର ଏହି ଜଣକ ମରି ନ ଥିଲା। ସେ ତ ଲାଜାର ପରି, ଶୋଇ ରହିଥିଲା। ଏବଂ ସେ ତାଙ୍କୁ ସେହି ନିଦରୁ ଡାକିଲେ, ଯେହେତୁ ସେ ମରି ନ ଥିଲା।

124 "ଏବଂ ସେ ଯିଏକି ମୋ ଠାରେ ବିଶ୍ୱାସ କରେ, ଯଦିଓ ସେ ମରି ବି ଥିବ, ତଥାପି ସେ ଜୀବିତ ହେବ; ଏବଂ ଯେକେହି ଜୀବିତ ଅଟେ ଓ ମୋ ଠାରେ ବିଶ୍ୱାସ କରେ, ସେ କଦାପି ମରିବ ନାହିଁ। କେବଳ ସେମାନେ ଯେଉଁମାନେକି ମେଷଶାବକଙ୍କ ଜୀବନ ପୁସ୍ତକରେ ଅଛନ୍ତି, ତାହାଙ୍କୁ ହିଁ ସେ ମୃତ୍ୟୁବରଣ କରିବା ସମୟରେ ମୁକ୍ତ କରିଥିଲେ, ସେମାନେ ହିଁ ଅଟନ୍ତି ଯେଉଁମାନଙ୍କୁକି ସେ ସେହି ଦିନ, ନିଦ୍ରାରୁ ଡାକିବେ, ଯେଉଁମାନେକି ତାହାଙ୍କ ଶକ୍ତି ଦ୍ୱାରା ସଂଜୀବିତ କରା ଯାଇଅଛନ୍ତି, ଯେଉଁମାନଙ୍କ ଭିତରେ ସେହି ସଂଜୀବିତ ଶକ୍ତି ରଖା ହୋଇଅଛି। ଠିକ ଯେପରିକି ଗତ ରାତିରେ ମୁଁ କହିଥିଲି; ଏପରିକି ଇଲୀଶାୟଙ୍କ ମୃତ୍ୟୁ ପରେ ମଧ୍ୟ, ଏବଂ ତାଙ୍କର ଅସ୍ଥି କବରରେ ପଡ଼ି ରହିଥିଲା, ସେହି ସଂଜୀବିତ ଶକ୍ତି ଏବେ ସୁଦ୍ଧା ତାଙ୍କ ଅସ୍ଥି ଉପରେ ଥିଲା।

125 ନିଶ୍ଚିତରେ, ସେ ଏହା ପ୍ରମାଣ କରିଥିଲେ ଯେ ସେ କିଏ ଥିଲେ। ତେବେ ଆମେମାନେ ସେହିପରି ଭାବରେ, ପୁଣି ଥରେ ଜାଣିବାକୁ ପାଉ, ଯେ ସେ ଏହା ମଧ୍ୟ ପ୍ରମାଣ କଲେ ଯେ, ଏବ୍ରୀ ତାର 4ର୍ଥ ପର୍ବ ଏବଂ 12ଶ ପଦ, ସେ ପ୍ରମାଣ କଲେ ଯେ ସେ ପରମେଶ୍ୱରଙ୍କ ବାକ୍ୟ ଅଟନ୍ତି। ସେ ନିଶ୍ଚିତରେ କଲେ। ଧ୍ୟାନ ଦିଅନ୍ତୁ ଯେ ସେ କଅଣ କରିଥିଲେ। ଏବ୍ରୀ, 12, ଏବ୍ରୀ 4:12 ଏହା କୁହେ ଯେ, "ପରମେଶ୍ୱରଙ୍କ ବାକ୍ୟ ଅଧିକ ଶକ୍ତିଶାଳୀ, ଏକ ଦ୍ୱି-ଧାର ଖଡ୍ଗଠାରୁ ତୀକ୍ଷ୍ଣତର, ଏବଂ—ଏବଂ ଏହା ହୃଦୟର ଚିନ୍ତା ଏବଂ ବିଚାରଗୁଡିକର ମଧ୍ୟ ଏକ ପରିଭେଦକ ଅଟେ।" ତେବେ କେବଳ ଗୋଟିଏ ମୁହୂର୍ତ୍ତ ଦେଖନ୍ତୁ।

126 ଯେତେବେଳେ ସେ ପ୍ରଥମେ ତାହାଙ୍କର ସେବାକାର୍ଯ୍ୟ ଆରମ୍ଭ କଲେ, ସେ ବାକ୍ୟ ଅଟନ୍ତି

ବୋଲି ଦେଖାଇବା ନିମନ୍ତେ ବାହାରକୁ ଆସିବା ପରେ, ଯେତେବେଳେ ସେ ପ୍ରାନ୍ତରରୁ ତାହାଙ୍କ ପ୍ରଲୋଭନ କରାଯିବା ବିଷୟଠାରୁ ଆସିଥିଲେ, ସେଠାରେ ପିତର ନାମକ ଜଣେ ବ୍ୟକ୍ତି ଥିଲେ, ସେତେବେଳେ ତାଙ୍କ ନାମ ଶିମୋନ ଥିଲା । ଏବଂ ସେ ତାଙ୍କ ଭାଇ ଆନ୍ଦ୍ରିୟଙ୍କ ସହିତ, ଯୀଶୁଙ୍କ ନିକଟକୁ ଆସିଥିଲେ । ଏବଂ ସେ ଯୀଶୁ ଖ୍ରୀଷ୍ଟଙ୍କ ଉପସ୍ଥିତିକୁ ଚାଲିକରି ଯିବା ମାତ୍ରେ, ଯୀଶୁ କହିଲେ, "ତୁମର ନାମ ଶିମୋନ । ଏବଂ ତୁମର ପିତା ଯୂନସ ଅଟନ୍ତି । ଆଜିର ଦିନଠାରୁ ତୁମେ ପିତର କୁହାଯିବ ।" ତାହା ଏହା ପ୍ରମାଣିତ କଲା ଯେ ସେ ବାକ୍ୟ ଥିଲେ, କାରଣ ସେହି ବାକ୍ୟ ହୃଦୟର ଚିନ୍ତା ଏବଂ ବିଚାରଗୁଡିକର ପରିଭେଦ ଅଟେ । ସେ ବାକ୍ୟ ଥିଲେ ।

127 ଫିଲିପ୍ପ ଏହା ଘଟୁଥିବାର ଦେଖିଥିଲେ । ସେ ପର୍ବତ ଚାରିପାଖରେ ବୁଲି କରି ଆସିଲେ, ଗୋଟିଏ ଦିନ ବିତିଗଲା, ଏବଂ ଫେରି ଆସିଲେ । ଏବଂ ସେ ତାଙ୍କ ସହିତ ନିଥନିୟେଲ ନାମକ ଜଣେ ବନ୍ଧୁକୁ ନେଇ କରି ଆସିଥିଲେ । ଏବଂ ସେ କହିଲେ, "ଏହି ଜିନିଷଗୁଡିକ ପ୍ରକୃତରେ ଘଟୁଅଛି । ମୋଶା କହିଲେ 'ସଦାପ୍ରଭୁ ଆମ ପରମେଶ୍ୱର ତାହାଙ୍କ ସଦୃଶ ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ଉଠାଇବେ, ଏବଂ ଏଠାରେ ସେହି ବ୍ୟକ୍ତି ଅଛନ୍ତି । କାହିଁକି, ସେ ଶିମୋନଙ୍କୁ କହିଥିଲେ ଯେ ସେ କିଏ ଅଟନ୍ତି, ଏପରିକି ତାଙ୍କ ପିତା ମଧ୍ୟ କିଏ, ଏବଂ ଆମେମାନେ ଜାଣୁଛୁ ଯେ ସେ ଯାହା କହୁଛନ୍ତି ତାହା ସତ୍ୟ ଅଟେ । କାରଣ, ପରମେଶ୍ୱର ଏହାକୁ ବାକ୍ୟରେ କହିଥିଲେ, ଏବଂ ଏଠାରେ ଏହା ପ୍ରମାଣିତ ଅଟେ ଯେ ତାହାଙ୍କୁ ଏହା କରିବାକୁ ଥିଲା, ଏବଂ ତାହା ଏହା ପ୍ରମାଣ କରେ ଯେ ସେ ହେଉଛନ୍ତି ମଶୀହ ।"

ଏବଂ ଯେତେବେଳେ ସେ ତାହାଙ୍କ ଉପସ୍ଥିତିକୁ ଚାଲିକରି ଗଲେ, ଯୀଶୁ ତାଙ୍କୁ କହିଲେ, କହିଲେ, "ଦେଖ, ଏପରି ଜଣେ ଇସ୍ରାଏଲୀୟ, ଯାହାଙ୍କଠାରେ କୌଣସି କପଟତା ନାହିଁ ।"

ସେ କହିଲା, "ହେ ଗୁରୁ, ଆପଣ ମୋତେ କେବେ ଜାଣିଲେ?"

ଯୀଶୁ ଉତ୍ତର ଦେଲେ, "ଫିଲିପ୍ପ ତୁମକୁ ଡାକିବା ପୂର୍ବରୁ, ଯେତେବେଳେ ତୁମେ ସେହି ଗଛ ତଳେ ଥିଲ, ମୁଁ ତୁମକୁ ଦେଖିଥିଲି । ସେ ଆପଣା ବାକ୍ୟକୁ ପ୍ରମାଣ କରିଠିଲେ । ସେ ପରମେଶ୍ୱରଙ୍କ ବାକ୍ୟକୁ ପ୍ରମାଣ କରିଥିଲେ । ସେ ତାହା କରିଥିଲେ ।

128 କୂଅରେ ଥିବା ସେହି ସ୍ତ୍ରୀଲୋକଟି, ଯେତେବେଳେ ସେ...ତେବେ, ଯୀଶୁ ସେହି ସ୍ତ୍ରୀଲୋକକୁ ସେହି ପାତ୍ରରୁ ଜଳ ବାହାର କରି ତାଙ୍କୁ ପିଇବାକୁ ଦେବା ନିମନ୍ତେ ବିନତୀ କରିଥିଲେ ଯେଉଁ ପାତ୍ରରେ ସେ କୂଅରୁ ଜଳ କାଢୁଥିଲା, ଏବଂ ସେହି ସ୍ତ୍ରୀଲୋକଟି କହିଲା, "ଏହା ତୁମ ଯିହୁଦୀମାନଙ୍କ ପାଇଁ ପ୍ରଥା ନୁହେଁ ଯେ ଆମ ପରିକା ଶମିରୋଣୀୟ ସ୍ତ୍ରୀଲୋକମାନଙ୍କୁ ଏପରି କିଛି ଏକ ବିଷୟ ମାଗ, କାରଣ ଆମର ଏପରି କୌଣସି ବ୍ୟବହାର ନାହିଁ ।"

ଯୀଶୁ କହିଲେ, "ମାତ୍ର ଯଦି ତୁମେ ଏହା ଜାଣିଥାଆନ୍ତ ଯେ ତୁମେ କାହା ସହିତ କଥାବାର୍ତ୍ତା କରୁଅଛ, ତେବେ ତୁମେ ମୋତେ ପିଇବାକୁ ମାଗିଥାଆନ୍ତ ।"

ସ୍ତ୍ରୀଲୋକଟି କହିଲା, "କୂଅ ଗଭୀର ଅଟେ ।"

ଏବଂ ସେହି ବାର୍ତ୍ତାଳାପ, ଯେତେବେଳେ ଏହା ଆଗକୁ ବଢିଲା, ଅବଶେଷରେ ଯୀଶୁ ଜାଣିବାକୁ ପାଇଲେ ଯେ ତାର ସମସ୍ୟା କଅଣ ଥିଲା । ଏବଂ ସେ କହିଲେ, "ଯାଅ ତୁମ ସ୍ୱାମୀକୁ ଡାକି ଆଣ, ଏବଂ ଏଠାକୁ ଆସ ।"

ସ୍ତ୍ରୀଲୋକଟି କହିଲା, "ମୋର କୌଣସି ସ୍ୱାମୀ ନାହିଁ ।"

ସେ କହିଲେ, "ତୁମେ ସତ୍ୟ କହିଛ, କାରଣ ତୁମର ପାଞ୍ଚଟି ଥିଲେ, ଏବଂ ବର୍ତ୍ତମାନ ମଧ୍ୟ ତୁମେ ଯାହା ସହିତ ରହୁଅଛ ତାହା ତୁମର ସ୍ୱାମୀ ନୁହେଁ ।"

129 "କାହିଁକି," ସେ କହିଲା, "ମହାଶୟ, ମୁଁ ଜାଣି ପାରୁଛି ଯେ ଆପଣ ଜଣେ ଭବିଷ୍ୟଦ୍‌ବକ୍ତା ଅଟନ୍ତି ।" ସେ..."ଚାରି ଶହ ବର୍ଷ ହେଲାଣି ଆମର ଜଣେ ବି ହୋଇନାହାଁନ୍ତି, ଆପଣ ଜାଣନ୍ତି ।" କହିଲା, "ମୁଁ ଜାଣି ପାରୁଛି ଯେ ଆପଣ ଜଣେ ଭବିଷ୍ୟଦ୍‌ବକ୍ତା ଅଟନ୍ତି । ତେବେ, ଆମେମାନେ ଜାଣୁ ଯେ ଯେତେବେଳେ ମଶୀହ ଆସିବେ, ଯାହାକୁ ଖ୍ରୀଷ୍ଟ ବୋଲି କୁହାଯାଏ, ଯେତେବେଳେ ସେ ଆସିବେ, ସେ ଆମକୁ ଏହିସବୁ ପ୍ରକାରର କଥା କହିବେ । ତାହା ତାହାଙ୍କର ଚିହ୍ନ ହେବ ।"

ଯେତେବେଳେ ସେ କହିଲେ, "ମୁଁ ଯିଏକି ତୁମ ସହିତ କଥାବାର୍ତ୍ତା କରୁଅଛି ସେ ଅଟେ," ସେ ଆପଣା ବାକ୍ୟକୁ ପ୍ରମାଣ କରିଥିଲେ । ସେ...ଆମେ ତାହା ପ୍ରମାଣ କରୁ ଯାହା ସେ ଅଟନ୍ତି ବୋଲି ଦାବି କରନ୍ତି । ସେ ପରମେଶ୍ୱରଙ୍କ ପୁତ୍ର, ମଶୀହ ଥିଲେ ।

130 ତେବେ ଆମେ ଏହା ମଧ୍ୟ, ପାଉ, ଯେ ଏହି ସାନ ସ୍ତ୍ରୀଲୋକଟି ଯାହାଙ୍କର ଏହି ପ୍ରଦରରୋଗର ସମସ୍ୟା ଥିଲା, ଯିଏକି ତାହାଙ୍କର ବସ୍ତ୍ରକୁ ସ୍ପର୍ଶ କରିଥିଲା, ତାହା ମଧ୍ୟ ତାଙ୍କୁ ଏହା ପ୍ରମାଣ କରିଥିଲା ଯେ ସେ ପରମେଶ୍ୱରଙ୍କ ବାକ୍ୟ ଥିଲେ ।

131 ତେବେ ମନେରଖନ୍ତୁ, ଯେ ଆଜି ରାତି, ଯୀଶୁ କହିଥିଲେ...ଆହୁରି ମଧ୍ୟ, ଏବ୍ରୀ, 1, ଏବ୍ରୀ ତାର ତୃତୀୟ ପର୍ବ, ମୁଁ ବିଶ୍ୱାସ କରେ ଯେ ଏହାହିଁ ଅଟେ, ସେ କହିଥିଲେ ଯେ, "ସେ ବର୍ତ୍ତମାନ ଜଣେ ମହାଯାଜକ," ଏହି ଯୁଗରେ ଯେଉଁଥିରେକି ଆମେମାନେ ବର୍ତ୍ତମାନ ବସବାସ କରୁଅଛୁ, "ପରମେଶ୍ୱରଙ୍କ ପ୍ରତାପରେ, ସ୍ୱର୍ଗରେ ବିରାଜିତ ହୋଇଥିବା ଜଣେ ମହାଯାଜକ, ଯାହାକୁ ଆମର ଦୁର୍ବଳତାର ଅନୁଭୂତି ଦ୍ୱାରା ସ୍ପର୍ଶ କରା ଯାଇପାରେ ।"

ଏବ୍ରୀ 13:8 କୁହେ, "ସେ କାଲି, ଆଜି, ଏବଂ ଚିରକାଳ, ସମାନ ଅଟନ୍ତି ।" ସେ ସେହି ସମାନ ପରମେଶ୍ୱର ଅଟନ୍ତି ଯାହାକି ସେ ସେଦିନ ଥିଲେ । ସେ ଆଜି ରାତି ସେହି ସମାନ ଅଟନ୍ତି ।

132 ସାଧୁ ଯୋହନ 14:12, ସେ କହିଲେ, "ଯିଏ ମୋ ଠାରେ ବିଶ୍ୱାସ କରେ, ଯେଉଁ କାର୍ଯ୍ୟଗୁଡିକ ମୁଁ କରୁଛି ସେ ମଧ୍ୟ କରିବ । ଏପରିକି ସେ ଏହାଠାରୁ ଅଧିକ ମଧ୍ୟ କରିବ, କାରଣ ମୁଁ ମୋର ପିତାଙ୍କ ନିକଟକୁ ଯାଉଅଛି ।" ବୁଝିଲେ? "ଯିଏ ମୋ ଉପରେ ବିଶ୍ୱାସ କରେ, ଯେଉଁ କାର୍ଯ୍ୟଗୁଡିକ ମୁଁ କରୁଛି ସେ ମଧ୍ୟ କରିବ ।"

133 ମାଥିଉ 28 ରେ, ସେ କହିଲେ, "ଅଳ୍ପ ସମୟ ଏବଂ ଏହି ଜଗତ ମୋତେ ଆଉ ଅଧିକ ଦେଖିବ ନାହିଁ, ତଥାପି ତୁମେ ମୋତେ ଦେଖିବ, କାରଣ ମୁଁ ଜଗତର ଶେଷ ପର୍ଯ୍ୟନ୍ତ ତୁମ ସହିତରେ ରହିବି।"

134 ଯୀଶୁ ଖ୍ରୀଷ୍ଟ କାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି। ସେ ତାହାଙ୍କର ବାକ୍ୟକୁ ପ୍ରମାଣ କରିବା ନିମନ୍ତେ, ଆଜି ରାତିରେ, ଠିଆ ହୋଇଛନ୍ତି। (ମୋର ସମୟ ବିତି ଯାଇଛି।) ମାତ୍ର ସେ ପ୍ରମାଣ କରିଥିଲେ ଯେ ସେ କରିପାରନ୍ତି। ସେ ତାହା ସେଦିନ ପ୍ରମାଣ କରିଥିଲେ, ଯାହା ସେ ସେହି ଦିନ ପାଇଁ ପ୍ରତିଜ୍ଞା କରିଥିଲେ। ସେ ଯିଶାଇୟଙ୍କ ବାକ୍ୟଗୁଡିକ ପ୍ରମାଣ କରିଥିଲେ। ସେ ନୋହଙ୍କ ବାକ୍ୟଗୁଡିକ ପ୍ରମାଣ କରିଥିଲେ। ସେ ମୋଶାଙ୍କ ବାକ୍ୟଗୁଡିକ ପ୍ରମାଣ କରିଥିଲେ। ସେ ପ୍ରତ୍ୟେକ ଭବିଷ୍ୟଦ୍‌ବକ୍ତାଙ୍କ ବାକ୍ୟଗୁଡିକ ପ୍ରମାଣ କରିଥିଲେ।

135 ସେ ପ୍ରତିଜ୍ଞା କରିଥିଲେ ଯେ ଏହି ଦିନରେ, ଯେଉଁ ଦିନରେ ଆମେମାନେ ବସ ବାସ କରୁଅଛୁ, ଯେ ସେହି ଜଗତ ଏକ ସଦୋମୀ ଅବସ୍ଥାକୁ ଆସିଯିବ, ସମଲିଙ୍ଗୀ ଅବସ୍ଥାକୁ। ଆଜି ଜଗତରେ ଏହାକୁ ଦେଖନ୍ତୁ, ସମଗ୍ର ବିଶ୍ୱରେ ଯେଉଁଠାରେ ବି ମୁଁ ଭ୍ରମଣ କରେ; କେବଳ ଏଠାରେ ନୁହେଁ, ସର୍ବତ୍ରଆଡ଼େ। ଏହା ଗୁରୁତର ଅଟେ। ସ୍ୱୀଡେନ୍‌ରେ, ଯୁବା ପୁରୁଷ ଓ ସ୍ତ୍ରୀଲୋକମାନେ ସମ୍ପୂର୍ଣ୍ଣ-ଉଲଗ୍ନ ହୋଇ, ବରଫରେ ସ୍କିଂ କରିବାକୁ ଯାଆନ୍ତି। ଏବଂ ସେମାନେ ଜର୍ମାନୀ ଏବଂ ଫ୍ରାନ୍ସରେ, ଏବଂ ଅନ୍ୟାନ୍ୟ ସବୁସ୍ଥାନରେ ତାହା କରନ୍ତି, ଏହା ତ କେବଳ ଏକ ପ୍ରକାରର ସବୁଠୁ ନିମ୍ନସ୍ତରର ଅଟେ ଯାହାକି ଆମର ଏଠାରେ ଯୁକ୍ତରାଷ୍ଟ୍ରରେ ଅଛି। ଏହା ତ ଏକ ଯୁଗ ଅଟେ। ମୁଁ, ଯଦି ମୁଁ କେବେ ପୁନର୍ବାର ଫେରି ଆସିବାର ଏକ ସୁଯୋଗ ପାଏ, ତେବେ ମୁଁ ଆପଣଙ୍କ ନିକଟରେ, କେତେକ ସେହି ଭବିଷ୍ୟତ୍‌ବାଣୀ ସମ୍ବନ୍ଧୀୟ ବିଷୟଗୁଡିକ ଉପରେ କହିବାକୁ ଚାହେଁ, ଯେପରିକି ଆପଣଙ୍କୁ ଏହା ଦେଖାଏ ଯେ, ସେହି ଯୁଗ ଯେଉଁଥିରେ ଆମେମାନେ ରହୁଅଛୁ। ବାଇବଲ କୁହେ ଯେ, "ସନ୍ତାନମାନେ ସେମାନଙ୍କର ପିତାମାତାଙ୍କ ଉପରେ ଶାସନ କରିବେ।" [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।]

136 ...ବାକ୍ୟ। ମାତ୍ର, ମନେରଖନ୍ତୁ, ଅବ୍ରହାମଙ୍କର ଏକ ବୀଜ ଥିଲା, ଯାହାକି ସେହି ବୀଜ ଇସ୍‌ହାକ ଥିଲା। ସାରାଙ୍କ ମୃତ୍ୟୁ ପରେ ତାଙ୍କର ଅନ୍ୟାନ୍ୟ ବୀଜଗୁଡିକ ରହିଥିଲା। ଏବଂ ସେ ଶହେ ପଇଁ-ଚାଳିଶ ବର୍ଷ ବୟସର ଥିଲେ, ସେ ଅନ୍ୟ ଜଣେ ସ୍ତ୍ରୀଲୋକକୁ ବିବାହ କରିଥିଲେ, କନ୍ୟାମାନଙ୍କ ବ୍ୟତୀତ ସାତୋଟି ପୁତ୍ରମାନେ ଥିଲେ, 'କାରଣ ଶହେ ବର୍ଷ ବୟସରେ ପରମେଶ୍ୱର ତାଙ୍କୁ ଜଣେ ଯୁବା ଲୋକର ଅବସ୍ଥାକୁ ଫେରାଇ ଦେଇଥିଲେ। ସେ ସେତେବେଳେ ପୁନର୍ବାର କେବଳ ପଇଁ-ଚାଳିଶ ବର୍ଷର ହୋଇଥିଲେ, ତେଣୁକରି ସେତେବେଳେ ସେ...ଆମେ ତାହା ଜାଣୁ। ଅନେକ ବର୍ଷ ପୂର୍ବେ, ଏଠାରେ କାଲିଫର୍ଣ୍ଣିଆରେ ମୁଁ ଆପଣମାନଙ୍କଠାରେ ତାହା ପ୍ରଚାର କରିଅଛି।

137 ଏବଂ ବର୍ତ୍ତମାନ ଆମେମାନେ ବୁଝୁଅଛୁ ଯେ ଅବ୍ରହାମଙ୍କ ବୀଜ ସାରାଙ୍କ ମାଧ୍ୟମରେ ଆସିଥିବା ସେହି ଆକ୍ଷରିକ ଯୌନ ବୀଜ ନ ଥିଲା, ଯାହାକି ଇସ୍‌ହାକ ଥିଲେ, ଯାହାକି ଏକ

ରାଷ୍ଟ୍ରକୁ ଗଠନ କରିଥିଲା, ମାତ୍ର ସେହି ରାଜକୀୟ ବୀଜ ତ ସେହି ପ୍ରତିଜ୍ଞା ଦ୍ୱାରା ଆସିଥିଲା, ଯାହାକି ଯୀଶୁ ଖ୍ରୀଷ୍ଟ ଥିଲେ । ଏବଂ ସେହି ବୀଜ ମାଧ୍ୟମରେ, ସେ ଏକ ରାଜକୀୟ ବୀଜକୁ ଉତ୍ଥାପିତ କରିଥିଲେ । ଓଃ, ମୋର ପ୍ରଭୁ! ବର୍ତ୍ତମାନ ଆମେ ଏକ ରାଜକୀୟ ଯାଜକବର୍ଗ, ଏକ ରାଜକୀୟ ରାଷ୍ଟ୍ର, ଏକ ପବିତ୍ର ଜାତି ଅଟୁ, ଯିଏକି ପରମେଶ୍ୱରଙ୍କୁ ପ୍ରଶଂସା କରୁଥାନ୍ତି, ତାହାଙ୍କର ନାମକୁ ପ୍ରଶଂସା କରୁଥିବା ଆମର ଓଷ୍ଠାଧରର ବଳିଦାନ ଦେଉଥାନ୍ତି । ପରମେଶ୍ୱର ତାହାଙ୍କର ବାକ୍ୟକୁ ପ୍ରମାଣ କଲେ, ସେ ଆମ ଉପରେ ପବିତ୍ରଆତ୍ମାଙ୍କୁ ଢାଳିଲେ ।

138 ସେ କହିଲେ, "ଯେପରି ତାହା ସଦୋମଙ୍କ ସମୟରେ ହୋଇଥିଲା, ଠିକ ସେହିପରି ଏହା ସେହି ଦିନରେ ହେବ ଯେତେବେଳେ ମନୁଷ୍ୟପୁତ୍ର ପ୍ରକାଶିତ ହେବେ ।" ତେବେ କଅଣ ଆପଣମାନେ ଧ୍ୟାନ ଦେଲେ କି? ପରମେଶ୍ୱରଙ୍କ ପୁତ୍ରଙ୍କଠାରୁ ନେଇ, ଠିକ ସେ ଦାଉଦଙ୍କ ପୁତ୍ର ହେବା ପୂର୍ବରୁ, ସେ ଆପଣାକୁ ପୁନର୍ବାର ଜଣେ ମନୁଷ୍ୟପୁତ୍ର ଭାବରେ ପ୍ରକାଶ କରନ୍ତି । କଅଣ ଆପଣମାନେ ଶାସ୍ତ୍ରାଂଶକୁ ଲକ୍ଷ୍ୟ କଲେ କି?

139 କାରଣ, ସେ ସର୍ବଦା କରନ୍ତି, ସେ କଦାପି ସେପର୍ଯ୍ୟନ୍ତ କିଛି ହେଲେ ବିଷୟ କରନ୍ତି ନାହିଁ ଯେପର୍ଯ୍ୟନ୍ତକି ସେ ଏହାକୁ ନିଜର ଦାସ ଭବିଷ୍ୟଦ୍‌ବକ୍ତାମାନଙ୍କୁ ଜଣାଇ ନ ଦିଅନ୍ତି । ତାହା ଅବିକଳ ଠିକ୍ ଅଟେ । ତାହା ହିଁ ତାହାଙ୍କର ପ୍ରତିଜ୍ଞା ଥିଲା । ବୁଝିଲେ? ସେ କଦାପି କିଛି ବିଷୟ କରନ୍ତି ନାହିଁ...ପରମେଶ୍ୱର ମିଛ କହିପାରନ୍ତି ନାହିଁ । ସେ ସର୍ବଦା ଏହାକୁ, କରିବା ପୂର୍ବରୁ, ପ୍ରଥମେ, ଏହାକୁ ପ୍ରକାଶ କରନ୍ତି ।

140 ଆଜି ଆମେ ରହିଥିବା ସେହି ପରିସ୍ଥିତିକୁ ଲକ୍ଷ୍ୟ କରନ୍ତୁ । ଦେଖନ୍ତୁ ଯେ ଆମେମାନେ କେଉଁଠାରେ ଅଛୁ । ଆପଣମାନଙ୍କ ମଧ୍ୟରୁ ସମସ୍ତେ ଏହା ସ୍ୱୀକାର କରିବେ ଯେ ଆମେମାନେ ଏକ ଆଧୁନିକ ସଦୋମରେ ଅଛୁ । ଆପଣମାନେ ଜାଣନ୍ତି ଯେ ଏହି ରାଷ୍ଟ୍ର ତାହା ହେବା ନିମନ୍ତେ ପ୍ରସ୍ତୁତ ଅଟେ । ସେଠାରେ...ଆଶା ବାହାରେ ଅଟେ; ଏହି ଜାତି ବା ଅନ୍ୟ କୌଣସି ଜାତି ପାଇଁ କିଛି ବି ପରିତ୍ରାଣ ବାକି ନାହିଁ । ଆମେମାନେ ତ ବର୍ତ୍ତମାନ ତାହାର ବାହାରେ ଅଛୁ । ଏହି ବିଷୟରେ କରାଯାଇଥିବା ଭବିଷ୍ୟତ୍‌ବାଣୀଗୁଡିକ, ପରିପୂର୍ଣ୍ଣ ହୋଇ ଯାଇଅଛି । ପରମେଶ୍ୱର ସାଉଁଟୁ ଅଛନ୍ତି, ସେହି ଶେଷ ମେଣ୍ଢାଟିକୁ ଆଣୁଅଛନ୍ତି ତାହା ଯେଉଁଠାରେ ବି ଅଛି । ଗୋଟିଏ ଦିନ, ଏହା ସବୁ ଭିତରେ ରହିବେ । ଆମେମାନେ ଶେଷ ସମୟରେ ଅଛୁ । ସ୍ଥିତିଗତ ଭାବରେ, ଦେଖନ୍ତୁ ।

141 ମୁଁ କେବଳ ଜଣେ ଭାଇ କିମ୍ବା ଭଉଣୀ ଭାବରେ, ଏହା ଆପଣମାନଙ୍କ ପଚାରୁଛି, ଯେ କେବଳ ଅଳ୍ପ କିଛି ସମୟ ପାଇଁ ଅଧିକ ବିଶ୍ୱାସକୁ ନିର୍ମାଣ କରନ୍ତୁ ଏହା ପୂର୍ବେକି ଆମେମାନେ ଏହି ଲୋକମାନଙ୍କ ପାଇଁ ପ୍ରାର୍ଥନା କରୁ । ଏବଂ ମୁଁ ଜାଣେ ଯେ ଆମକୁ କୌଣସି ନିର୍ଦ୍ଦିଷ୍ଟ ସମୟରେ ଯିବାର ବାଧ୍ୟ ବାଧକତା ନାହିଁ । ମାତ୍ର ମୁଁ—ମୁଁ—ମୁଁ ପ୍ରାର୍ଥନା ପଂକ୍ତି ଆରମ୍ଭ କରିବାକୁ ଚାହେଁ, ତାହାପରେ ଆପଣମାନେ ଯେଉଁମାନେକି ଯିବାକୁ ଚାହାଁନ୍ତି ସେତେବେଳେ ଯାଇପାରନ୍ତି । ବୁଝିଲେ? ଆପଣମାନେ ଯେଉଁମାନେକି ପ୍ରାର୍ଥନା ପଂକ୍ତିରେ ରହିବାକୁ ଚାହାଁନ୍ତି

ସେମାନେ ରହିପାରନ୍ତି । ମାତ୍ର ମୋତେ କେବଳ, ଏକ ଭାଇ ଭାବରେ, ଅଳ୍ପ କିଛି କ୍ଷଣ ଆପଣମାନଙ୍କୁ କିଛି ବିଷୟ ଦେଖାଇବାକୁ ଦିଅନ୍ତୁ ।

142 ଲୂକ 17:30 ରେ, ଯୀଶୁଙ୍କୁ ଦେଖନ୍ତୁ, ଦେଖନ୍ତୁ, ଯେତେବେଳେ ସେ ଶେଷ ସମୟ ବିଷୟରେ ସେଠାରେ କହୁଥିଲେ, ଯେ ତାହା କିପରି ନୋହଙ୍କ ସମୟ ପରି ହେବ । ତେବେ ସେ କହିଲେ, "ଏବଂ ଠିକ ତଦ୍ରୂପେ, ସେହିପରି ହେବ, ଯେପରିକି ସଦୋମଙ୍କ ଦିନରେ ଥିଲା," କହିଲେ, "ଯେତେବେଳେକି ମନୁଷ୍ୟପୁତ୍ର ପ୍ରକାଶିତ ହେବେ ।" ପୁନର୍ବାର ସେହି ମନୁଷ୍ୟପୁତ୍ର, ପରମେଶ୍ୱରଙ୍କ ପୁତ୍ର ନୁହେଁ । "ମନୁଷ୍ୟପୁତ୍ର," ଦେଖନ୍ତୁ, ତାହା ପୁଣି ଥରେ ଠିକ୍ ସିଧା ପଛକୁ, ମଲାଖି 4 ନିକଟକୁ ନେଇ ଆସେ । ଏହି ସମସ୍ତକିଛି ଅନ୍ୟ ଭବିଷ୍ୟତ୍‌ବାଣୀଗୁଡ଼ିକ ଠିକ୍ ସେହିପରି ଆସେ, ଯେପରି ଭାବରେ ଏହା ସଂଘଟିତ ହେବା କଥା । ସେ ତାହାଙ୍କର ବାକ୍ୟକୁ ସେହିପରି ଅଟେ ବୋଲି ପ୍ରମାଣ କରନ୍ତି । ତାହା ଠିକ୍ ଅଟେ ।

143 ଏବଂ ଧ୍ୟାନ ଦିଅନ୍ତୁ, ଏପରି କରିବା ଦ୍ୱାରା, ସେ କିପରି ସମସ୍ତ ମର୍ତ୍ତ୍ୟ ଉପରେ ନିଜର ଆତ୍ମାକୁ ଢାଳିବାକୁ ଯାଉଛନ୍ତି, ଏବଂ କଅଣ ଘଟିବାକୁ ଯାଉଅଛି, ଯେ ସେହି ପୁନଃସ୍ଥାପନ କିପରି ଫେରି ଆସିବ । "ଏବଂ ତୁମର ପୁତ୍ର ଓ କନ୍ୟାମାନେ ଭବିଷ୍ୟଦ୍‌ବାଣୀ କରିବେ । ମୋର ହସ୍ତକୃତ ଦାସୀ ଓ କ୍ରୀତଦାସୀମାନଙ୍କ ଉପରେ ମୁଁ ମୋର ଆତ୍ମାକୁ ଢାଳିବି । ଏବଂ ମୁଁ ଉପରିସ୍ଥ ଆକାଶରେ ଚିହ୍ନଗୁଡିକୁ ଦେଖାଇବି ।"

144 ମୋ ପାଖରେ ଏଠାରେ ଭାଇ ଲି ଭେୟଲେଙ୍କ, ଏକ ଫଟୋଚିତ୍ର ରହିଛି । ମୁଁ ଆପଣମାନଙ୍କୁ କେବଳ ଏହା ଦେଖାଇବାକୁ ଚାହେଁ ଯେ ଅନ୍ୟ ଦିନେ, ସେଠାରେ ପର୍ବତ ଉପରେ କଅଣ ଘଟିଥିଲା, ଯେତେବେଳେ ସମସ୍ତ ସ୍କୁଲ ପିଲାମାନେ ଆସିଥିଲେ, ଠିକ ଏହି ମହାନ ବିଷୟର ଖୋଲାଯିବା ପୂର୍ବରୁ, ସେହି ସପ୍ତ ମୁଦ୍ରାଗୁଡିକୁ । ଯେତେବେଳେ ସେହି ସ୍କୁଲ ପିଲାମାନେ ଆସିଲେ, ସେଠାରେ ଉପରେ ପ୍ରାର୍ଥନା କରୁଥିଲେ, ଏଠାରେ ଏକ କାହାଳୀ ଆକୃତିରେ ଅଗ୍ନି ତଳକୁ ଆସୁଥିଲା, ତାହାପରେ ଉପରକୁ ଫେରି ଯାଇ ବିସ୍ଫୋଟ ହେଲା, ଏବଂ ବୁଲି ପଡି ପୁନର୍ବାର ତଳକୁ ଫେରି ଆସିଲା । ତାହାହିଁ ଥିଲା ଯାହାକି ସେ ଯାହା କହିଥିଲେ ଯେ ଯାଇ ଲୋକମାନଙ୍କୁ ତାହା କୁହ ବୋଲି । ଆମେ…ତାହା ସେଠାରେ ଅଛି, ଯେଉଁଠାରେକି ଟ୍ୟୁସାନ୍‌ର ବିଦ୍ୟାଳୟଗୁଡ଼ିକ…ଏବଂ ଯେଉଁଠାରେ ତାହା ଉପରେ ଆକାଶ ମଧ୍ୟକୁ ଯାଇଥିଲା ।

145 ଏବଂ ବିଜ୍ଞାନ ସେହି ଚିତ୍ରଗୁଡ଼ିକୁ, ଏବଂ ପ୍ରଭୃତି ସବୁକୁ ତୋଳିଥିଲା, ଏବଂ ଏହା ବିଷୟରେ ପ୍ରଶ୍ନ କରିଥିଲା । ସେମାନେ କହିଲେ, "ଏହା କେଉଁଠାରେ ଅଛି? କଅଣ ଘଟିତ ହୋଇଥିଲା?" ସେମାନେ ଏହାକୁ ବୁଝି ପାରି ନ ଥିଲେ, ଦେଖନ୍ତୁ । ଓଃ, ଏହା ଏକ କୋଣରେ ସାଧନ କରାଯାଇ ନ ଥିଲା, ଯେ କେବଳ ଅନ୍ଧକାର ବିବେକ ବୁଝନ୍ତା । ଏହା କଦାପି…ଯୀଶୁ, ଯେତେବେଳେ ସେ ଏଠାରେ ଥିଲେ, ସେଠାରେ ଲକ୍ଷ ଲକ୍ଷ ଲୋକମାନେ ଏହା ଜାଣି ନ ଥିଲେ ଯେ ସେ ପୃଥିବୀ ପୃଷ୍ଠରେ ଅଛନ୍ତି । ହଁ । ଆଜି ଏପରି ଲକ୍ଷ ଲକ୍ଷ ଲୋକମାନେ ଥିବେ ଯେଉଁମାନେକି ବୁଝିବେ

ନାହିଁ, ସେମାନଙ୍କ ମଧ୍ୟରୁ ଦଶ ଗୁଣନ ଲକ୍ଷ ଲକ୍ଷ ଲୋକମାନେ ।

146 ମାତ୍ର ସେଠାରେ ଏପରି କେତେକ ଥିବେ, ଯେଉଁମାନଙ୍କ ପାଖକୁ ଏହାକୁ ପଠା ଯାଇଅଛି, ସେମାନେ ଏହାକୁ ବୁଝିବେ । "ଜ୍ଞାନୀମାନେ ସେହି ଦିନରେ ସେମାନଙ୍କର ପରମେଶ୍ୱରଙ୍କୁ ଜାଣିବେ, ଏବଂ ସେମାନେ ନାନାଦି ଅଦ୍ଭୁତକର୍ମ ସାଧନ କରିବେ ।" ଆମେ ତାହା ହୃଦୟଙ୍ଗମ କରୁ, ଯେଉଁ ଘଟିକାରେ ଆମେ ବର୍ତ୍ତମାନ ରହୁଅଛୁ ।

147 ତେବେ ସଦୋମ୍‌କୁ ଦେଖନ୍ତୁ, ଦେଖନ୍ତୁ ଯେ କଅଣ ଘଟିଥିଲା । ସେ କହିଲେ, "ଯେପରି ତାହା ସଦୋମ୍‌ଙ୍କ ଦିନରେ ହୋଇଥିଲା ।" ସେଠାରେ ଲୋକମାନଙ୍କର ଏକ ଗୋଷ୍ଠୀ ଥିଲେ ଯେଉଁମାନେକି ଏକ ପ୍ରତିଜ୍ଞାତ ପୁତ୍ରକୁ ଅପେକ୍ଷା କରୁଥିଲେ । ଆମେ ତାହା ବିଶ୍ୱାସ କରୁ । ତାହା ଅବ୍ରହାମ ଏବଂ ତାଙ୍କର ଗୋଷ୍ଠୀ ଥିଲା । ସେଠାରେ ଏକ ଈଷଦୁଷ୍ଟ ଗୋଷ୍ଠୀ ଥିଲା, ଲୋଟ, ଅଧା ପଶ୍ଚାଦଗମନକାରୀ, ତଥାପି ଜଣେ ବିଶ୍ୱାସୀ; ସେଠାରେ ତଳେ ସଦୋମରେ ଥିଲେ । ତିନି ଶ୍ରେଣୀର ଲୋକମାନେ ଥିଲେ ।

148 ସେଠାରେ ସବୁବେଳେ ସେହି ତିନୋଟି ଶ୍ରେଣୀର ରହିଥାନ୍ତି । ହାମ୍, ଶେମ୍, ଯାଫେତ୍‌ର ଲୋକ । ଆହୁରି ମଧ୍ୟ, ବିଶ୍ୱାସୀ, କୃତ୍ରିମ-ବିଶ୍ୱାସୀ ଏବଂ ଅବିଶ୍ୱାସୀ । ସେମାନେ ସବୁଆଡେ ଅଛନ୍ତି, ଏବଂ ଆମେ—ଆମେ ସେମାନଙ୍କୁ ପ୍ରତ୍ୟେକ ଗୋଷ୍ଠୀରେ ପାଇଥାଉ । ଏବଂ, ସର୍ବତ୍ର, ଆପଣ ସେମାନଙ୍କୁ ପାଆନ୍ତି । ଏବଂ ସେହି ଗୋଷ୍ଠୀଗୁଡ଼ିକ ଆଜି ମଧ୍ୟ ଏଠାରେ ଅଛନ୍ତି । ଆପଣଙ୍କୁ ତାହା ବିଭକ୍ତ କରିବାକୁ ହେବ । ଆପଣ ଏହାକୁ ଠିକ ଶାସ୍ତ୍ରାଂଶ ଦେଇ ଦେଖିପାରନ୍ତି, ଏହା ଠିକ ନିଜକୁ ତାହା ସହିତରେ ମିଶାଉଥିବ ।

149 ଏହାକୁ ଶୁଣନ୍ତୁ । ଦେଖନ୍ତୁ ଯେ ଆଜି ରାତି, ଆମେମାନେ କେଉଁଠାରେ ବସିଅଛୁ, ସ୍ଥିତିଗତ ଭାବରେ ଏବଂ ଭବିଷ୍ୟତ୍‌ବାଣୀ ଅନୁଯାୟୀ । ବର୍ତ୍ତମାନ, ଆମେମାନେ ସମସ୍ତେ ଏହା ଜାଣୁ ଯେ ଜଗତ ଏକ ସଦୋମୀ ଅବସ୍ଥାରେ ଅଛି ।

ଆମେମାନେ ଇସ୍ରାଏଲର ସମସ୍ତ ଭବିଷ୍ୟତ୍‌ବାଣୀଗୁଡିକ ବିଷୟରେ ଜାଣୁ, ଯେ ଏହା ନିଜର ମାତୃଭୂମିରେ ଅଛି । ଯଦି ଆପଣ ଜାତୀୟ ସ୍ତରରେ ଜାଣିବାକୁ ଚାହାଁନ୍ତି ଯେ ଆମେମାନେ କେଉଁଠାରେ ଠିଆ ହୋଇଅଛୁ, ତେବେ ଇସ୍ରାଏଲ୍‌କୁ ଦେଖନ୍ତୁ, ତାହା କେଉଁଠାରେ ଅଛି ।

150 ଯଦି ଆପଣ ଏହା ଜାଣିବାକୁ ଚାହାଁନ୍ତି ଯେ ମଣ୍ଡଳୀର ଅବସ୍ଥା କଅଣ, ତେବେ ସ୍ତ୍ରୀଲୋକମାନଙ୍କୁ ଦେଖନ୍ତୁ ଯେ ସେମାନେ କିପରି ଆଚରଣ କରନ୍ତି । ସେ ମଣ୍ଡଳୀ ଅଟେ । ତାଙ୍କର, ଅନୈତିକ, ଅଶ୍ଳୀଳ ଆଚରଣକୁ ଦେଖନ୍ତୁ; ଧ୍ୟାନ ଦିଅନ୍ତୁ, ଦେଖନ୍ତୁ ଯେ ମଣ୍ଡଳୀ କେଉଁଠାରେ ଅଛି । କେବଳ ଏହାକୁ ଦେଖନ୍ତୁ, ଦେଖନ୍ତୁ, ଦେଖନ୍ତୁ, କେବଳ ସ୍ତ୍ରୀଲୋକମାନଙ୍କୁ ଦେଖନ୍ତୁ । ଆପଣ ଦେଖନ୍ତୁ ଯେ କେଉଁଠାରେ, ଆପଣଙ୍କର ସ୍ତ୍ରୀଲୋକମାନେ କିପରି ଅବନତି ହୋଇଛନ୍ତି ଏବଂ ଏତେ ଦୂଷିତ ହୋଇଛନ୍ତି, ସେହିଭଳି ଭାବରେ ଆପଣଙ୍କର ମଣ୍ଡଳୀ ଅଟେ, ଦେଖନ୍ତୁ, ସେହି ପ୍ରତିରୂପରେ ।

151 ଦେଖନ୍ତୁ ଯେ ଇସ୍ରାଏଲ୍ କେଉଁଠାରେ ଅଛି, ଆପଣ ସେହି ସମୟ କାଳକୁ ଦେଖନ୍ତୁ ଯେ ଆମେ କେଉଁଠାରେ ଅଛୁ । ଦେଖନ୍ତୁ, ସେହି ଚିହ୍ନ ଏବଂ ଚମତ୍କାରଗୁଡିକୁ କେବଳ ଦେଖନ୍ତୁ । ଯଦି ଆପଣ—ଯଦି ଆପଣ, କିମ୍ବା ଯଦି ଆପଣଙ୍କର ଆଖି ଖୋଲା ଅଛି, ତେବେ ଦେଖନ୍ତୁ ଯେ ଆମେମାନେ କେଉଁଠାରେ ଅଛୁ ।

152 ତେବେ ଦେଖନ୍ତୁ ଯେ ଆମେମାନେ ସ୍ଥିତିଗତ ଭାବରେ କେଉଁଠାରେ ଅଛୁ, ଜଗତ ଏକ ସଦୋମୀ ଅବସ୍ଥାରେ ରହିଛି । ତେବେ ଧ୍ୟାନ ଦିଅନ୍ତୁ, "ଯେପରିକି ତାହା ଥିଲା ।" ତେବେ ଧ୍ୟାନ ଦିଅନ୍ତୁ, ସେଠାରେ ସେହି ଦିନରେ, କେହି ଜଣେ ଥିଲେ, ଯିଏକି ଆଗମନ କରୁଥିବା ଜଣେ ପ୍ରତିଜ୍ଞାତ ପୁତ୍ରର ଅପେକ୍ଷା କରୁଥିଲେ । ଅବ୍ରହାମ ଏବଂ ସାରା, ସେମାନେ ଅବ୍ରହାମଙ୍କ ଗୋଷ୍ଠୀରେ ଏକ ପ୍ରତିଜ୍ଞାତ ପୁତ୍ରର ଅପେକ୍ଷା କରୁଥିଲେ । ସେମାନେ ସଦୋମରେ ନ ଥିଲେ । ମାତ୍ର ଠିକ ସେହି ସମୟରେ, ସେହି ଘଟଣାର ଶେଷ ପର୍ବରେ, ଠିକ ପ୍ରତିଜ୍ଞାତ ପୁତ୍ରର ଆଗମନ ପୂର୍ବରୁ, ସେଠାରେ ତିନି ଜଣ ପୁରୁଷ ସ୍ୱର୍ଗରୁ ଓହ୍ଲାଇ ଆସିଥିଲେ, ଜଣେ ସ୍ୱର୍ଗଦୂତ...ଦୁଇଟି ସ୍ୱର୍ଗଦୂତ ଏବଂ ପରମେଶ୍ୱର । ଏବଂ ସେମାନେ ଆସି ଅଲୋନ୍ ବୃକ୍ଷ ମୂଳେ, ଅବ୍ରହାମଙ୍କ ସହିତ କଥାବାର୍ତ୍ତା କରିଥିଲେ । କଅଣ ତାହା ଠିକ୍ କି? ଏବଂ ସେମାନଙ୍କ ମଧ୍ୟରୁ ଦୁଇଜଣ ସଦୋମକୁ ଯାଇ ସେହି ନଗରର ପାପ ବିରୁଦ୍ଧରେ ଚିତ୍କାର କରିଥିଲେ । ଏବଂ ଏହା ସେହି ସମୟରେ, ଠିକ ସେହି ବିଜାତୀୟ ଜଗତର ଦଗ୍ଧ ହେବା ପୂର୍ବରୁ ହୋଇଥିଲା । ସମସ୍ତ ସଦୋମ ଠିକ୍ ସେହି ସମୟରେ ବିନଷ୍ଟ ହୋଇ ଯାଇଥିଲା । କେବଳ ଅଳ୍ପ କେତେକ ଲୋକ ହିଁ, ଲୋଟ ଏବଂ ତାଙ୍କର ଦୁଇ ଝିଅଙ୍କୁ ଟାଣି ବାହାର କରା ଯାଇଥିଲା । ଏପରିକି ତାଙ୍କ ପତ୍ନୀ ମଧ୍ୟ କେବେ ବାହାରିଲେ ନାହିଁ; ସେ ପଛକୁ ଫେରିଗଲେ । ମୋ ପାଖରେ ବର୍ତ୍ତମାନ ଆପଣମାନଙ୍କୁ ଏହା ଦେଖାଇବା ହେତୁ କିପରି ସମୟ ରହିପାରନ୍ତା, ଯେ ସେହି ମଣ୍ଡଳୀଟି ଆଜି କେଉଁଠାରେ ସେହି ଅବସ୍ଥାରେ ଛିଡା ହୋଇଅଛି । ମୁଁ ଚାହେଁ ଯେ ଆପଣମାନେ ବର୍ତ୍ତମାନ ତାହା ଲକ୍ଷ୍ୟ କରନ୍ତୁ ।

153 ଏବଂ ଜଣେ ପୁରୁଷ ରହିଗଲେ, ଯିଏକି ଅବ୍ରହାମଙ୍କ ସହ କଥାବାର୍ତ୍ତା କରୁଥିଲେ, ଏବଂ ସେ ଅବ୍ରହାମଙ୍କ ନିକଟରେ ଏକ ଚିହ୍ନ ସାଧନ କରିଥିଲେ । ଏବଂ, ଧ୍ୟାନ ଦିଅନ୍ତୁ ଯେ, ଅବ୍ରହାମ ପରମେଶ୍ୱରଙ୍କୁ ଅନେକ ବଡ଼ ବଡ଼ ଚିହ୍ନମାନରେ ଦର୍ଶନ କରିଥିଲେ । ଆମେ ତାହା ବିଶ୍ୱାସ କରୁ, କଅଣ ନୋହୁଁ କି? ଆଗମନ କରୁଥିବା ପୁତ୍ରର ଠିକ୍ ପୂର୍ବରୁ । ମାତ୍ର ସେହି ପୁତ୍ର ପ୍ରକାଶ ପାଇବା ପୂର୍ବରୁ, ତାଙ୍କୁ ଏକ ଚିହ୍ନ ଦିଆଯାଇଥିଲା ।

154 କାରଣ, ସେହି ପୁତ୍ର, ସେହି ପ୍ରକୃତ ପୁତ୍ରଙ୍କୁ, ପରମେଶ୍ୱରଙ୍କ ପୁତ୍ର ହେବାର ଥିଲା, ଦେଖନ୍ତୁ, ଅବ୍ରହାମଙ୍କ ବିଶ୍ୱାସ ଜରିଆରେ, ତାହା ଯୀଶୁ ଥିଲେ । ଆମେମାନେ ଅବ୍ରହାମଙ୍କ, ଖ୍ରୀଷ୍ଟଙ୍କଠାରେ ମୃତ ହୋଇଥିବାରୁ, ଆମେମାନେ ଅବ୍ରହାମଙ୍କ ବଂଶ ଅଟୁ ।

155 ତେବେ ଧ୍ୟାନ ଦିଅନ୍ତୁ ଯେ ଏହା ଘଟିବାର ଠିକ୍ ପୂର୍ବରୁ, ଏହି ପୁତ୍ରର ଆଗମନ ପୂର୍ବରୁ । ତେବେ, ଏହି ଜଣକ। ଯିଏକି ରହି ଯାଇ ଅବ୍ରହାମଙ୍କ ସହ କଥାବାର୍ତ୍ତା କରିଥିଲେ, ନିଜର ପିଠିକୁ ତମ୍ବୁ ଆଡକୁ କରି ବସିଥିଲେ, ଏବଂ ସେ କହିଲେ, "ଅବ୍ରହାମ ।" ତେବେ, ଏହାର

ଠିକ ଗୋଟିଏ ଦିନ ପୂର୍ବରୁ, ସେ ଅବ୍ରାମ ଥିଲେ । ତେବେ ସେ କହିଲେ, "ଅବ୍ରହାମ, ତୁମ ସ୍ତ୍ରୀ ସାରା, କେଉଁଠାରେ?" ସାରୀ ନୁହେଁ, ସା-ରା । ସା-ରା, ରାଜକୁମାରୀ । "ତୁମର ସ୍ତ୍ରୀ ସାରା, କେଉଁଠାରେ?"

ଅବ୍ରହାମ କହିଲେ, "ସେ ଆପଣଙ୍କ ପଛରେ ଥିବା ତମ୍ବୁରେ ଅଛି ।"

156 ସେ କହିଲେ, "ମୁଁ ତୁମକୁ ଭେଟ କରିବାକୁ ଯାଉଅଛି, ଦେଖନ୍ତୁ, ମୋର ସେହି ପ୍ରତିଜ୍ଞା ଅନୁଯାୟୀ ଯାହା ମୁଁ ତୁମକୁ କରିଥିଲି ।" ଅନ୍ୟ ଅର୍ଥରେ, "ଜୀବନର ଋତୁରେ, ସାରା ପୁଣିଥରେ ତାର ଜୀବନର ସାଧାରଣ ସମୟକୁ ଆରମ୍ଭ କରିବ ।"

157 ଏବଂ ସାରା, ତେବେ ଶହେ ବର୍ଷ ବୟସର, ବୃଦ୍ଧା ହୋଇଥିବା ହେତୁରୁ, ତମ୍ବୁରେ ଥାଇ, ନିଜର ମନେ ମନେ ହସିଥିଲେ । ଦେଖନ୍ତୁ, ସେ ନିଜ ମନ ଭିତରେ ହସି, କହିଥିଲେ, "ସେହି ବ୍ୟକ୍ତି କିପରି ଠିକ୍ ହୋଇପାରିବେ? ଦେଖ, ମୁଁ ଜଣେ ବୃଦ୍ଧ ମହିଳା, ମୋର ପ୍ରଭୁ ଅବ୍ରହାମ ସେଠାରେ, ସେ ମଧ୍ୟ ବୃଦ୍ଧ, ପାରିବାରିକ ସମ୍ପର୍କ ବର୍ଷ ବର୍ଷ ହେଲାଣି କ୍ଷାନ୍ତ ହୋଇଯାଇଅଛି ।" କହିଲେ, "ମୁଁ କିପରି ମୋର ପ୍ରଭୁଙ୍କ ସହିତ ପୁନର୍ବାର ଆନନ୍ଦ ପାଇପାରେ? ସେ ବୃଦ୍ଧ ଅଟନ୍ତି, ଏବଂ ମୁଁ ବୃଦ୍ଧା ଅଟେ, ପ୍ରସବ କରିବାର ବୟସ ଅତିକ୍ରମ କରିସାରିଛୁ, ଦୁଗ୍ଧ ଶିରା ସବୁ, ଶୁଖିଯାଇଛି…'ସେ ଶୁଖିଯାଇଛି ।' ଆମେମାନେ ପୁନର୍ବାର କିପରି ଆନନ୍ଦ ପାଇପାରିବା?"

158 ଏବଂ ସେହି ବ୍ୟକ୍ତିଜଣକ, ନିଜର ପିଠି ତମ୍ବୁ ଆଡକୁ କରି, କହିଲେ, "ସାରା ଏହା କହି, କାହିଁକି ହସିଲା ଯେ, 'ଏହି ଜିନିଷଗୁଡିକ କିପରି ହୋଇପାରେ?'" ତାହା କଅଣ ଥିଲା? ଗୁପ୍ତ ବିଷୟକୁ ଜାଣିବା, ଭବିଷ୍ୟଦ୍‌ବକ୍ତା ସମ୍ବନ୍ଧୀୟ! ବୁଝିଲେ? ବୁଝିଲେ? ତାହାହିଁ ଅଟେ ଥିଲା ଯାହାକି ସେ ଦେଖିଥିଲେ ।

159 ତେବେ ସେ କହିଲେ, "ତାହା ପୁଣିଥରେ ଫେରି ଆସିବ, ଏବଂ ମନୁଷ୍ୟପୁତ୍ର," ଯାହାକି ସେ ଥିଲେ, ତାହା ଠିକ ସେଠାରେ ସେହି ମନୁଷ୍ୟପୁତ୍ର ଥିଲେ । ତେବେ, ସେ ତାହାଙ୍କୁ ଏଲୋହିମ୍, "ପ୍ରଭୁ ପରମେଶ୍ୱର" ବୋଲି ଡାକିଥିଲେ । ଏଲୋହିମ୍, କେହି ବି ଜାଣନ୍ତି ଯେ ତାହା ଠିକ୍ ଅଟେ, ଏଲୋହିମ୍ ହେଉଛନ୍ତି ପ୍ରଭୁ ପରମେଶ୍ୱର । "ଆରମ୍ଭରେ ଏଲୋହିମ ଆକାଶ ଓ ପୃଥିବୀକୁ ସୃଷ୍ଟି କରିଥିଲେ," ସେହି ସ୍ୱୟଂଭୂ । ମନୁଷ୍ୟପୁତ୍ର ଦେହବନ୍ତ ହେଲେ, ସେଠାରେ ସେ ଏକ ଥିଓଫାନି ପରି, ସବୁ ସମୟରେ ମାଂସମୟ ଦେହରେ ଠିଆ ହୋଇଥିଲେ, ସେଠାରେ ଠିଆ ହୋଇ ହୃଦୟର ଗୁପ୍ତ ବିଷୟକୁ କହିଥିଲେ ଯାହା ସାରା ତାହାଙ୍କ ପଛରେ ତମ୍ବୁରେ ଥାଇ କହୁଥିଲେ । ସେ ପ୍ରତିଜ୍ଞା କରିଥିଲେ । ଦେଖନ୍ତୁ । ଅବ୍ରହାମଙ୍କ ରାଜକୀୟ ବଂଶକୁ ସେହି ସମାନ ବିଷୟ ଦେଖିବା ହେତୁ ପ୍ରତିଜ୍ଞା କରାଯାଇଅଛି ।

160 ମାତ୍ର ଲୋଟକୁ ଧ୍ୟାନ ଦିଅନ୍ତୁ, ସେଠାରେ ତଳେ ତାଙ୍କ ପାଖରେ ମଧ୍ୟ, ଜଣେ ଦୂତ ଥିଲେ, ସେମାନଙ୍କ ମଧ୍ୟରୁ ଦୁଇଜଣ ସେଠାରେ ତଳକୁ ଯାଇଥିଲେ । ସେମାନଙ୍କ ମଧ୍ୟରୁ ଜଣେ ତଳକୁ ଗଲେ, ଏବଂ ଆଉ ଜଣେ ତାଙ୍କ ସହିତରେ ତଳକୁ ଗଲେ, ଏବଂ ସେମାନେ ପ୍ରଚାର

କରି ଲୋକମାନଙ୍କୁ ଆସିବାକୁ ଥିବା ସେହି କ୍ରୋଧରୁ ପଳାୟନ କରିବା ନିମନ୍ତେ ଆହ୍ୱାନ କରିଥିଲେ ।

161 ସ୍ଥିତି ଅନୁଯାୟୀ, ଜଗତ କେବେବି ସେହି ଅବସ୍ଥାରେ ରହି ନାହିଁ, ଯେଉଁ ଦିନଠାରୁ ଯୀଶୁ ସେହି ପ୍ରତିଜ୍ଞା କରିଥିଲେ, ଠିକ ବର୍ତ୍ତମାନର ସମୟ ପର୍ଯ୍ୟନ୍ତ । ମୁଁ ଯେକୌଣସି ଇତିହାସକାରଙ୍କୁ ଏହା ପଚାରିବାକୁ ଚାହେଁ ଯିଏକି ଏହି ଭବନରେ ଥାଇପାରନ୍ତି, କିମ୍ୱା ଯଦି ଆପଣ ଏହି ଟେପ୍‌ରେ ମଧ୍ୟ ଶୁଣନ୍ତି, ଏବଂ ଏହାକୁ ଅନ୍ୟ କୌଣସି ସମୟରେ ଶୁଣନ୍ତି, ଦୟାକରି ମୋତେ ଲେଖନ୍ତୁ । ମୁଁ ବର୍ତ୍ତମାନ ତିରିଶ ବର୍ଷ ହେଲାଣି ଇତିହାସ ଅଧ୍ୟୟନ କରିଛି, ବାଇବଲ ଇତିହାସ, ଏବଂ ସେଠାରେ ଏପରି ଜଣେ ହେଲେ କୌଣସି ବ୍ୟକ୍ତି ହୋଇ ନାହାଁନ୍ତି ଯାହାଙ୍କୁ ମୁଁ ସପ୍ତ ମଣ୍ଡଳୀ ଯୁଗ ମଧ୍ୟରେ, ସମଗ୍ର ମଣ୍ଡଳୀ ଇତିହାସରେ କେବେ ଦେଖିଅଛି । ଯେ ଆମେମାନେ ବର୍ତ୍ତମାନ ଲାଅଦୀକିଆରେ ଅଛୁ, ଏବଂ ଆମେ ତାହା ଜାଣୁ ।

162 ସେଠାରେ କଦାପି ଏପରି କୌଣସି ବାର୍ତ୍ତାବହ ହୋଇ ନାହାଁନ୍ତି, ଯିଏକି କେବେ ସମଗ୍ର ମଣ୍ଡଳୀକୁ ଯାଇଥିଲେ, ଯାହାଙ୍କର ନାମ ଏପର୍ଯ୍ୟନ୍ତ, ହା-ମ ଅକ୍ଷରରେ ଶେଷ ହୋଇଥାଏ । ଗ୍ରା-ହା-ମ, ବିଲି ଗ୍ରାହାମ୍ । ସେଠାରେ ମୁଡି, ଫିନି, ସାଙ୍କି, ନକ୍ସ, ଲୁଥର୍, ଏବଂ ଇତ୍ୟାଦି ସବୁ ରହିଛନ୍ତି, ମାତ୍ର କେବେବି ହା-ମ, "ଜାତିମାନଙ୍କର ପିତା" ରହିନାହିଁ । ତେବେ ମନେରଖନ୍ତୁ, ସେ ଗ୍ରା-ହା-ମ, ଇଂରାଜୀରେ ଛଅ ଅକ୍ଷର ବିଶିଷ୍ଟ, ମାତ୍ର ଅ-ବ୍ରା-ହ-ମ ହେଉଛି ଇଂରାଜୀରେ ସାତ ଅକ୍ଷର ବିଶିଷ୍ଟ । ଧ୍ୟାନ ଦିଅନ୍ତୁ, ସେମାନେ ସେଠାରେ ତଳେ ଅଛନ୍ତି, ବିଲି ଗ୍ରାହାମ୍, ଜଗତର ସମସ୍ତ ପ୍ରାନ୍ତକୁ—କୁ ଯାଉଛନ୍ତି, ଏବଂ ସଦୋମରୁ ବାହାରକୁ ଡାକୁଛନ୍ତି, "ବାହାରି ଆସ, ଏବଂ ଆଗମନ କରୁଥିବା କ୍ରୋଧରୁ ପଳାୟନ କର ।" ପ୍ରଚାର କ୍ଷେତ୍ରରେ, ଏପରି କୌଣସି ବ୍ୟକ୍ତି ନାହାଁନ୍ତି ଯାହାଙ୍କ ବିଷୟରେ ମୁଁ ଜାଣେ, ଯିଏକି ସେହି ଧାର୍ମିକ ଗଣନା କରିବାର ବାକ୍ୟ ଉପରେ, ପରମେଶ୍ୱରଙ୍କୁ ଅତ୍ୟଧିକ ଭାବେ ଧରି ରହିଛନ୍ତି, ଯେତିକି ବିଲି ଗ୍ରାହାମ୍ ଧରିଥାଆନ୍ତି । ସେ ଏହାକୁ ଉପସ୍ଥାପନ କରିପାରନ୍ତି । ସେ ଏପରି ଜଣେ ଧର୍ମଶାସ୍ତ୍ରୀ ନୁହଁନ୍ତି, ମୁଁ ଭାବୁଛି ଯେ ସେ ଜଣେ ଧର୍ମଶାସ୍ତ୍ରଜ୍ଞ ଅଟନ୍ତି, ମାତ୍ର ସେ ଏପରି ଜଣେ ଶକ୍ତିଶାଳୀ ଶିକ୍ଷକ ନୁହଁନ୍ତି, କିନ୍ତୁ ପରମେଶ୍ୱର ତାଙ୍କ ସହିତରେ ଅଛନ୍ତି, ସେହି ବ୍ୟକ୍ତି ସେଠାରେ ଏକ ରବିବାର ଶ୍ରେଣୀର ଏକ ଶିକ୍ଷା ସହିତରେ ପରି ଠିଆ ହେବେ, ସେହି ଲୋକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେବେ, ସେ ଏହି ଘଟିକା ନିମନ୍ତେ ପରମେଶ୍ୱରଙ୍କର ସେବକ ଅଟନ୍ତି । କାହା ପ୍ରତି? ପ୍ରାକୃତିକ ମଣ୍ଡଳୀ ପ୍ରତି, ଯାହାକି ସଦୋମରେ ଅଛି ।

163 ମାତ୍ର ମନେରଖନ୍ତୁ, ସେଠାରେ ଗୋଟିଏ ଆତ୍ମିକ ମଣ୍ଡଳୀ ଥିଲା, ଯାହାକି ସେହି ନାମଧାରୀ ବ୍ୟବସ୍ଥାରେ ସୁଦ୍ଧା, ନ ଥିଲା । ଆହ୍ୱାନ-ପ୍ରାପ୍ତ ଗୋଷ୍ଠୀ, ଏବଂ ସେମାନେ ମଧ୍ୟ, ଏକ ବାର୍ତ୍ତା, ଏବଂ ଏକ ବାର୍ତ୍ତାବାହ ପାଇଥିଲେ । ଏବଂ ଏହା କଅଣ ଥିଲା? ହୃଦୟରେ ଥିବା ଚିନ୍ତାଧାରାଗୁଡିକୁ ଜାଣିପାରିବା । ପରମେଶ୍ୱର ସର୍ବଦା ଆପଣା ବାକ୍ୟକୁ ପ୍ରମାଣ କରନ୍ତି ।

164 ଆସନ୍ତୁ ପ୍ରାର୍ଥନା କରିବା । ପ୍ରିୟ ସ୍ୱର୍ଗସ୍ଥ ପିତା, ଏହି ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ, ଯେଉଁଠାରେକି

ନିଷ୍ପତ୍ତି ନିଆଯିବା ଆବଶ୍ୟକ, ସମୟ ଗଡି ଯାଉଅଛି, ଆମେ ଜାଣି ନାହୁଁ ଯେ ଆମ ପ୍ରଭୁ କେଉଁ ଘଟିକାରେ ଆସି ଯାଇପାରନ୍ତି। ଏବଂ ଯେତେବେଳେ ଆମେମାନେ ଏହି ଭବିଷ୍ୟତ୍‌ବାଣୀଗୁଡିକୁ ଦେଖୁ ଯାହାକି ତାହାଙ୍କ ଦ୍ୱାରା, ଯୁଗ ଯୁଗ ଧରି ତୁମର ଭବିଷ୍ୟଦ୍‌ବକ୍ତାମାନଙ୍କ ଦେଇ କରାଯାଇଛି, ତାହା ବର୍ତ୍ତମାନ ଉନ୍ମୋଚିତ ହେଉଅଛି। ହେ ପରମେଶ୍ୱର, ଏଥିପାଇଁ ମୁଁ ତୁମକୁ କିପରି ଧନ୍ୟବାଦ ଦିଏ, ଯେ ଏପରିକି ସକ୍ଷମ-ଥିବା ବ୍ୟକ୍ତି, ଧର୍ମଶାସ୍ତ୍ରୀୟ ଜ୍ଞାନରେ—ରେ ସକ୍ଷମଯୁକ୍ତ ବ୍ୟକ୍ତି, ଯିଏକି ଜଗତ ଏବଂ ଅବିଶ୍ୱାସୀମାନଙ୍କର କଟାକ୍ଷ ବିରୁଦ୍ଧରେ ଠିଆ ହୋଇପାରନ୍ତି, ଏବଂ ଏହି ଗୋଷ୍ଠୀଗୁଡିକରେ, ପୁଣି କୌଣସି ସନ୍ଦେହ ବିନା ସେଠାରେ ସାହସିକ ଓ ଦୃଢ ଭାବରେ ଛିଡା ହୋଇପାରନ୍ତି, ଏହା ଜାଣି ଯେ ସେମାନେ କେଉଁଠାରେ ଠିଆ ହୋଇଛନ୍ତି ଏବଂ ଶାସ୍ତ୍ର ଦ୍ୱାରା, ସେହି ବାକ୍ୟଟି ସତ୍ୟ ବୋଲି ପ୍ରମାଣ କରିପାରନ୍ତି। ଏବଂ ତାହାପରେ ଆମେମାନେ ଯେଉଁମାନେକି ତୁମର ଆଗମନକୁ ଅପେକ୍ଷା କରୁଅଛୁ, ହେ ପ୍ରଭୁ, ଏହି ଅନ୍ୟାନ୍ୟ ବିଷୟଗୁଡିକୁ ବିଶ୍ୱାସ କରି ଯାହାକି ଘଟିତ ହେବ ବୋଲି ଭବିଷ୍ୟତ୍‌ବାଣୀ କରାଯାଇଥିଲା, ପୁଣି ଠିଆ ହୋଇ ତୁମକୁ ଆମମାନଙ୍କ ମଧ୍ୟରେ ଠିକ୍ ଗମନାଗମନ କରିବାର ଏବଂ ସେହି କାର୍ଯ୍ୟକୁ ସାଧନ କରୁଥିବାର ଦେଖିବା ଯାହା ତୁମେ କହିଥିଲ ଯେ ତାହା ସଫଳ ହେବ, ଯାହାକି ତୁମର ବାକ୍ୟକୁ ଠିକ୍ ବୋଲି ପ୍ରମାଣ କରୁଅଛି। ହେ ଅନନ୍ତଜୀବୀ ପରମେଶ୍ୱର, ତୁମର ଅସୁସ୍ଥ ପିଲାମାନେ ଏଠାରେ ବସିଛନ୍ତି।

165 ମୁଁ ଜାଣେ ନାହିଁ ଯେ ଆମ ପାଖରେ କାମ କରିବାକୁ ଆଉ କେତେ ସମୟ ଅଛି। ସନ୍ଧ୍ୟାକାଳୀନ ସୂର୍ଯ୍ୟ ଅସ୍ତ ହେଉଅଛି। ମାତ୍ର ତୁମେ ଭବିଷ୍ୟଦ୍‌ବକ୍ତାଙ୍କୁ, ପ୍ରତିଜ୍ଞା କରିଅଛ, "ସନ୍ଧ୍ୟାକାଳୀନ ସମୟରେ ଏହା ଦୀପ୍ତି ହେବ।" ଏବଂ ଆମେମାନେ ଦେଖୁଅଛୁ ଯେ ସେହି ସମାନ ସୂର୍ଯ୍ୟ ଯାହାକି ପୂର୍ବରେ ଉଦୟ ହୁଏ, ତାହା ସେହି ସମାନ ଅଟେ ଯାହାକି ପଶ୍ଚିମରେ ଅସ୍ତ ହୁଏ। ସଭ୍ୟତା ସୂର୍ଯ୍ୟ ସହିତ ଯାତ୍ରା କରିଅଛି ଏବଂ ବର୍ତ୍ତମାନ ଆମେମାନେ ପଶ୍ଚିମ ତଟରେ ଅଛୁ, ଏବଂ ସୁସମାଚାର ସଭ୍ୟତା ସହିତ ଯାତ୍ରା କରିଅଛି। ତେବେ, ହେ ପିତା, ଆମେମାନେ ଜାଣୁ ଯେ ଏହା ସୁସମାଚାରର ସମାପ୍ତି, ସମୟର ସମାପ୍ତି, ଯୁଗର ସମାପ୍ତି ଅଟେ। ସେ ଅନନ୍ତକାଳରେ ବିଲୀନ ହୋଇ ଯାଉଅଛି। ମାତ୍ର ତୁମେ ପ୍ରତିଜ୍ଞା କରିଛ ଯେ ପୁତ୍ର ଆସିବେ, ସେହି ମନୁଷ୍ୟପୁତ୍ର ପ୍ରକାଶିତ କରାଯିବେ। ଶେଷ ଦିନରେ, ଏହା ଘଟିତ ହେବ। ପିତା, ସନ୍ଧ୍ୟାକାଳୀନ ଦୀପ୍ତି ଆସିଯାଇଛି। ଏଥିପାଇଁ ଆମେ ତୁମକୁ ଧନ୍ୟବାଦ ଦେଉଅଛୁ। ଏବଂ ଏହା ଯେତିକି ନମ୍ର ଭାବରେ ଅଟେ, ତଥାପି ତୁମେ ଏହାକୁ ଏତେ ସରଳ, ଅନେକ ଗୁଣରେ ସରଳ କରିଥାଅ, ଯେ ଏହା ସେହି ମହାନ, ତଥା-କଥିତ ଗଭୀର ଚିନ୍ତକମାନଙ୍କ ଉପରୁ ଚାଲି ଯାଇଥାଏ, ଏବଂ ଶିଖିବାକୁ ଇଚ୍ଛୁକ ଥିବା ଶିଶୁମାନଙ୍କ ନିକଟରେ ପ୍ରକାଶିତ ହୋଇଥାଏ।

166 ମୁଁ ପ୍ରାର୍ଥନା କରୁଛି ଯେ, ହେ ପରମେଶ୍ୱର, ତୁମେ ଆଜି ରାତିରେ, ଏହାକୁ ଏପରି କରିବ, ଯେପରିକି ତୁମର ବେଚାରା ଅସୁସ୍ଥ ପିଲାମାନେ ଏଠାରେ ପରମେଶ୍ୱରଙ୍କ ପ୍ରତିଜ୍ଞାକୁ ଦେଖିବେ, ଏବଂ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ସୁସ୍ଥ ହୋଇଯିବେ, ଏବଂ ଆସନ୍ତାକାଲି,

ଏଠାରୁ ନୂତନ ଶକ୍ତିଶାଳୀ ଶରୀରଗୁଡିକ ସହିତ, ବାହାରି ଯିବେ, ଏବଂ ପୁଣିଥରେ ସୁସ୍ଥ ହେବେ। ପ୍ରଭୁ, ଏହା ପ୍ରଦାନ କର, ଯେପରିକି ସେମାନେ ଏହି ବାର୍ତ୍ତାକୁ ଜଣେ ଅନ୍ୟଠାରୁ ନେଇପାରନ୍ତି, ଯେପର୍ଯ୍ୟନ୍ତକି ସେହି ଶେଷ ଜଣ ଖୁଆଡରେ ନ ରହିଯାଏ, ଏବଂ ତାହାପରେ ସେହି ଦ୍ୱାରଗୁଡିକ ବନ୍ଦ ହୋଇଯିବ। ହେ ପ୍ରିୟ ପରମେଶ୍ୱର, ଆମକୁ ସାହାଯ୍ୟ କର। ଆଜି ରାତିରେ, ଏହି ସବୁ ବିଷୟର ସମ୍ମୁଖରେ, ମୁଁ ତୁମକୁ ବିନତୀ କରୁଅଛି, ଯଦି ତୁମେ କେବଳ ଆଉ ଥରେ, ମୋ ପାଇଁ, ପିତା ହେବ କି।

167 ଅନ୍ୟ ରାତିରେ, ଏହା—ଏହା ଏପରି ଦିଶୁଥିଲା ଯେ, ଲୋକମାନେ ଏହାକୁ କଦାପି ଅତ୍ୟଧିକ ଭାବରେ ଧ୍ୟାନ ଦେଇ ନ ଥିଲେ। ମାତ୍ର, ମୁଁ ପ୍ରାର୍ଥନା କରୁଛି, ଯେ ହେ ପ୍ରଭୁ, ଏହା ଆଜି ରାତି ପୁନର୍ବାର ହେଉ। କାରଣ, ମୁଁ ମୋର କହିବାର ଦତ୍ତ ସମୟକୁ ଅତିକ୍ରମ କରିଯାଇଛି, ମାତ୍ର ମୁଁ ଜାଣେ ନାହିଁ ଯେ ଆମକୁ ଆଉ କେତେ ଅଧିକ ସମୟ ଏହା କରିବାକୁ ପଡିବ। ତେଣୁ, ମୁଁ ପ୍ରାର୍ଥନା କରୁଛି ଯେ, ହେ ପିତା, କଅଣ ତୁମେ ମୋ କଥା ଶୁଣିବ କି? ଏବଂ ଆଜି ରାତି ଏଠାରେ ବସିଥିବା ଏହି ଧର୍ମପରାୟଣ ପୁରୁଷ ଏବଂ ସ୍ତ୍ରୀଲୋକମାନଙ୍କର ପ୍ରାର୍ଥନା ଶୁଣିବ କି, ଯେଉଁମାନେକି ତୁମର ଆତ୍ମାରେ ପରିପୂର୍ଣ୍ଣ ଅଟନ୍ତି। ସେମାନେ ବିଶ୍ୱାସୀ ଅଟନ୍ତି, ପ୍ରଭୁ, ତୁମେ ଠିକ ସେମାନଙ୍କ ମଧ୍ୟରେ କାମ କରିପାର। ଏବଂ ଆମେମାନେ...ମୁଁ ପ୍ରାର୍ଥନା କରୁଛି ଯେ ତୁମେ ନିଜର ସେହି କହିଥିବା, ବାକ୍ୟକୁ ସୁନିଶ୍ଚିତ କରିବ, "ଯିଏ ମୋ ଠାରେ ବିଶ୍ୱାସ କରେ, ଯେଉଁ କାର୍ଯ୍ୟଗୁଡ଼ିକୁ ମୁଁ କରେ ସେ ମଧ୍ୟ କରିବ।" ହେ ଯୀଶୁ, ଏହା ପୁନର୍ବାର ହେଉ, ଯେପରିକି ଏହା ପ୍ରମାଣ କରାଯାଏ ଯେ ତୁମେ କାଲି, ଆଜି, ଏବଂ ଚିରକାଳ ସମାନ ଅଟ। ମୁଁ ଏହାକୁ ପରମେଶ୍ୱରଙ୍କ ମହିମା ହେତୁ, ତାହାଙ୍କ ପୁତ୍ର, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ମାଗୁଅଛି। ଆମେନ୍।

168 ବର୍ତ୍ତମାନ, କିଛି କ୍ଷଣ ପାଇଁ, ମୁଁ ଜାଣିବାକୁ ଚାହେଁ ଯେ ଏଠାରେ କେତେ ଲୋକଙ୍କ ପାଖରେ ପ୍ରାର୍ଥନା କାର୍ଡ ଅଛି। ମୁଁ—ମୁଁ ଚାହେଁ ଯେ ଆପଣମାନେ ନିଜର ହାତ ଉଠାନ୍ତୁ, ଆପଣମାନେ ପ୍ରତ୍ୟେକେ ଯାହାଙ୍କ ପାଖରେ ପ୍ରାର୍ଥନା କାର୍ଡ ଅଛି। ତେବେ, ଏହା ସାଧାରଣତଃ ଭାବରେ, ମୁଁ ଅନୁମାନ କରେ, ଯେ ପ୍ରାୟଃ ସବୁ ଶେଷ ହୋଇଯାଇଛି।

169 ମୁଁ ଆଶ୍ଚର୍ଯ୍ୟ କରେ ଯେ ଏଠାରେ ସେପରି କେତେ ଲୋକମାନେ ଅଛନ୍ତି ଯାହାଙ୍କ ପାଖରେ ପ୍ରାର୍ଥନା କାର୍ଡ ନାହିଁ, ଏବଂ ତଥାପି ଆପଣମାନେ ଅସୁସ୍ଥ ଅଟନ୍ତି, କଅଣ ଆପଣମାନେ ନିଜର ହାତ ଉଠାଇ କହିବେ କି, "ମୋ ପାଖରେ ପ୍ରାର୍ଥନା କାର୍ଡ ନାହିଁ, ଏବଂ ତଥାପି ମୁଁ ଅସୁସ୍ଥ ଅଟେ। ମୁଁ ଅଭାବୀ ଅଟେ।"

170 ମୁଁ ଆପଣମାନଙ୍କୁ ଅଳ୍ପ କ୍ଷଣ ପାଇଁ ଭକ୍ତିଭାବ ସହକାରେ ରହିବା ନିମନ୍ତେ କହିବାକୁ ଚାହେଁ। ତେବେ, ମୁଁ ଆପଣମାନଙ୍କ ସହିତ କଥା ହେବାକୁ ଭଲ ପାଏ। ତାହାହିଁ ସର୍ବଦା ମୋର ଅସୁବିଧା ଅଟେ, ଯେ ମୁଁ ଅଧିକ ସମୟ କଥାବାର୍ତ୍ତା କରିଥାଏ। ମାତ୍ର ଏହା ପୂର୍ବେକି ଆପଣମାନେ ଆସନ୍ତି, ମୁଁ—ମୁଁ ଆଶା କରେ ଏବଂ ଭରସା କରେ ଯେ ପରମେଶ୍ୱର ଏହାକୁ ପ୍ରମାଣ କରିବେ ଏବଂ ଯାହା ମୁଁ ସତ୍ୟ ବୋଲି କହିଅଛି, ଏବଂ ତେବେ—ତେବେ ସେ କେବଳ

ଏହାକୁ ଦେଖନ୍ତୁ ।

ତେବେ, ସେଠାରେ କେତେ ଜଣ ବସିଛନ୍ତି ଯେଉଁମାନେ କି ଅସୁସ୍ଥ ଅଟନ୍ତି, ଯେଉଁମାନେ କି ଏହା ଜାଣନ୍ତି ଯେ ମୁଁ ଆପଣମାନଙ୍କ ବିଷୟରେ ଗୋଟିଏ ହେଲେ କଥା ଜାଣେ ନାହିଁ, ନିଜର ହାତ ଉଠାନ୍ତୁ । କେବଳ ତାହା ଦେଖନ୍ତୁ । ଠିକ୍ ଅଛି ।

ମୁଁ ବର୍ତ୍ତମାନ ଆପଣମାନଙ୍କୁ ପ୍ରାର୍ଥନା କାର୍ଡ ବିନା ହିଁ ଚାହେଁ । ପ୍ରାର୍ଥନା କାର୍ଡ ଥିବା ଲୋକମାନଙ୍କୁ ଡକାଯିବ । ମୁଁ ଚାହେଁ ଯେ ଆପଣମାନେ ପ୍ରାର୍ଥନା କରନ୍ତୁ ।

171 ବାଇବଲ କୁହେ ଯେ, "ଯୀଶୁ ଖ୍ରୀଷ୍ଟ କାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି ।" ସେ କୁହନ୍ତି, "ସେ ଜଣେ ମହାଯାଜକ ଭାବରେ ସେଠାରେ ବସି ଆମର ସ୍ୱୀକାରୋକ୍ତି ଉପରେ ନିବେଦନ କରୁଛନ୍ତି ।" ପ୍ରଥମେ ଆମକୁ ଏହା ସ୍ୱୀକାର କରିବାକୁ ପଡିବ, ଏହା ପୂର୍ବେକି ସେ ଜଣେ ମହାଯାଜକ ହୁଅନ୍ତି, 'କାରଣ ସେ କେବଳ ଆମର ସ୍ୱୀକାରୋକ୍ତି ଉପରେ ମଧ୍ୟସ୍ଥି କରନ୍ତି । କଅଣ ତାହା ଠିକ୍ ଅଟେ, ସେବକ ଭାଇମାନେ? ଦେଖନ୍ତୁ, ସେ କେବଳ ଆମର ସ୍ୱୀକାରୋକ୍ତି ଉପରେ ମଧ୍ୟସ୍ଥି କରନ୍ତି, ଯାହା ଆମେମାନେ ସ୍ୱୀକାର କରିଥାଉ ଯେ ସେ ଅଟନ୍ତି, ଯାହା ସେ ଆମ ପାଇଁ କରିଥାନ୍ତି । ଏହା ନୁହେଁ ଯାହା ସେ କରିବେ । ସେ ତ ଏହା କରିସାରିଛନ୍ତି । ଆମକୁ ଏହା ସ୍ୱୀକାର କରିବାକୁ ହେବ ଯେ ସେ ଏହା କରିଅଛନ୍ତି । "ସେ ଆମର ଅପରାଧଗୁଡିକ ପାଇଁ ଘାତ ହୋଇଥିଲେ, ତାହାଙ୍କର କୋରଡାଘାତ ଦ୍ୱାରା ଆମେମାନେ ସୁସ୍ଥ ହୋଇଥିଲୁ ।"

172 ତେବେ, ସ୍ୱର୍ଗସ୍ଥ ପିତା ଜାଣନ୍ତି । ଏବଂ ଆପଣଙ୍କୁ ଦେଖିବା, ଏହା ଦେଖିବା ଅଟେ ଯେ ମୁଁ ଓହାୟୋରୁ ମୋର ଜଣେ ଉତ୍ତମ ବନ୍ଧୁଙ୍କୁ ଚିହ୍ନିଲି, ସେ ଏବଂ ତାଙ୍କ ପତ୍ନୀ ଏଠାରେ ବସିଛନ୍ତି, ଶ୍ରୀମାନ ଡଚ୍ ଏବଂ ତାଙ୍କ ପତ୍ନୀ । ଏବଂ ମୁଁ ବିଶ୍ୱାସ କରେ, ଯେ ସେମାନଙ୍କଠାରୁ ଦ୍ୱିତୀୟ କିମ୍ବା ତୃତୀୟରେ ବସିଛନ୍ତି, ତାହା ପୁନର୍ବାର ସେହି ସମ୍ମାନୀୟ, ଶ୍ରୀମାନ ବ୍ଲେୟାର ଅଟନ୍ତି ଯାହାଙ୍କୁ ମୁଁ ଗତ ରାତିରେ ଦେଖିଥିଲି । ଏଠାରେ ଥିବା ଏହି ଆଲୋକଗୁଡ଼ିକ ଯୋଗୁ ଶ୍ରୋତାବୃନ୍ଦଙ୍କ ଉପରେ, ମୋତେ ଏହା ଅନ୍ଧକାର ଦିଶୁଛି, ଏକ ପ୍ରକାର ମୋ ପାଇଁ ଟିକିଏ ଅସ୍ପଷ୍ଟ ଅଟେ, ଏବଂ ମୁଁ—ମୁଁ ଆପଣମାନଙ୍କୁ ବହୁତ ଭଲ ଭାବରେ ଦେଖୁ ନାହିଁ ।

173 ମାତ୍ର ମୁଁ ଚାହେଁ ଯେ ଆପଣମାନେ ପ୍ରାର୍ଥନା କରନ୍ତୁ । ଏବଂ ଆପଣ ନିଜର ହୃଦୟରେ ସେହି ବିଷୟ ରଖନ୍ତୁ ଯାହା ଆପଣଙ୍କର ଦରକାର ଅଛି, ଏବଂ ଆପଣ ଆମର ମହାଯାଜକଙ୍କୁ ମାଗନ୍ତୁ, ଯାହାକୁ ଆମର ଦୁର୍ବଳତାର ଅନୁଭୂତି ଦ୍ୱାରା ସ୍ପର୍ଶ କରା ଯାଇପାରେ ।

174 ତେବେ, ମୁଁ ଆପଣମାନଙ୍କୁ ଜାଣେ ନାହିଁ, ଏବଂ ଆପଣ ହୁଏତ ମୋତେ କେବଳ ସର୍ବତ୍ର ଛୁଇଁ ପାରନ୍ତି, ଯେପରିକି ଆପଣଙ୍କର ଭାଇକୁ ଛୁଇଁଥାନ୍ତି, ଆପଣଙ୍କର ସ୍ୱାମୀ, ଆପଣଙ୍କର ପାଳକ, କାହାରିକୁ ବି ଛୁଇଁଥାନ୍ତି, ଏହା କରିବ ନାହିଁ—ଏହା କିଛି ହେଲେ ଲାଭ କରିବ ନାହିଁ । ମାତ୍ର ଯଦି ଆପଣ ତାହାଙ୍କୁ ସ୍ପର୍ଶ କରନ୍ତି, ଏବଂ ଯଦି ଆମେ ପ୍ରକୃତରେ ତାହାଙ୍କ ଆତ୍ମା ସହିତ

ଏକ ମେଳ ହୋଇ ରହିଅଛୁ, ତାହାହେଲେ ସେ ଆପଣଙ୍କର ବିଶ୍ୱାସକୁ ତାହାଙ୍କୁ ଛୁଇଁବା ହେତୁ, ଏବଂ ମୋର ଦାନକୁ ପ୍ରତ୍ୟୁତ୍ତରରେ କହିବା ପାଇଁ ବ୍ୟବହାର କରିପାରନ୍ତି ।

175 ଦେଖନ୍ତୁ, ମୁଁ ଏପରି ମୂକ ହେବି ଯେପରିକି ଏହା, ଏହା *ଏଠାରେ* ଅଟେ, କୌଣସି ସ୍ୱର ଏହା ଦେଇ କହୁଥିବା ବିନା । ସେଠାରେ ହେବାକୁ ଅଛି...ଏହା, ଏହା ଏଠାରେ କୌଣସି ସ୍ୱର କହୁଥିବା ବିନା ହିଁ ଏକ ମୂକ ଅଟେ । ଏବଂ ତେଣୁକରି ଯେକୌଣସି ବ୍ୟକ୍ତି, ଜଣେ ମୂକ ଅଟନ୍ତି, ଯେତେବେଳେ ଏହା ଏହି ବିଷୟଗୁଡ଼ିକର କଥା ଆସେ, ଯେପର୍ଯ୍ୟନ୍ତକି ପରମେଶ୍ୱର ସେମାନଙ୍କ ଦେଇ କଥା ନ କୁହନ୍ତି ।

176 ବର୍ତ୍ତମାନ ଆପଣମାନେ ପ୍ରାର୍ଥନା କରନ୍ତୁ, ଏବଂ ଆସନ୍ତୁ ଆମେମାନେ ଦେଖିବା ଯେ ଏହିସବୁ ବିଷୟ ଯାହା ମୁଁ କହିଅଛି ତାହା ସତ୍ୟ ଅଟେ କି । ପରମେଶ୍ୱର ଏହାକୁ ସେହିପରି ହେବାକୁ ସାହାଯ୍ୟ କରନ୍ତୁ । ମୁଁ କହୁ ନାହିଁ ଯେ ସେ କରିବେ । ମୁଁ ଆଶା କରେ ଯେ ସେ କରିବେ । ମୁଁ ବିଶ୍ୱାସ କରୁଛି ଯେ ସେ କରିବେ । ଏତେ ବର୍ଷ ହେଲାଣି, ସେ ମୋତେ ଏଯାଏଁ କେବେବି ବିଫଳ ହେବାକୁ ଦେଇ ନାହାଁନ୍ତି, ସାରା ବିଶ୍ୱରେ ଓ ସବୁଆଡ଼େ, ସମସ୍ତ ପ୍ରକାର ଜାତି, ଏବଂ ଲକ୍ଷ ଲକ୍ଷ ଲୋକମାନଙ୍କ ସହିତରେ । ସେ ମୋତେ ଏଯାଏଁ କଦାପି ବିଫଳ ହେବାକୁ ଦେଇ ନାହାଁନ୍ତି । ଏବଂ ମୁଁ ନିଶ୍ଚିତ ଅଟେ ଯେ, ଠିକ୍ ସେତିକି ସୁନିଶ୍ଚିତ ଅଟେ ଯେତିକି ମୁଁ ବିଶ୍ୱାସ କରେ ଯେ ମୁଁ ଏଠାରେ ଠିଆ ହୋଇଛି, ସେ ମୋତେ ବର୍ତ୍ତମାନ କଦାପି ବିଫଳ ହେବାକୁ ଦେବେ ନାହିଁ ।

177 ମୁଁ ଆପଣମାନଙ୍କୁ କେବଳ ଅଳ୍ପ କିଛି କ୍ଷଣ ପାଇଁ, ଅତ୍ୟନ୍ତ ଭକ୍ତି ସହକାରେ ରହିବା ପାଇଁ ଓ ବସିବା ପାଇଁ କହିବାକୁ ଯାଉଅଛି । ଆମେମାନେ ଅଳ୍ପ କିଛି କ୍ଷଣ ମଧ୍ୟରେ, ମୁଖ୍ୟ ଶ୍ରୋତାବୃନ୍ଦଙ୍କୁ ବରଖାସ୍ତ କରି ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଯାଉଅଛୁ ।

178 ମାତ୍ର ମୁଁ ଚାହେଁ ଯେ ଆପଣ, ଆପଣ ବିଶ୍ୱାସୀମାନେ, ଯଦି ଆପଣମାନେ କେବଳ ମୋ ଆଡକୁ ଚାହିଁବେ ନାହିଁ, ମାତ୍ର ବିଶ୍ୱାସ କରିବେ । ଧରନ୍ତୁ, "ମୁଁ ବିଶ୍ୱାସ କରେ ଯେ ସେହି ବ୍ୟକ୍ତି ଯାହା କହିଲେ ତାହା ଶାସ୍ତ୍ରାଂଶ ଅଟେ । ମୁଁ ଜାଣେ ନାହିଁ ଯେହେତୁ ଆମେମାନେ ସମୟରେ ସେତିକି ଆଗକୁ ବଢି ଯାଇଛୁ ଯେତିକି ସେ କୁହନ୍ତି ଯେ ଆମେମାନେ ହୋଇଯାଇଛୁ । ମାତ୍ର, ଯଦି ଏହା ଅଟେ, ତାହାହେଲେ ଏହାକୁ ଘଟିବାକୁ ଅଛି । ଯଦି ତାଙ୍କର ବାକ୍ୟଗୁଡ଼ିକ ପରମେଶ୍ୱରଙ୍କ ବାକ୍ୟ ଅଟେ, ତାହାହେଲେ, ତାଙ୍କର ଶବ୍ଦ ବିଫଳ ହୋଇଯିବ ମାତ୍ର ପରମେଶ୍ୱରଙ୍କ ବାକ୍ୟ ହେବ ନାହିଁ ।"

179 ପରମେଶ୍ୱର ଆପଣା ବାକ୍ୟକୁ ସମର୍ଥନ କରିବା ହେତୁ ବାଧ୍ୟ ଅଟନ୍ତି । ସେ ଏହାକୁ ପ୍ରମାଣ କରିବେ । ସେ ଏହାକୁ ପ୍ରମାଣ କରିବେ । "ଯିଏ ମୋ ଉପରେ ବିଶ୍ୱାସ କରେ ।" ସେ ପ୍ରମାଣ କରିଥିଲେ ଯେ ଏହା ହେଉଛି ସେହି ଶେଷ ଦିନ । ସେ ପ୍ରମାଣ କରିଥିଲେ ଯେ କଅଣ ଘଟିତ ହେବ । ସେ ପ୍ରମାଣ କରିଥିଲେ ଯେ ଏହା ଘଟିବା ଉଚିତ୍ ।

180 ଏବଂ, ମନେରଖନ୍ତୁ, ଅବ୍ରହାମ ଏବଂ ତାଙ୍କ ଗୋଷ୍ଠୀ ଆଉ କଦାପି ପରମେଶ୍ୱରଙ୍କଠାରୁ ଆଉ ଏକ ଚିହ୍ନ ପାଇଲେ ନାହିଁ, ଯେପର୍ଯ୍ୟନ୍ତକି ସେହି ପ୍ରତିଜ୍ଞାତ ପୁତ୍ର ଆସି ନ ଗଲେ । କେତେ

ଜଣ ଜାଣନ୍ତି ଯେ ତାହା ସତ ଅଟେ? ହୃଦୟର ଗୁପ୍ତ ବିଷୟଗୁଡିକୁ ଜାଣିବାର ସେହି ଚିହ୍ନ! ଏବଂ ଅବ୍ରହାମଙ୍କର ରାଜକୀୟ ବୀଜ, ମୋତେ ଆପଣଙ୍କଠାରୁ ଶୁଣିବାକୁ ଦିଅନ୍ତୁ…ମୋତେ କହିବାକୁ ଦିଅନ୍ତୁ, **ସଦାପ୍ରଭୁ ଏହି କଥା କୁହନ୍ତି**, ଆପଣମାନେ ନିଜର ଶେଷ ଚିହ୍ନ ଗ୍ରହଣ କରୁଛନ୍ତି । ତାହା ଶାସ୍ତ୍ର ଏବଂ ପରମେଶ୍ୱରଙ୍କ ପ୍ରକାଶନ ଅନୁଯାୟୀ ଅଟେ ଯାହା ମୋ ହୃଦୟରେ ଅଟେ, ଯାହାକି ଏହା କୁହେ ଯେ ଏହା ସତ୍ୟ ଅଟେ । ଏବଂ ମୁଁ ବିଶ୍ୱାସ କରେ ଯେ ଆପଣ ଏହାକୁ ସତ୍ୟ ବୋଲି ବିଶ୍ୱାସ କରିବେ ।

181 ତେବେ ଆପଣମାନେ ବିଶ୍ୱାସ କରନ୍ତୁ । ସମସ୍ତେ ଯେଉଁମାନେକି କେବଳ ଏହାକୁ ବିଶ୍ୱାସ କରନ୍ତି, କୁହନ୍ତୁ, "ପ୍ରଭୁ ଯୀଶୁ, ମୋତେ ଆପଣଙ୍କୁ ଛୁଇଁବାକୁ ଦିଅ । ମୋର ହୃଦୟରେ ମୋର ଏକ ଆବଶ୍ୟକତା ରହିଛି, ଏବଂ ମୁଁ ଜାଣେ ଯେ ଭାଇ ବ୍ରାନହାମ୍ ମୋ ବିଷୟରେ କିଛି ହେଲେ ଜାଣନ୍ତି ନାହିଁ । ମୁଁ ତ ଏପରିକି ସେହି ବ୍ୟକ୍ତିଙ୍କୁ ଜାଣେ ସୁଦ୍ଧା ନାହିଁ, ସେ ମୋତେ ଜାଣନ୍ତି ନାହିଁ, ମାତ୍ର ଆପଣ ଜାଣନ୍ତି । ଏବଂ ଯଦି ସେ ମୋତେ ସତ କହିଛନ୍ତି, ତେବେ ଏହା ଘଟିତ ହେବ ।" ମୁଁ ଆପଣମାନଙ୍କୁ ପଚାରେ, ତେବେ ଟିକିଏ ସମୟ ପାଇଁ, ଘୁଞ୍ଚନ୍ତୁ ନାହିଁ । ବାସ୍ତବ ରହିଥାଆନ୍ତୁ…

ଦେଖନ୍ତୁ, ଆପଣ ଆତ୍ମା ଅଟନ୍ତି । ଏବଂ ଏଠାରେ ଥିବା ପ୍ରତ୍ୟେକ ଆତ୍ମାକୁ ମୁଁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୋର ଅଧୀନରେ ନିଏ, ଯେପରି ତାହାଙ୍କ ବାକ୍ୟ ପରିପୂର୍ଣ୍ଣ ହୁଏ ।

ତେବେ କେବଳ ଭକ୍ତି ସହକାରେ ରହିଥାଆନ୍ତୁ । ପ୍ରାର୍ଥନା କରନ୍ତୁ । ତାହାଙ୍କୁ ଅନାନ୍ତୁ, କୁହନ୍ତୁ, "ପ୍ରଭୁ, ମୁଁ ଏହାକୁ ବିଶ୍ୱାସ କରେ । ମୋର ଅବିଶ୍ୱାସର ପ୍ରତିକାର କର ।"

ଆସନ୍ତୁ ଆମେମାନେ ଆରମ୍ଭ କରିବା । ମୋତେ ଏଠାରେ ଭବନର କିଛି ଅଂଶ ଉପରେ ଏକ ପ୍ରକାରେ ଧ୍ୟାନ ଦେବାକୁ ଅଛି, କାରଣ, ଦେଖନ୍ତୁ, ଆପଣମାନଙ୍କ ମଧ୍ୟରୁ ଅନେକେ, ଏବଂ ଆପଣମାନେ ପ୍ରତ୍ୟେକ ଜଣ ଏକ ଆତ୍ମା ଅଟନ୍ତି ।

182 ମୁଁ ପାରେ ନାହିଁ । ଆପଣ କୁହନ୍ତି, "ମୋ ବିଷୟରେ କଅଣ?" ମୁଁ ଆପଣମାନଙ୍କୁ କହିପାରିବି ନାହିଁ । ଏହା ସାର୍ବଭୌମ ଅଟେ । ପରମେଶ୍ୱରଙ୍କ ସମସ୍ତ କାର୍ଯ୍ୟ ସାର୍ବଭୌମ ଅଟେ । ଆଜି ରାତି, ଏହି ପ୍ରଚାରମଞ୍ଚ ଅତିକ୍ରମ କରିଯିବା ବେଳେ ଅନେକ ଲୋକ ସୁସ୍ଥ ହେବେ, ହୁଏତ ଅନେକେ ହେବେ ବି ନାହିଁ । ଏହା ସମସ୍ତ କିଛି ପରମେଶ୍ୱରଙ୍କ ସାର୍ବଭୌମତ୍ୱରେ ଅଛି । କିଏ ତାହାଙ୍କୁ କହିପାରେ ଯେ କଅଣ କରିବାକୁ ଅଛି? କେହି ନୁହେଁ । ସେ ଆପଣାର ନିଜର ଇଚ୍ଛା, ଆପଣାର ନିଜର ଯୋଜନା ଅନୁଯାୟୀ କାର୍ଯ୍ୟ କରନ୍ତି ।

183 ମାତ୍ର ଆପଣ କେବଳ ବିଶ୍ୱାସ କରନ୍ତୁ । ନମ୍ର ରୁହନ୍ତୁ । ଅଧୀର ହୁଅନ୍ତୁ ନାହିଁ । କେବଳ ପରମେଶ୍ୱରଙ୍କ ସନ୍ନିକଟବର୍ତ୍ତୀ ହୁଅନ୍ତୁ, ଏବଂ କୁହନ୍ତୁ, "ପ୍ରଭୁ ପରମେଶ୍ୱର, ମୁଁ ଏହାକୁ ବିଶ୍ୱାସ କରେ ।" ବୁଝିଲେ? "ମୋତେ ତୁମର ବସ୍ତ୍ର ଛୁଇଁବାକୁ ଦିଅ । ମୋର *ଅମୁକ-ଓ-ଅମୁକ* ଆବଶ୍ୟକତା ଅଛି । ମୁଁ ଜାଣେ ଯେ ସେହି ଭାଇ ମୋତେ ଜାଣନ୍ତି ନାହିଁ କିମ୍ବା ମୋର ଆବଶ୍ୟକତାକୁ ଜାଣନ୍ତି ନାହିଁ, ମାତ୍ର ସେ ଆମକୁ ଏହିସବୁ ବିଷୟରେ କହିଲେ ଯାହା ତୁମେ କରିଥିଲ, ଏବଂ ଏହା କହିଲେ ଯେ ତୁମେ ଆଜି ଏଠାରେ ସେହି ସମାନ ଜଣ ଅଟ ।"

184 ତାହା ଏଠାରେ ପ୍ରଚାରମଞ୍ଚରେ ଥିବା ଆପଣ ଭାଇମାନେ, ଆପଣମାନଙ୍କ ମଧ୍ୟରୁ ଜଣେ ବି ଏଥିରୁ ବାଦ ନୁହଁନ୍ତି । ମୋର ଭାଇମାନେ, ଖ୍ରୀଷ୍ଟଙ୍କ ସେହି—ସେହି ସୁସମାଚାରର ସହକର୍ମୀ ଭାବରେ, ମୁଁ କେବଳ ଆପଣମାନଙ୍କୁ ଏହା ପଚାରୁଅଛି । ମୁଁ ଆପଣମାନଙ୍କୁ ସେତିକି ନିଷ୍ଠାପରତାର ସହ କହୁଅଛି ଯେତିକି ମୁଁ, ଆପଣମାନଙ୍କ ସହିତରେ ଜଣେ—ଜଣେ ମରଣଶୀଳ ବ୍ୟକ୍ତି ଭାବରେ ଜାଣେ, ଦେଖନ୍ତୁ, ଯିଏକି ଏହି ଜଗତକୁ ଛାଡି ଯାଉଅଛି । ଆମକୁ ଛାଡ଼ି ଯିବାକୁ ଅଛି । ଏବଂ ମୁଁ ଯାହା କୁହେ, ତାହା ପାଇଁ ମୋତେ ନିଶ୍ଚିତ ଭାବରେ ସେହି ବିଚାର ଦିନରେ ଏକ ହିସାବ ଦେବାକୁ ଅଛି । ମୁଁ ସେ ବିଷୟରେ ସଚେତନ, ବହୁତ ସଚେତନ ଅଟେ । ଏବଂ ମୁଁ ଆପଣ ବ୍ୟକ୍ତିଙ୍କୁ ପ୍ରଶଂସା କରେ, ଯାହା ଆପଣମାନେ ଅଟନ୍ତି, ଏଠାରେ ମୋ ସହିତରେ ଠିଆ ହୋଇ, ମୋତେ ସାହାଯ୍ୟ କରୁଛନ୍ତି । ପରମେଶ୍ୱର-ଙ୍କ-ରାଜ୍ୟର ସ୍ୱାର୍ଥ ପାଇଁ, ମୁଁ ଯାହାକିଛି ସବୁ କରିପାରେ, ମୁଁ ଆପଣଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରୁଛି ।

ମୁଁ ପ୍ରାର୍ଥନା କରୁଛି ଏବଂ ମାଗୁଅଛି ।

ଏଠାରେ, କେତେଜଣ ସେହି ଆଲୋକକୁ ଚିତ୍ରରେ ଦେଖିଛନ୍ତି? ଆପଣ ଏହାର ଚିତ୍ର ଦେଖିଛନ୍ତି କି? *ସେଠାରେ* ଏହା ଠିକ ସେଠାରେ ଝୁଲୁଅଛି । କଅଣ ଆପଣ ଏହାକୁ ଦେଖିପାରୁ ନାହାଁନ୍ତି ନାହିଁ?

185 ଏହା ଠିକ ସେଠାରେ ରୁମାଲ ସହିତ ବସିଥିବା ସେହି ମହିଳାଙ୍କ ଉପରେ ରହିଛି । ସେ ଜଣେ ପ୍ରିୟଜନଙ୍କ ପାଇଁ ପ୍ରାର୍ଥନା କରୁଛନ୍ତି । ତାହା ଠିକ୍ ଅଟେ, ମହିଳା । ସେହି ପ୍ରିୟ ଜଣକା... କଅଣ ଆପଣ ମୋତେ ତାହାଙ୍କର ଭବିଷ୍ୟଦ୍‌ବକ୍ତା ବୋଲି ବିଶ୍ୱାସ କରନ୍ତି କି, କିଅବା ମୋତେ କ୍ଷମା କରନ୍ତୁ, ତାହାଙ୍କର ସେବକ ବୋଲି? [ଭଉଣୀ କୁହନ୍ତି, "ମୁଁ ନିଶ୍ଚିତରେ କରେ ।"—ସମ୍ପା ।] କଅଣ ଆପଣ ତାହା ବିଶ୍ୱାସ କରନ୍ତି କି? ଠିକ୍ ଅଛି । ତେବେ, ଯଦି ପରମେଶ୍ୱର ମୋତେ ତାହା ପ୍ରକାଶ କରିପାରନ୍ତି ଯେ ସମସ୍ୟାଟି କଅଣ, କାହିଁକି, ତେବେ କଅଣ ଆପଣ ଏହାକୁ ପରମେଶ୍ୱରଙ୍କଠାରୁ ବୋଲି ଗ୍ରହଣ କରିବେ କି, ଠିକ ଯେପରିକି ସେହି ସ୍ତ୍ରୀଲୋକ ତାହାଙ୍କର ବସ୍ତ୍ରକୁ ଛୁଇଁଥିଲା? ତେବେ, ଆପଣ ଜାଣନ୍ତି ଯେ ଆପଣ—ଆପଣ ମୋ ଠାରୁ କୋଡ଼ିଏ କିମ୍ବା ତିରିଶ ଫୁଟ ଦୂର ଅଛନ୍ତି, କିମ୍ବା ଅଧିକ କିଛି, ଆପଣ ମୋତେ କେବେବି ସ୍ପର୍ଶ କରି ନାହାଁନ୍ତି । ମାତ୍ର ଆପଣ କିଛି ଗୋଟାଏ ବିଷୟକୁ ସ୍ପର୍ଶ କରିଛନ୍ତି, ଯାହାକି ଆପଣ ଜାଣନ୍ତି ଯେ ଆପଣ କୌଣସି ବିଷୟ, କାହାରି ସହିତ ସମ୍ପର୍କରେ ଅଛନ୍ତି । ଏହା ଯାହାକିଛି ଅଟେ, ଏହା ଜଣେ ସ୍ତ୍ରୀଲୋକ ପାଇଁ ଅଟେ, ଯାହାକି ଆପଣଙ୍କର ଝିଅ ଅଟନ୍ତି । ତାହା ଠିକ୍ । କଅଣ ଆପଣ ବିଶ୍ୱାସ କରନ୍ତି ଯେ ସେ ଭଲ ହୋଇଯିବ? ସେ ଜଣେ ନିଶାଦ୍ରବ୍ୟ ସେବନକାରୀ ଅଟେ । ତାହା ଅବିକଳ ଠିକ୍ । ମୁଁ ତାଙ୍କୁ ମଦ୍ୟପ ଭାବରେ, ସନ୍ତରଣ କରୁଥିବାର ଦେଖୁଛି । ବୁଝିଲେ? ତେବେ, ଆପଣଙ୍କ ହାତରେ ଥିବା ସେହି ରୁମାଲକୁ, ଆପଣ ତାଙ୍କ ଉପରେ ରଖି ଦିଅନ୍ତୁ, ଏବଂ ସନ୍ଦେହ କରନ୍ତୁ ନାହିଁ । ମୁଁ ବିଶ୍ୱାସ କରେ ଯେ ପରମେଶ୍ୱର ତାଙ୍କୁ ଉଦ୍ଧାର କରିବେ । କଅଣ ଆପଣ ମୋ ସହିତ ଏହାକୁ ବିଶ୍ୱାସ କରିବେ କି? ଆମେନ୍ ।

ତେବେ, ମୁଁ ସେହି ସ୍ତ୍ରୀଲୋକଙ୍କୁ ଜାଣେ ନାହିଁ, ମାତ୍ର ପରମେଶ୍ୱର ତାଙ୍କୁ ଜାଣନ୍ତି। କଅଣ ଆପଣ ବର୍ତ୍ତମାନ ନିଜର ସମସ୍ତ ହୃଦୟ ସହିତ ବିଶ୍ୱାସ କରିବେ କି?

186 ସେଠାରେ ଗାର ଥିବା ସେହି ସାର୍ଟ ପିନ୍ଧି ବସିଥିବା ସେହି ବ୍ୟକ୍ତିଜଣକ, ଯାହାଙ୍କର ଏକ ହର୍ନିଆ ସମସ୍ୟା ଅଛି, କଅଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଆପଣଙ୍କୁ ସୁସ୍ଥ କରିଦେବେ ଓ ଭଲ କରିଦେବେ? କଅଣ ଆପଣ ବିଶ୍ୱାସ କରନ୍ତି ଯେ ସେ ଏହାକୁ ସାଧନ କରିବେ? ମୁଁ ମୋ ଜୀବନରେ ସେହି ବ୍ୟକ୍ତିଙ୍କୁ କେବେବି ଦେଖି ନାହିଁ। ମହାଶୟ, କଅଣ ଆପଣଙ୍କ ପାଖରେ ଏକ ପ୍ରାର୍ଥନା କାର୍ଡ ଅଛି କି? [ସେହି ଭାଇ କୁହନ୍ତି, "ନା, ମୋ ପାଖରେ ନାହିଁ।"—ସମ୍ପା।] ଆପଣଙ୍କ ପାଖରେ ନାହିଁ? ଆପଣଙ୍କୁ ଗୋଟିଏ ଦରକାର ବି ନାହିଁ।

"ଯଦି ଆପଣ ବିଶ୍ୱାସ କରିପାରନ୍ତି!"

187 ଏଠାରେ ଜଣେ ସ୍ତ୍ରୀଲୋକ ବସିଛନ୍ତି ଯିଏକି ଠିକ ଏଠାରେ ବସିଥିବା ଏହି ସ୍ତ୍ରୀଲୋକଙ୍କ ଉପର ଦେଇ ଦେଖିବାକୁ ଚେଷ୍ଟା କରୁଛନ୍ତି। ସେ ମୋ ପାଇଁ ଜଣେ ଅପରିଚିତା ଅଟନ୍ତି। ମାତ୍ର ସେ ପ୍ରକୃତରେ ଅଧୀର ଅଟନ୍ତି। ମୁଁ ତାଙ୍କୁ ଜାଣେ ନାହିଁ। ମୁଁ ମୋ ଜୀବନରେ, ତାଙ୍କୁ କଦାପି ଦେଖି ନାହିଁ। ମାତ୍ର ପରମେଶ୍ୱର ତାଙ୍କୁ ଜାଣନ୍ତି, ଏବଂ ସେ ଠିକ ବର୍ତ୍ତମାନ ହିଁ ଏହା ହୃଦୟଙ୍ଗମ କରିଛନ୍ତି ଯେ ସେ କୌଣସି ବିଷୟ ସହିତ ସମ୍ପର୍କରେ ଅଛନ୍ତି। ଆପଣ ସେଠାରେ କୌଣସି କାରଣରୁ ପ୍ରାର୍ଥନା କରୁଅଛନ୍ତି। ଆପଣଙ୍କର ସେହି ଅବସ୍ଥାରେ ରହିବାର କାରଣ ହେଉଛି, ଯେ ଆପଣ ଆଜି ରାତିରୁ ଅଧିକ ସମୟ ରହିପାରନ୍ତି ନାହିଁ। ଆପଣଙ୍କୁ ନିଶ୍ଚିତରେ ସଭା ଛାଡି ଯିବାକୁ ଅଛି। ଆସନ୍ତାକାଲି, ଆପଣ ନିଜ ଘରକୁ ଯିବାର ଯୋଜନା କରୁଛନ୍ତି। ଆପଣ ଏଠାରୁ ନୁହଁନ୍ତି, କିଅବା ଆପଣ କାଲିଫର୍ଣ୍ଣିଆରୁ ମଧ୍ୟ ନୁହଁନ୍ତି। ଆପଣ ତ ଏଠାରୁ ପୂର୍ବ ଆଡକୁ ଯାଉଛନ୍ତି। ଆପଣ ବିମାନରେ ଯାଉଛନ୍ତି। ଆପଣ ବିମାନରେ ଯିବାର, ଯୋଜନା କରୁଛନ୍ତି। ଆପଣ ଓକ୍ଲାହୋମାରୁ ଆସିଛନ୍ତି। ହଁ। ତାହା ଠିକ୍ ଅଟେ।

188 ଆପଣ ମଧ୍ୟ ଏକ ମରଣଶୀଳ ଅବସ୍ଥାରେ ଅଛନ୍ତି। ଆପଣ ଏଠାରେ ପ୍ରାର୍ଥନା କରାଇବା ହେତୁ ଆସିଛନ୍ତି। ଆପଣଙ୍କ ପାଖରେ ଏକ ପ୍ରାର୍ଥନା କାର୍ଡ ନାହିଁ। ମାତ୍ର ଆପଣ ବିଶ୍ୱାସ କରିଥିଲେ ଯେ ଆପଣ ସୁସ୍ଥ ହେବାକୁ ଯାଉଛନ୍ତି, ଯଦି ଆପଣ କେବଳ ଏଠାକୁ ପହଞ୍ଚି ପାରିବେ। ତାହା ଠିକ୍ ଅଟେ। ଆହୁରି ମଧ୍ୟ, ଆପଣଙ୍କର ଅବସ୍ଥା କର୍କଟ ଅଟେ। ସେହି କର୍କଟଟି ହାଡରେ ଅଟେ। କଅଣ ଆପଣ ବିଶ୍ୱାସ କରନ୍ତି ଯେ ଆପଣ ବର୍ତ୍ତମାନ ହିଁ ସୁସ୍ଥ ହେବାକୁ ଯାଉଛନ୍ତି? କଅଣ ଆପଣ ବିଶ୍ୱାସ କରନ୍ତି ଯେ ଆପଣ ବର୍ତ୍ତମାନ ତାହାଙ୍କ ସହିତରେ ସମ୍ପର୍କରେ ଅଛନ୍ତି, ମୋ ଭଉଣୀ? ବୋଧହୁଏ ପରମେଶ୍ୱର ମୋତେ କହିବେ ଯେ ଆପଣ କିଏ ଅଟନ୍ତି, ତେବେ କଅଣ ତାହା ଆପଣଙ୍କୁ ସାହାଯ୍ୟ କରିବ କି? ଯଦି ଏହା ଅଟେ, ତାହାହେଲେ ଆପଣ ନିଜର ହାତ ଉଠାନ୍ତୁ ଯଦି ଆପଣ ତାହା ବିଶ୍ୱାସ କରନ୍ତି, ଯେ (ପରମେଶ୍ୱର) ଏହା ଆପଣଙ୍କୁ ସାହାଯ୍ୟ କରିବ। ଠିକ୍ ଅଛି, ଶ୍ରୀମତୀ ଷ୍ଟିଲ୍, ଆପଣ ଓକ୍ଲାହୋମାକୁ ଫେରି ଯାଇପାରନ୍ତି।

ମୁଁ ସେହି ସ୍ତ୍ରୀଲୋକଙ୍କୁ ଜାଣେ ନାହିଁ । ମୁଁ ତାଙ୍କୁ କେବେ ଦେଖି ବି ନାହିଁ ।

189 ଠିକ ଏଠାରେ ପଛରେ ପଛରେ ତାଙ୍କ ପଛରେ ଜଣେ ମହିଳା ବସିଛନ୍ତି । ସେ ଭାରିକୋଜ୍ ଶିରାର ରୋଗରେ ପୀଡିତ ଅଟନ୍ତି । ଏବଂ ତାଙ୍କର ମଧ୍ୟ ଏକ ପୁତ୍ର ଅଛି ଯିଏକି ଜଣେ ମଦ୍ୟପ, ଏବଂ ସେ ତାଙ୍କ ପାଇଁ ପ୍ରାର୍ଥନା କରୁଛନ୍ତି । ଯଦି ସେ ବିଶ୍ୱାସ କରିବେ, ସେ ସୁସ୍ଥ ହୋଇପାରନ୍ତି । ଶ୍ରୀମତୀ ମେସନ୍, କଅଣ ଆପଣ ନିଜର ସମସ୍ତ ହୃଦୟ ସହିତ ବିଶ୍ୱାସ କରିବେ କି ଏବଂ ଏହା ବିଶ୍ୱାସ କରିବେ ଯେ ଯୀଶୁ ଖ୍ରୀଷ୍ଟ ଆପଣଙ୍କୁ ଆରୋଗ୍ୟତା ପ୍ରଦାନ କରିବେ? ଆପଣ କରିବେ କି?

ଠିକ ଅଛି, ତାହାହେଲେ ସେଠାରେ ଠିକ ଆପଣଙ୍କ ପାଖରେ ବସିଥିବା ସେହି ମହିଳାଙ୍କ ଉପରେ ନିଜର ହାତକୁ ରଖନ୍ତୁ, ସେ ନିଜର ସ୍ୱାମୀଙ୍କ ପାଇଁ ପ୍ରାର୍ଥନା କରୁଛନ୍ତି ଯିଏକି ଉଦ୍ଧାରପ୍ରାପ୍ତ ନୁହଁନ୍ତି । ପରମେଶ୍ୱର ଆରୋଗ୍ୟତାକୁ ପ୍ରଦାନ କରିବେ ।

ଆସନ୍ତୁ ଆମେମାନେ ପ୍ରାର୍ଥନା କରିବା ।

190 ପ୍ରିୟ ପରମେଶ୍ୱର, ମୁଁ ପ୍ରାର୍ଥନା କରୁଛି ଯେ ତୁମେ ତାଙ୍କୁ ସେହି ଆଶୀର୍ବାଦ ପ୍ରଦାନ କରିବ । ହେ ପ୍ରଭୁ, ସେହି ସ୍ତ୍ରୀଲୋକକୁ ତାଙ୍କ ହୃଦୟର ଇଚ୍ଛାକୁ' ପ୍ରଦାନ କର । ତାଙ୍କର ବିଶ୍ୱାସ ତୁମର ଅତି ନିକଟତର ଅଟେ, ଏହା ତୁମକୁ ଛୁଇଁ ଅଛି । ଏବଂ ମୁଁ ପ୍ରାର୍ଥନା କରୁଛି, ଯେ ହେ ପିତା, ତୁମେ ଯୀଶୁଙ୍କ ନାମରେ ସାହାଯ୍ୟ କରିବ । ଆମେନ୍ ।

ବର୍ତ୍ତମାନ ନିଜର ସମସ୍ତ ହୃଦୟ ସହିତ ବିଶ୍ୱାସ କରନ୍ତୁ, ଯେ ଆପଣ ଏହାକୁ ଗ୍ରହଣ କରିଛନ୍ତି । କଅଣ ଆପଣ ତାହା କରିବେ କି? ଠିକ୍ ଅଛି । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

ହେ ମହିଳା, କଅଣ ଆପଣ ଏହା ବିଶ୍ୱାସ କରୁଛନ୍ତି ଯେ ଆପଣଙ୍କର ସ୍ୱାମୀ ଉଦ୍ଧାର ପାଇବାକୁ ଯାଉଛନ୍ତି? କଅଣ ଆପଣ ନିଜର ସମସ୍ତ ହୃଦୟ ସହିତ ବିଶ୍ୱାସ କରନ୍ତି କି? ନିଜର ହାତ ଉଠାନ୍ତୁ, ଯେ ଆପଣ କରନ୍ତି ।

191 ମୋତେ ଏପରି ଲାଗୁଛି, ଯେ ମୋ ଆଗରେ, ଜଣେ ସ୍ତ୍ରୀଲୋକ ଅଛନ୍ତି ଯାହାଙ୍କର ବହୁତ ଓଜନ ଅଛି । ସେ ସେଠାରେ ବସିଛନ୍ତି । କଅଣ ଆପଣ ମୋତେ ପରମେଶ୍ୱରଙ୍କ ସେବକ ବୋଲି ବିଶ୍ୱାସ କରନ୍ତି କି? କଅଣ ଆପଣ ମୋତେ ପରମେଶ୍ୱରଙ୍କ ସେବକ ବୋଲି ବିଶ୍ୱାସ କରନ୍ତି କି? ଆପଣ କରନ୍ତି । ଠିକ୍ ଅଛି । ମୁଁ ଆପଣଙ୍କୁ ଜାଣେ ନାହିଁ । ଆପଣଙ୍କର ଯାହା ଅସୁବିଧା ଅଛି, ତାହା ଗ୍ରନ୍ଥିଗୁଡିକରେ ଅଟେ । ଆପଣଙ୍କର ଓଜନ ଅଧିକ ଅଟେ । ଆପଣ ଜଣେ ଡାକ୍ତରଙ୍କ ନିକଟକୁ ଯାଇଥିଲେ, ସେ କହିଲେ ଯେ ସେ ଏହା ବିଷୟରେ କିଛି ହେଲେ କରିପାରିବେ ନାହିଁ, ମାତ୍ର ତାହା ଜଣେ ପାର୍ଥିବ ଡାକ୍ତର ଥିଲେ । ବୁଝିଲେ? ଆପଣଙ୍କର...ଆପଣଙ୍କର ବହୁତ ଅଧିକ ଦୁଃଖ ରହିଥିଲା । ଆପଣ ନିଜର ସ୍ୱାମୀଙ୍କୁ ହରାଇଛନ୍ତି । ଆପଣ ଏଠାରୁ ନୁହଁନ୍ତି । ଆପଣ ପ୍ରକୃତରେ ଆର୍କାନ୍ସାସ୍‌ରୁ ଆସିଛନ୍ତି । ଆପଣ ଚାକିରି ମଧ୍ୟ, ଖୋଜୁଛନ୍ତି, ଏବଂ ଆପଣ ଚାକିରି ଖୋଜି ପାଇ ପାରିନାହାଁନ୍ତି । ଆପଣ ଭୟ

କରୁଥିଲେ ଯେ, କିଛି ଗୋଟାଏ ବିଷୟ, ଆପଣଙ୍କୁ ଡକାଯିବ ନାହିଁ । ମାତ୍ର ଆପଣଙ୍କର ବିଶ୍ୱାସ ବର୍ତ୍ତମାନ ପରମେଶ୍ୱରଙ୍କୁ ସ୍ପର୍ଶ କରିଅଛି । ମୋତ ଭଉଣୀ, ଆପଣ ଯାଆନ୍ତୁ, ବିଶ୍ୱାସ କରନ୍ତୁ । ପରମେଶ୍ୱର ଆପଣଙ୍କୁ ଏକ ଚାକିରି ଦିଅନ୍ତୁ, ଆପଣଙ୍କୁ ଆପଣଙ୍କର ହୃଦୟର ଇଚ୍ଛା ପ୍ରଦାନ କରନ୍ତୁ ।

ପରମେଶ୍ୱର ତାହାଙ୍କର ବାକ୍ୟକୁ ସତ୍ୟ ବୋଲି ପ୍ରମାଣ କରନ୍ତି । କଅଣ ଆପଣ ତାହା ସେହିପରି ଅଟେ ବୋଲି ବିଶ୍ୱାସ କରନ୍ତି କି? ତେବେ ମୁଁ ଚାହେଁ ଯେ ଆପଣ ପୁନର୍ବାର ମୋ ସହିତ ପ୍ରାର୍ଥନା କରନ୍ତୁ ।

192 ପିତା ପରମେଶ୍ୱର, ତୁମେ ସେହି ସମାନ ପରମେଶ୍ୱର ଅଟ ଯାହାଙ୍କୁ ପ୍ରମାଣ କରାଯାଇଅଛି । ଯେତେବେଳେ ତୁମେ କହିଲ, "ସେହି ଝିଅଟି ମରି ନାହିଁ, ସେ ଶୋଇ ଅଛି," ତେବେ ତୁମକୁ ଏହା ପ୍ରମାଣ କରିବାକୁ ପଡିଥିଲା । ତେବେ, ତୁମେ ପ୍ରତିଜ୍ଞା କରିଅଛ, ଯେ ଠିକ ସେହି ଶେଷ ସମୟ ଆସିବା ପୂର୍ବରୁ, ଯେ ମନୁଷ୍ୟପୁତ୍ର ଆପଣାକୁ ଠିକ ସେପ୍ରକାରେ ପ୍ରକଟ କରିବେ ଯେପରି ସେ ସଦୋମରେ କରିଥିଲେ । ହେ ପ୍ରଭୁ, ତୁମେ ଏହା ପ୍ରତିଜ୍ଞା କରିଥିଲ । ବର୍ତ୍ତମାନ ତୁମେ ପବିତ୍ରଆତ୍ମା ରୂପରେ, ପୃଥିବୀକୁ ଆସିଅଛ, ଏବଂ ଆଜି ରାତି, ଆମେ ବିଶ୍ୱାସ କରୁଥିବା ଲୋକମାନଙ୍କ, ଗହଣରେ ଆସିଅଛ, ଏବଂ ଏହାକୁ ପ୍ରମାଣ କରିଅଛ । ତୁମେ ତୁମର ବାକ୍ୟକୁ ଠିକ ସେହିପରି ଭାବରେ ପ୍ରମାଣ କରିଅଛ ଯେପରି ତୁମେ ତାହା ସେଦିନ କରିଥିଲ । ହେ ପ୍ରଭୁ, ଆମକୁ ଆଉ କୌଣସି ପ୍ରମାଣ ଦରକାର ନାହିଁ । ତୁମେ ଆମ ଗହଣରେ ଅଛ । ଆମେ ତୁମକୁ ପ୍ରେମ କରୁ । ଏବଂ ଆମେ ହୃଦୟଙ୍ଗମ କରୁ ଯେ ଶାସ୍ତ୍ର ଅନୁଯାୟୀ, ତୁମର ଆଗମନର ଠିକ ପୂର୍ବରୁ ଏହାହିଁ ସେହି ଶେଷ ଚିହ୍ନ ଅଟେ । ଏବଂ ସମସ୍ତ ଛାୟା ଓ ପ୍ରତିରୂପଗୁଡିକ କେବେବି ବିଫଳ ହୁଏ ନାହିଁ । ସେମାନଙ୍କୁ ସକାରାତ୍ମକ ହେବାକୁ ଅଛି ।

193 ତେଣୁକରି ହେ ପିତା, ଆମେମାନେ ପ୍ରାର୍ଥନା କରୁଛୁ, ଯେତେବେଳେକି ତୁମର ସନ୍ତାନମାନେ ବର୍ତ୍ତମାନ ପ୍ରାର୍ଥନା କରାଇବାକୁ ଆସନ୍ତି, ଯେ ପ୍ରତ୍ୟେକ ଜଣ ସୁସ୍ଥ କରାଯିବେ । ଏହା ହେଉ ଯେ ଏହି ଆରୋଗ୍ୟ ସେବାର ଶେଷରେ, ଆମ ମଧ୍ୟରେ କେହି ଜଣେ ହେଲେ ବି ଅସୁସ୍ଥ ବ୍ୟକ୍ତି ନ ରୁହନ୍ତୁ । ହେ ପ୍ରିୟ ପରମେଶ୍ୱର, କଅଣ ଆପଣ ବର୍ତ୍ତମାନ ନିଜର ଲୋକମାନଙ୍କ ଉପରେ ନିଜର ଅଭିଷେକକୁ ଏତେ ଦୟା ସହକାରେ ଆସିବାକୁ ଦେବେ କି, ଯେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଜଣ ସୁସ୍ଥ ହୋଇପାରନ୍ତି ।

194 ଏବଂ ଯଦି ଏଠାରେ ଏପରି କେହି ଅଛନ୍ତି, ଯିଏକି ଏଯାଏଁ ତୁମର ସନ୍ତାନ ହୋଇ ନାହାଁନ୍ତି, ଏବଂ ଏହି ଜିନିଷଗୁଡିକର ଆଧାରରେ, ଯେ...ସେମାନେ ବାକ୍ୟକୁ ଶୁଣିଛନ୍ତି ଏବଂ ସେହି କାର୍ଯ୍ୟଟି ସାଧନ କରାଯାଇଥିବାର ଦେଖିଛନ୍ତି, ଠିକ୍ ସେହି ଅକ୍ଷର ପର୍ଯ୍ୟନ୍ତ ପ୍ରମାଣିତ କରାଯାଇଥିବାର ଦେଖିଛନ୍ତି, ଏବଂ ତୁମେ କିଏ ଏବଂ ତୁମେ କଅଣ ଅଟ, ଯେ ତୁମେ ଏଠାରେ ଅଛ ତାହା ଦେଖିଛନ୍ତି ।

195 ଏବଂ, ପ୍ରଭୁ, କଅଣ ତୁମେ—କଅଣ ତୁମେ ଏକ ମିଥ୍ୟାକୁ ଆଶୀର୍ବାଦ କରିବ କି? କାହିଁକି,

ନିଶ୍ଚିତରେ ନୁହେଁ, ପ୍ରଭୁ । ମାତ୍ର ତୁମେ ତୁମର ବାକ୍ୟକୁ ଆଶୀର୍ବାଦ କରିବ ବୋଲି ପ୍ରତିଜ୍ଞା କରିଛ, ଏବଂ ଏହା ଶୂନ୍ୟ ହୋଇ ଫେରିଯିବ ନାହିଁ । ଏହା ଯେଉଁ ବିଷୟ ପାଇଁ ଉଦ୍ଦିଷ୍ଟ ଥିଲା ତାହାକୁ ଏହା ପୂରଣ କରିବ । ଏବଂ ବର୍ତ୍ତମାନ ଆଜି ରାତିରେ, ତୁମେ ଆମ ଆଗରେ ତାହା ସାଧନ କରିଅଛ, କୌଣସି ସନ୍ଦେହର ଛାୟା ବିନା ।

196 ଏବଂ ଆମର ମସ୍ତକଗୁଡିକ ନତ ଥାଇ, କଅଣ ଏଠାରେ ଏପରି କେହି ଲୋକମାନେ ଅଛନ୍ତି କି ଯେଉଁମାନେ ଆଗରୁ ବିଶ୍ୱାସ କରି ନାହାଁନ୍ତି, ଯେଉଁମାନେକି କେବଳ ନିଜର ହାତକୁ ଉଠାଇବାକୁ ଚାହିଁବେ କି? ନିଜର ମସ୍ତକ ନତ ଥାଇ, କେବଳ ନିଜର ହାତକୁ ଉଠାନ୍ତୁ । ଏବଂ ନିଜ ପାଦରେ ଠିଆ ହୁଅନ୍ତୁ ଏବଂ କୁହନ୍ତୁ, "ମୁଁ ବର୍ତ୍ତମାନ ମୋର ସମସ୍ତ ହୃଦୟ ସହିତ, ବିଶ୍ୱାସ କରେ । ଏବଂ ମୁଁ ଠିକ ବର୍ତ୍ତମାନ ହିଁ, ଯୀଶୁ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବାକୁ ଚାହେଁ ।" କଅଣ ଆପଣ ତାହା କରିବେ କି, କୌଣସି ବି ଲୋକ, ଏଠାରେ ଥିବା ଯେକୌଣସି ଲୋକ, ଯିଏକି ଏଯାଏଁ ଖ୍ରୀଷ୍ଟଙ୍କୁ ଗ୍ରହଣ କରିନାହାଁନ୍ତି, ଏବଂ ଏହି ସମୟରେ ଏହା କରିବାକୁ ଚାହାଁନ୍ତି? ମୁଁ ଆପଣମାନଙ୍କୁ କହିବି ନାହିଁ...ଆପଣ ନିଜର ମନ ପସନ୍ଦର ମଣ୍ଡଳୀକୁ ଯାଆନ୍ତୁ । ମାତ୍ର ମୁଁ ଆପଣଙ୍କୁ ଯୀଶୁ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବା ପାଇଁ କହୁଅଛି ଯେତେବେଳେକି ଆପଣ... ଆପଣ ବୋଧହୁଏ କେବେବି ତାହାଙ୍କର ଏତେ ନିକଟତର ହେବେ ନାହିଁ ଯେପର୍ଯ୍ୟନ୍ତକି ଆପଣ ତାହାଙ୍କୁ ବ୍ୟକ୍ତିଗତ ଭାବରେ ଦେଖିବେ ନାହିଁ ଯେତେବେଳେ ସେ ସ୍ୱର୍ଗରୁ ତାହାଙ୍କର ଦୃଶ୍ୟମାନ ଶରୀରରେ ଆସନ୍ତି । ତେବେ କଅଣ ଆପଣ ବର୍ତ୍ତମାନ ତାହାଙ୍କୁ ଗ୍ରହଣ କରିବେ କି ଯଦି ଆପଣ ଏହାକୁ ଆଗରୁ କରିନାହାଁନ୍ତି?

197 ଏଠାରେ କେହି ବି ଠିଆ ହୋଇ ନ ଥିବାର ଦେଖିବାର ଆଧାରରେ ମୁଁ ବିଶ୍ୱାସ କରେ ଯେ ଆପଣମାନେ ସମସ୍ତେ ଉତ୍ତମ ମନର, ଉଚିତ୍ ଜ୍ଞାନପ୍ରାପ୍ତ ଲୋକ ଅଟନ୍ତି, ଏବଂ ଏହା ହୃଦୟଙ୍ଗମ କରନ୍ତି ଯାହା ଆପଣ କରୁଅଛନ୍ତି । ଯଦି ଆପଣ ସେଠାରେ ଏହାର ତଳେ ବସିଛନ୍ତି, ତାହାହେଲେ ଆପଣ ଏହା ମନେ ରଖନ୍ତୁ, "ଯଦି ତୁମେମାନେ ମନୁଷ୍ୟ ଆଗରେ ମୋ ପାଇଁ ଲଜ୍ଜିତ ଅଟ, ତେବେ ମୁଁ ମୋ ପିତାଙ୍କ ଆଗରେ ତୁମ ପାଇଁ ଲଜ୍ଜିତ ହେବି ।" ସେଠାରେ କେହି ଜଣେ ଠିଆ ହୋଇଥିଲେ, ବୋଧହୁଏ, ହଁ, ପଛରେ, ଶ୍ରୋତାବୃନ୍ଦଙ୍କ ମଧ୍ୟରେ ।

198 ପ୍ରିୟ ପରମେଶ୍ୱର, ହୁଏତ ମୁଁ, ସେମାନଙ୍କୁ ଦେଖେ ନାହିଁ, ଯେଉଁମାନେକି ଠିଆ ହୋଇଛନ୍ତି, ସେମାନେ ତୁମକୁ ଗ୍ରହଣ କରିବାକୁ ଚାହୁଁଛନ୍ତି । ସେମାନେ ହୃଦୟଙ୍ଗମ କରନ୍ତି, ଯେ ହେ ପ୍ରଭୁ, ତାହା ଏହି ସମୟ ପର୍ଯ୍ୟନ୍ତ କରାଯାଇ ନାହିଁ, ଏବଂ ବର୍ତ୍ତମାନ ତୁମେ ଏହାକୁ ନିଶ୍ଚିତ କରିଅଛ ଏବଂ ଏହାକୁ ସେହିପରି ଅଟେ ବୋଲି ପ୍ରମାଣ କରିଅଛ । ମୁଁ ପ୍ରାର୍ଥନା କରେ, ଯେ ହେ ପିତା, ସେମାନଙ୍କ ହୃଦୟରେ, ଯେଉଁମାନେକି ଏହି ସମୟରେ ଅଦ୍ଭୁତ ଭାବରେ ଉତ୍ତେଜିତ ହୋଇଥିଲେ...ଆମେମାନେ କିପରି ଜାଣିବା ଯେ ଭିତରକୁ ଆସିବାକୁ ଥିବା ଏହି ବ୍ୟକ୍ତିଟି ସେହି ଶେଷ ଜଣକା ଅଟେ? ହୋଇପାରେ ଯେ ଏହା ଲସ୍ ଆଞ୍ଜେଲସ୍ ପାଇଁ ସେହି ଶେଷ ଅଟେ । ଏହା ହୁଏତ ସେହି ଶେଷ ପ୍ରାଣ ହୋଇପାରେ ଯାହାକି ରାଜ୍ୟ ମଧ୍ୟକୁ ଜନ୍ମ

ହେବ । ଆମେମାନେ ଜାଣିନାହୁଁ ଯେ ସେହି ସମୟ କେବେ ଆସିବ । ଏବଂ ଯେତେବେଳେ ଏହା ହେବ, ସେହି ଦ୍ୱାରଟି ବନ୍ଦ ହୋଇଯିବ, ସେହି ଶରୀରଟି ସମ୍ପୂର୍ଣ୍ଣ ହୋଇଯିବ । ଏହା କୌଣସି ଅପଙ୍ଗ ଦେହ କିମ୍ବା ଅପଙ୍ଗ କନ୍ୟା ହେବ ନାହିଁ । ଏଥିରେ ତ କେବଳ ଏତେ ଅଧିକ ସଦସ୍ୟମାନ ରହିବେ ଯାହାଙ୍କର ନାମଗୁଡିକ ଜଗତର ପତ୍ତନାବଧି ପୂର୍ବରୁ ମେଷଶାବକଙ୍କ ଜୀବନପୁସ୍ତକରେ ରଖାଯାଇଥିଲା, ଯାହାକୁ ଗ୍ରହଣ କରିବା ପାଇଁ ଯୀଶୁ ଅସିଥିଲେ, ଯେପରିକି ଆଦମ, ନିଜ ସ୍ତ୍ରୀକୁ ବଞ୍ଚାଇବା ପାଇଁ ଠିକ ବାହାରକୁ ଚାଲି ଯାଇଥିଲେ । ହେ ପରମେଶ୍ୱର, ମୁଁ ପ୍ରାର୍ଥନା କରୁଛି, ଯେ ତୁମେ ସେମାନଙ୍କୁ ବର୍ତ୍ତମାନ ତୁମ ରାଜ୍ୟରେ ଗ୍ରହଣ କରିବ । ସେମାନେ ତୁମ ହସ୍ତରେ ଅଛନ୍ତି । ପ୍ରଭୁ, ସେମାନଙ୍କ ସହିତ ବ୍ୟବହାର କର, ମୁଁ ଯୀଶୁଙ୍କ ନାମରେ ପ୍ରାର୍ଥନା କରେ । ଆମେନ୍ ।

199 ପରମେଶ୍ୱର ଆପଣ ଠିଆ ହୋଇଥିବା ପ୍ରତ୍ୟେକ ଜଣଙ୍କୁ ଆଶୀର୍ବାଦ କରନ୍ତୁ । ମୁଁ ଜାଣି ନ ଥିଲି ଯେ ଆପଣମାନଙ୍କ ମଧ୍ୟରୁ କେତେଜଣ ଠିଆ ହୋଇଛନ୍ତି । କେତେଜଣ ପଛରେ ଠିଆ ହୋଇଥିଲେ, କେତେଜଣ ବାଲକୋନୀରେ ଥିଲେ । ତେବେ ମୁଁ ଚାହେଁ ଯେ ଆପଣମାନେ ମୋ ପାଇଁ ଗୋଟିଏ କାମ କରନ୍ତୁ । ଦୟାକରି ମୋତେ ବୁଝନ୍ତୁ । ଗୀର୍ଜା ଶେଷ ହେବା ପରେ, ଏଠାରେ କୌଣସି ସେବକଙ୍କୁ ଭେଟି ସେମାନଙ୍କ ସହିତ କଥାବାର୍ତ୍ତା କରନ୍ତୁ । କଅଣ ଆପଣ ତାହା କରିବେ କି? ଏହାକୁ ବିଫଳ ହେବାକୁ ଦିଅନ୍ତୁ ନାହିଁ । ଯଦି ଆପଣ କେବେବି ଖ୍ରୀଷ୍ଟିଆନ ବାପ୍ତିସ୍ମରେ ବାପ୍ତିଜିତ ହୋଇ ନାହାଁନ୍ତି, ତାହହେଲେ ପରବର୍ତ୍ତୀ ବିଷୟ ତାହା କରନ୍ତୁ, ଏବଂ ତାହାପରେ ଆପଣମାନେ ନିଜର ହାତ ଉତ୍ତୋଳନ କରି ଛିଡା ହୋଇ ରୁହନ୍ତୁ ଯେପର୍ଯ୍ୟନ୍ତକି ଆପଣ ପବିତ୍ରଆତ୍ମା ପାଇ ନ ଯାଆନ୍ତି ।

200 ତେବେ, ଏବଂ ଅନେକ ଲୋକମାନଙ୍କ ପାଖରେ ଏଠାରେ ପ୍ରାର୍ଥନା କାର୍ଡ ଅଛି । ଆମେମାନେ ସେମାନଙ୍କୁ ଠିଆ ହେବା ପାଇଁ, ଏବଂ ଏଠାକୁ ଆସିବା ପାଇଁ କହିବାକୁ ଯାଉଅଛୁ, ଏବଂ ମୁଁ ଭାବୁଛି ଏପାରିକୁ ଚାଲିକରି ଆସନ୍ତୁ । କିଅବା ମୋତେ ଆସିବାକୁ ହେବ କି...[ଜଣେ ଭାଇ କୁହନ୍ତି, "ନା ।"—ସମ୍ପା ।] ମୁଁ ସକ୍ଷମ ନୁହେଁ । ["ଏହି ପାର୍ଶ୍ୱରୁ ଏପଟକୁ ଆସି ଯାଆନ୍ତୁ ।"] ଏହି ପାର୍ଶ୍ୱରୁ ଏପଟକୁ, ଏହି ପଥ ଦେଇ ବାହାରି, ଏପଟକୁ ଆସି ଯାଇପାରନ୍ତି, ସେହି ଲୋକମାନେ ଯେଉଁମାନଙ୍କ ପାଖରେ ପ୍ରାର୍ଥନା କାର୍ଡ ଅଛି ।

201 ଏବଂ ବର୍ତ୍ତମାନ ଯଦି ଆପଣମାନଙ୍କ ମଧ୍ୟରୁ ଏପରି କେହି ଅଛନ୍ତି ଯାହାଙ୍କୁ ଯିବାକୁ ପଡିବ, ତାହାହେଲେ ଏହା...ମୁଁ ବିଳମ୍ବ କରିଛି । ମୋତେ କ୍ଷମା କରିବେ । ଆସନ୍ତାକାଲି ରାତିରେ ମୁଁ ଟିକିଏ ଅଧିକ ଭଲ କରିବାକୁ ଚେଷ୍ଟା କରିବି । ସେଠାରେ...କାନ୍ଥରେ ଥିବା ଘଣ୍ଟାରେ, ତାହା ଦଶଟା ବାଜି ଦଶ ମିନିଟ୍ ହେଲାଣି । ଆଜି ରାତିରେ ଆପଣମାନଙ୍କ ଉପସ୍ଥିତି ପାଇଁ ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ, ଏବଂ ସ୍ୱର୍ଗର ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ଯଦି ଆପଣ ଏଠାରେ ରହି ପ୍ରାର୍ଥନା ପଂକ୍ତିକୁ ଦେଖିବାକୁ ଚାହାଁନ୍ତି, ଆପଣଙ୍କର ସର୍ବଦା ସ୍ୱାଗତ ଅଛି । ମାତ୍ର ଆମେମାନେ ବର୍ତ୍ତମାନ ରୋଗୀମାନଙ୍କ ପାଇଁ ପ୍ରାର୍ଥନା ଆରମ୍ଭ କରିବାକୁ

ଯାଉଅଛୁ, ଏବଂ ମୁଁ ଆପଣଙ୍କୁ ଧରି ରଖିବାକୁ ଚାହେଁ ନାହିଁ ଯଦି ଆପଣ ରହିବାକୁ ନ ଚାହାଁନ୍ତି । ଆପଣଙ୍କୁ ପ୍ରଭୁ ଯୀଶୁଙ୍କ ନାମରେ ବିସର୍ଜିତ କରାଯାଉଅଛି । ପରମେଶ୍ୱରଙ୍କ ଶାନ୍ତି ଆପଣଙ୍କ ସହିତ ଯାଉ ଏବଂ ଆପଣଙ୍କୁ ଆଶୀର୍ବାଦ କରୁ, ଏବଂ ରାତିସାରା, ଆପଣଙ୍କ ଶରୀରକୁ ବିଶ୍ରାମ ଦେଉ, ଏବଂ ଆପଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରୁ ଯେପରିକି ଆପଣ ଆସନ୍ତାକାଲି ରାତି ପୁନର୍ବାର ଫେରି ଆସିପାରନ୍ତି । ପରମେଶ୍ୱର ବର୍ତ୍ତମାନ ଆପଣଙ୍କ ସହିତରେ ରୁହନ୍ତୁ ।

202 ଏବଂ ସେମାନେ ଯେଉଁମାନଙ୍କ ପାଖରେ ପ୍ରାର୍ଥନା କାର୍ଡ ଅଛି ସେମାନେ ବର୍ତ୍ତମାନ ପ୍ରାର୍ଥନା ପାଇଁ ଛିଡା ହୋଇଯାଆନ୍ତୁ, ଯେତେବେଳେକି ଆମେମାନେ ସାର୍ବଭୌମିକ ଭାବେ ଲୋକମାନଙ୍କ ପାଇଁ ପ୍ରାର୍ଥନା କରୁଅଛୁ । ତେବେ ଆମେମାନେ ଚାହୁଁ ଯେ ଆପଣ ଜାଣନ୍ତୁ, ବର୍ତ୍ତମାନ, ଆପଣମାନେ ଯେଉଁମାନେକି ପ୍ରାର୍ଥନା କାର୍ଡ ସହିତ ଠିଆ ହୋଇଛନ୍ତି, କଅଣ ଆପଣଙ୍କ ଜୀବନରେ କୌଣସି ସନ୍ଦେହ ଅଛି କି? କଅଣ ଆପଣଙ୍କ ଜୀବନରେ, ମୋତେ କ୍ଷମା କରନ୍ତୁ, ଏପରି କୌଣସି ପାପ ଅଛି କି ଯାହା ଆପଣ ସ୍ୱୀକାର କରି ନାହାଁନ୍ତି? ଯଦି ଅଛି, ତାହାହେଲେ ମୋତେ ଆପଣଙ୍କୁ ଏହା ପଚାରିବାକୁ ଦିଅନ୍ତୁ । ନିଜ ହୃଦୟରେ ଅସ୍ୱୀକୃତ ପାପ ସହିତ ପ୍ରାର୍ଥନା ପଂକ୍ତିକୁ ଆସନ୍ତୁ ନାହିଁ । କାରଣ, ଆପଣଙ୍କୁ ନିଶ୍ଚିତରେ…ଏହା ସନ୍ତାନମାନଙ୍କର ରୁଟି ଅଟେ, ଦେଖନ୍ତୁ । ଏବଂ ଯଦି ଆପଣ ଜଣେ ଖ୍ରୀଷ୍ଟିଆନ ନୁହଁନ୍ତି, ତାହାହେଲେ ପ୍ରାର୍ଥନା ପଂକ୍ତିରେ, ନିଜର ଜୀବନକୁ ଖ୍ରୀଷ୍ଟଙ୍କ ନିକଟରେ ସମର୍ପଣ କରି ଦିଅନ୍ତୁ, ତାହାପରେ ଆସନ୍ତୁ । ଏହା ବିଶ୍ୱାସୀଙ୍କ ପାଇଁ ଅଟେ । କଅଣ ଆପଣ ଏହା କରିବେ କି? ତାହାଙ୍କୁ ପ୍ରଥମେ ନିଜର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରନ୍ତୁ, ଏବଂ ତାହାପରେ ପ୍ରାର୍ଥନା କରାଇବା ପାଇଁ, ପ୍ରଚାରମଞ୍ଚର ଆରପାରିକୁ ଆସନ୍ତୁ ।

203 ବର୍ତ୍ତମାନ ମୁଁ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ପ୍ରାର୍ଥନା କରିବାକୁ ଯାଉଅଛି; କେବଳ କୌଣସି ପ୍ରକାରର ଏକ ନୀତି ଦିନିଆ କାମ ପରି, ସେମାନଙ୍କୁ ଅତିକ୍ରମ କରି ଯିବି ନାହିଁ । ଆମେମାନେ ବର୍ତ୍ତମାନ ଏକ ମଣ୍ଡଳୀରେ ଅଛୁ । ମୁଁ ଭାବୁଛି ଭଉଣୀ ୱାଏଟ୍ ଆମମାନଙ୍କୁ ଏକ କାରଣ ଦେଇଛନ୍ତି ଯେ ଆମେମାନେ ଏଠାରେ ରହି ପ୍ରାର୍ଥନା କରିପାରୁ । [ଜଣେ ଭାଇ କୁହନ୍ତି, "ହଁ, ରାତିସାରା, ଯେତେ ସମୟ ଆପଣ ଚାହାଁନ୍ତି ।"—ସମ୍ପା ।] ଆମେମାନେ ଯେତେ ସମୟ ଚାହୁଁ ସେତିକି ସମୟ ରହିପାରୁ । ଏବଂ ଆମକୁ ତାହା କରିବାକୁ ଦେଇଥିବାରୁ, ମୁଁ ଭଉଣୀ ୱାଏଟ୍ ଏବଂ ଏଠାରେ ଥିବା କର୍ମଚାରୀମାନଙ୍କୁ ଧନ୍ୟବାଦ ଦେଉଅଛି । ପରମେଶ୍ୱର ତାଙ୍କୁ ଆଶୀର୍ବାଦ କରନ୍ତୁ । ତାଙ୍କ ସାହାସିକ ସ୍ୱାମୀ ଏହି ପ୍ରଚାରମଞ୍ଚରେ ଠିଆ ହୋଇ, ମୃତ୍ୟୁବରଣ କରିବା ପର୍ଯ୍ୟନ୍ତ, ଅସୁସ୍ଥ ଲୋକମାନଙ୍କ ପାଇଁ ପ୍ରାର୍ଥନା କରିଥିଲେ, ଯେତେ ଦୂର ମୁଁ ଜାଣିଛି, କ୍ରୁଶର ଜଣେ ପ୍ରକୃତ ସୈନିକ ଥିଲେ । ଏବଂ ବର୍ତ୍ତମାନ ମୁଁ ସେହି ସମାନ କାର୍ଯ୍ୟକୁ କରିବାକୁ, ଏହି ଲୋକମାନଙ୍କୁ ଆଶୀର୍ବାଦ କରିବାକୁ ନିରନ୍ତର ଚେଷ୍ଟା କରୁଅଛି ।

204 ଏବଂ ବର୍ତ୍ତମାନ ମୁଁ ପ୍ରାର୍ଥନା କରୁଛି ଯେ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ଯିଏକି ଏଠାରେ ଏପାରିକୁ ଆସନ୍ତି…ଆପଣ ଚାହୁଁଥିବା ଏପରି କୌଣସି ବିଷୟକୁ ଆପଣଙ୍କୁ ସ୍ୱୀକାର

କରିବାକୁ ପଡିବ ନାହିଁ । ଆପଣଙ୍କୁ ନିଜ ସହିତ ଘଟିଥିବା ଏପରି କୌଣସି ଭୁଲ୍ ବିଷୟକୁ କହିବାକୁ ପଡିବ ନାହିଁ । କେବଳ ଆସନ୍ତୁ ଏବଂ ମୁଁ ଆପଣଙ୍କ ପାଇଁ ପ୍ରାର୍ଥନା କରିବି, ଏବଂ ବିଶ୍ୱାସ କରନ୍ତୁ ।

205 କଅଣ ଆପଣମାନେ ବିଶ୍ୱାସ କରୁଛନ୍ତି ଯେ ପରମେଶ୍ୱର ମୋତେ ଏହା କରିବା ପାଇଁ ପଠାଇଅଛନ୍ତି? ନିଜର ହାତ ଉଠାନ୍ତୁ । ପ୍ରଭୁଙ୍କର ଦୂତ କଅଣ କହିଥିଲେ ତାହା ମନେ ଅଛି କି? "ଯଦି ତୁମେ ଲୋକମାନଙ୍କୁ ତୁମଠାରେ ବିଶ୍ୱାସ କରିବା ନିମନ୍ତେ ପ୍ରବର୍ତ୍ତାଇ ପାର, ତାହାହେଲେ ପ୍ରାର୍ଥନା କରିବା ବେଳେ ନିଷ୍ପାପର ରୁହ, କୌଣସି ବି ବିଷୟ ପ୍ରାର୍ଥନା ଆଗରେ ତିଷ୍ଠି ରହିବ ନାହିଁ ।" ଏବଂ ଆପଣ ଜାଣନ୍ତି ଯେ ତାହା ସତ ଅଟେ । ଏହା ନିରନ୍ତର ଭାବରେ ନିରନ୍ତର, ପ୍ରମାଣିତ ହୋଇଅଛି ।

ବର୍ତ୍ତମାନ ମୁଁ ଆମର ଭଉଣୀ ରୋଜକୁ ପଚାରିବାକୁ ଯାଉଛି, ଯଦି ସେ ଚାହିଁବେ, ସେହି ଗୀତ ବଜାନ୍ତୁ, *କେବଳ ବିଶ୍ୱାସ କର*, କିମ୍ୱା, *ସେହି ମହାନ ଚିକିସକ ବର୍ତ୍ତମାନ ନିକଟବର୍ତ୍ତୀ*, କିମ୍ୱା ଅନ୍ୟ କିଛି ।

206 ମୁଁ ଚାହେଁ ଯେ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ବର୍ତ୍ତମାନ ମୋ ସହିତ ସହଭାଗୀତାରେ—ରେ ଆସନ୍ତୁ । କଅଣ ଆପଣମାନେ, ମଧ୍ୟ, ଆପଣ ଲୋକମାନେ ଯେଉଁମାନେକି ପ୍ରାର୍ଥନା ପଂକ୍ତିରେ ନାହାଁନ୍ତି, କଅଣ ଆପଣମାନେ ଏହି ଲୋକମାନଙ୍କ ପାଇଁ ପ୍ରାର୍ଥନା କରିବେ କି? ତେବେ, ନିଜର ହାତ ଉଠାଇବା ଦ୍ୱାରା, ସେମାନଙ୍କୁ ତାହା ପ୍ରତିଜ୍ଞା କରନ୍ତୁ, "ମୁଁ ପ୍ରାର୍ଥନା କରିବି, ଦେଖନ୍ତୁ । ଆମେମାନେ ସମସ୍ତେ ପ୍ରାର୍ଥନା କରିବା ।" ଠିକ୍ ଅଛି । ହଁ ।

ମୁଁ ଚାହେଁ ଯେ ଆପଣ କରନ୍ତୁ, ଯଦି ଆପଣଙ୍କୁ ଯିବାକୁ ପଡ଼େ, ତାହାହେଲେ ବର୍ତ୍ତମାନ ପ୍ରକୃତରେ ନୀରବତାରେ ଚାଲି ଯାଆନ୍ତୁ, ଯେପରିକି ଆମେମାନେ ପ୍ରାର୍ଥନା କରିବାବେଳେ ସେମାନେ କଷ୍ଟ ଦେବେ ନାହିଁ ।

ଭଉଣୀ, କଅଣ ଆପଣ ଏହା ବିଶ୍ୱାସ କରନ୍ତି ଯେ ଏହା ବର୍ତ୍ତମାନ ଶେଷ ହୋଇଯିବ? [ଭଉଣୀ କୁହନ୍ତି, "ମୋର ସମସ୍ତ ହୃଦୟ ସହିତରେ ।"—ସମ୍ପା ।]

ପ୍ରିୟ ପରମେଶ୍ୱର, ମୁଁ ଭଉଣୀ ଉପରେ ମୋର ହାତକୁ ରଖୁଛି, ତାଙ୍କ ଶରୀରର ପୀଡାକୁ ଧମକ ଦେଉଅଛି । ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଏହା ତାଙ୍କୁ ଛାଡି ଚାଲିଯାଉ । ଆମେନ୍ ।

ଭଉଣୀ, ଆପଣଙ୍କୁ ଆଶୀର୍ବାଦ ହେଉ ।

କଅଣ ଆପଣ ନିଜର ସମସ୍ତ ହୃଦୟ ସହିତ ବିଶ୍ୱାସ କରନ୍ତି କି? କଅଣ ଆପଣଙ୍କର ସମସ୍ତ ପାପ ସ୍ୱୀକାର କରାଯାଇଅଛି କି? ଆପଣ, ଯେତେ ଦୂର ଆପଣ ଜାଣନ୍ତି, କଅଣ ଆପଣ ନିଜର ଆରୋଗ୍ୟତାକୁ ଗ୍ରହଣ କରିବା ହେତୁ ପ୍ରସ୍ତୁତ ଅଟନ୍ତି କି?

207 ପ୍ରିୟ ପରମେଶ୍ୱର, ତୁମ ପୁତ୍ର, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ମୋର ଭଉଣୀ ଉପରେ ହାତ ରଖୁଛି, ଏବଂ ପ୍ରାର୍ଥନା କରୁଛି ଯେ ଯୀଶୁଙ୍କ ନାମରେ, ତାଙ୍କ ଶରୀରର ଦୁଃଖ ପୀଡା ଦୂର ହେଉ । ଆମେନ୍ ।

ସମସ୍ତ ପାପ ସ୍ୱୀକାର କରାଯାଇଛି, ଏବଂ କଅଣ ଆପଣ ନିଜର ଆରୋଗ୍ୟତା ପାଇଁ ପ୍ରସ୍ତୁତ ଅଟ କି? ଭାଇ, କଅଣ ଆପଣ ବିଶ୍ୱାସ କରନ୍ତି କି? [ଭାଇ କୁହନ୍ତି, "ମୁଁ ମୋର ସମସ୍ତ ହୃଦୟ ସହିତ ବିଶ୍ୱାସ କରେ ।"—ସମ୍ପା ।]

208 ପ୍ରିୟ ପରମେଶ୍ୱର, ମୁଁ ମୋ ଭାଇ ଉପରେ ନିଜର ହାତକୁ ରଖୁଛି, ଯେହେତୁ ଆମେ ଜାଣୁ ଯେ ତୁମେ ଏଠାରେ ଉପସ୍ଥିତ ଅଛ, ହେ ପ୍ରଭୁ । ମୁଁ ପ୍ରାର୍ଥନା କରୁଛି ଯେ ତୁମେ ତାଙ୍କୁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ସୁସ୍ଥ କରିବ । ଆମେନ୍ ।

ସମସ୍ତ ପାପ ସ୍ୱୀକାର କରାଯାଇଛି କି? ନା, ଆପଣ ଶୁଣିପାରନ୍ତି ନାହିଁ । କଅଣ ଆପଣ ବିଶ୍ୱାସ କରୁଛନ୍ତି ଯେ ଆପଣ ଶୁଣିବେ? [ଭଉଣୀ କୁହନ୍ତି, "ମୁଁ ବିଶ୍ୱାସ କରେ । ମାତ୍ର ମୁଁ ବଧିର ରହିଆସିଛି ।"—ସମ୍ପା ।] ଆପଣ ବିଶ୍ୱାସ କରନ୍ତି ।

ସ୍ତ୍ରୀଲୋକ ଜଣକ ବର୍ତ୍ତମାନ ବଧିର ଅଟନ୍ତି । ଆମେ ଯାଇ ଏଠାରେ ପ୍ରାର୍ଥନା କରିବା ।

209 ପ୍ରିୟ ପରମେଶ୍ୱର, ମୁଁ ପ୍ରାର୍ଥନା କରୁଛି ଯେ ତୁମେ ଆମ ଭଉଣୀକୁ ସୁସ୍ଥ କରିବ, ଏବଂ ତାଙ୍କଠାରୁ ଏହି ବଧିରତାକୁ ଦୂର କରିଦେବ । ସେ ଏକ ସର୍ବତ୍ର-ରୁଦ୍ଧ ଜଗତରେ ବସିଛନ୍ତି, ଯେଉଁଠାରେ ସେ କିଛି ଶୁଣିପାରନ୍ତି ନାହିଁ । ମୁଁ ପ୍ରାର୍ଥନା କରୁଛି ଯେ ତୁମେ ଯୀଶୁଙ୍କ ନାମ ଦେଇ, ତାଙ୍କୁ ଆରୋଗ୍ୟତା ପ୍ରଦାନ କରିବ ।

210 ମୁଁ ଲୋକମାନଙ୍କୁ ଗୋଟିଏ ମିନିଟ୍ ପାଇଁ, ନିଜର ମସ୍ତକ ନତ କରିବା ନିମନ୍ତେ କହିବାକୁ ଯାଉଅଛି । ମୁଁ ଦେଖିବାକୁ ଚାହେଁ ଯେ ତାଙ୍କ ସହିତ କଅଣ ଘଟିଲା । ତେବେ, ଦୟାକରି, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, କେହି ବି ସେମାନଙ୍କର ମୁଣ୍ଡ କିମ୍ବା ଆଖି ଉଠାଇବେ ନାହିଁ । ତେବେ, ମୁଁ ଆପଣମାନଙ୍କୁ ତାହା କରିବାକୁ ନ କହିବା ପର୍ଯ୍ୟନ୍ତ ଆପଣମାନେ ତାହା କରିବା ଉଚିତ୍ ନୁହେଁ ।

211 କଅଣ ଆପଣ ବର୍ତ୍ତମାନ ମୋ କଥା ଶୁଣି ପାରୁଛନ୍ତି କି? [ଭଉଣୀ କୁହନ୍ତି, "ଅଳ୍ପ କେତେକ ବିକୃତ ଭାବରେ ।" ଭାଇ ବ୍ରାନହାମ୍ ଥରେ ନିଜ ହାତରେ କରତାଳି ଦିଅନ୍ତି । "ମୁଁ ଆପଣଙ୍କୁ ଶୁଣିପାରେ ।"—ସମ୍ପା ।] ମୋ କଥା ଶୁଣୁଛନ୍ତି କି? ["କେତେକ ।"] ଶୁଣି ପାରୁଛନ୍ତି କି? ସେ ବର୍ତ୍ତମାନ ଶୁଣି ପାରୁଛନ୍ତି । [ଭାଇ ବ୍ରାନହାମ୍ ପୁଣି ଥରେ କରତାଳି ଦିଅନ୍ତି ।] ବୁଝିଲେ? ସେହି ଶବ୍ଦ ଶୁଣିଲ କି?

212 ବର୍ତ୍ତମାନ ଆପଣ ନିଜର ସମସ୍ତ ହୃଦୟ ସହିତ ବିଶ୍ୱାସ କରନ୍ତୁ । କଅଣ ଆପଣ କରିବେ କି? ଏବଂ ଆପଣ ବିଶ୍ୱାସ କରନ୍ତୁ, ଏବଂ ପରମେଶ୍ୱର ଆପଣଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ କରିବେ । ସେ କହିଲେ...ମୁଁ କେବଳ ପ୍ରାର୍ଥନା କଲି ଏବଂ ତାଙ୍କ କାନରେ ମୋର ହାତକୁ ଦେଇ ଦେଲି, ଏବଂ ସେ କହିଲେ ଯେ ସେ କିଛି ଶୁଣିପାରୁଛନ୍ତି । ଠିକ ଅଛି, ତେବେ କେବଳ ଆଗକୁ ବଢନ୍ତୁ, ଏହା ବିଶ୍ୱାସ କରି ଯେ ଆପଣ ସିଦ୍ଧ ଭାବରେ ଶୁଣିବାକୁ ଯାଉଛନ୍ତି, ଏବଂ ଆପଣ ଶୁଣିବେ ।

ଭଉଣୀ, କଅଣ ସମସ୍ତ ପାପ ସ୍ୱୀକାର କରାଯାଇଛି କି? [ଭଉଣୀ କୁହନ୍ତି, "ହଁ।"—ସମ୍ପା।] କଅଣ ଆପଣ ନିଜର ଆରୋଗ୍ୟତା ପାଇଁ ପ୍ରସ୍ତୁତ ଅଟନ୍ତି କି? ["ହଁ।"]

213 ପ୍ରିୟ ପରମେଶ୍ୱର, ମୁଁ ମୋ ଭଉଣୀ ଉପରେ ନିଜର ହାତକୁ ରଖୁଛି, ଏହା ଜାଣି ଯେ ଆମ ନିଜ ଭିତରେ, କୌଣସି ଉତ୍ତମ ବିଷୟ ନାହିଁ। ମାତ୍ର ଆମେ ଜାଣୁ ଯେ ଆମେମାନେ ପରମେଶ୍ୱରଙ୍କ ଆତ୍ମାଠାରୁ ଜନ୍ମିତ, ଖ୍ରୀଷ୍ଟିଆନ ଅଟୁ। ଏବଂ ଆମେ ଆମର ଭଉଣୀ ଉପରେ ହାତ ରଖି ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ତାଙ୍କ ଆରୋଗ୍ୟତା ପାଇଁ ବିନତୀ କରୁଅଛୁ। ଆମେନ୍।

214 ତେବେ କଅଣ ଆପଣ ବିଶ୍ୱାସ କରୁଛନ୍ତି ଯେ ଆପଣ ସୁସ୍ଥ ହେବାକୁ ଯାଉଛନ୍ତି? [ଭଉଣୀ କୁହନ୍ତି, "ଉତ୍ତମ।"—ସମ୍ପା।] ଠିକ ଅଛି, ତେବେ ଆପଣ—ଆପଣ ସୁସ୍ଥ କରା ଯାଇଛନ୍ତି। ତାହାହିଁ ସେହି କରିବାର ଉପାୟ ଅଟେ। ତାହା ଠିକ୍ ଅଟେ। ଠିକ୍।

215 ସମସ୍ତ ପାପ ସ୍ୱୀକାର କରାଯାଇଛି କି? [ଭଉଣୀ କୁହନ୍ତି, "ହଁ, ମହାଶୟ।"—ସମ୍ପା।] ଏବଂ କଅଣ ଆପଣ ନିଜର ଆରୋଗ୍ୟତା ପାଇଁ ପ୍ରସ୍ତୁତ ଅଟନ୍ତି କି? ["ହଁ।"] କଅଣ ଆପଣ ବିଶ୍ୱାସ କରନ୍ତି, ଯେ ହାତ ରଖିବା ଦ୍ୱାରା, ପରମେଶ୍ୱର ଯିଏକି ଲୋକମାନଙ୍କର ହୃଦୟଗୁଡିକୁ ଜାଣନ୍ତି, ଆପଣଙ୍କୁ ସୁସ୍ଥ କରିବେ? ["ମୁଁ କରେ।"]

216 ଆମମାନଙ୍କର ସ୍ୱର୍ଗସ୍ଥ ପିତା, ମୁଁ ପ୍ରାର୍ଥନା କରୁଛି ଯେ ତୁମେ ଆମ ଭଉଣୀକୁ ସୁସ୍ଥ କରିବ, ଯେତେବେଳେ ଆମେମାନେ ତାଙ୍କ ଉପରେ ନିଜର ହାତକୁ ରଖୁଅଛୁ ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଏହା ମାଗୁଅଛୁ ଯେ ତୁମେ ତାଙ୍କୁ ସୁସ୍ଥ କରିବ। ଆମେନ୍।

217 ଆପଣ କିପରି ଅଛନ୍ତି? ଅବଶ୍ୟ, ଆପଣ ଜାଣନ୍ତି ଯେ ମୁଁ ତାହା ଜାଣେ ଯେ ଆପଣଙ୍କ ସହିତ କଅଣ ସମସ୍ୟା ଅଟେ। ମାତ୍ର ମୁଁ ଏହାକୁ କେବଳ କହୁ ନାହିଁ; 'କାରଣ, ଆପଣ ଜାଣନ୍ତି, ଏହା—ଏହା କେବଳ ଆଗକୁ ଓ ଆଗକୁ ବଢି ଚାଲିଥିବ। ମାତ୍ର ଯଦି ଆପଣ ଚାହିଁବେ...କଅଣ ସମସ୍ତ ପାପ ସ୍ୱୀକାର କରାଯାଇଛି କି? [ଭଉଣୀ କୁହନ୍ତି, "ହଁ, ମହାଶୟ।"—ସମ୍ପା।] ଏବଂ କଅଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଆପଣଙ୍କୁ ସୁସ୍ଥ କରିବେ? ["ହଁ, ମହାଶୟ।"] କଅଣ ଆପଣ ବିଶ୍ୱାସ କରନ୍ତି ଯେ ସେହି ଗଣ୍ଠିବାତ...ମୁଁ ତାହା କହି ସାରିଛି।

ପ୍ରିୟ ପରମେଶ୍ୱର, ମୁଁ ପ୍ରାର୍ଥନା କରୁଛି ଯେ ତୁମେ ତାଙ୍କୁ ସାହାଯ୍ୟ କରିବ ଏବଂ ତାଙ୍କୁ ସୁସ୍ଥ କରିବ। ଯୀଶୁଙ୍କ ନାମରେ, ଏହାକୁ ପ୍ରଦାନ କର।

ଆପଣ ପଙ୍ଗୁ ହେବେ ନାହିଁ। ଯାଆନ୍ତୁ, ଆପଣା ସମସ୍ତ ହୃଦୟ ସହିତରେ ବିଶ୍ୱାସ କରନ୍ତୁ।

218 କଅଣ ଆପଣ ଏହା ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଆପଣଙ୍କୁ ସୁସ୍ଥ କରିବେ? [ଭଉଣୀ କୁହନ୍ତି, "ଆମେନ୍।"—ସମ୍ପା।] କଅଣ ସମସ୍ତ ପାପ ସ୍ୱୀକାର କରାଯାଇଛି ଏବଂ ଆପଣ ନିଜର ଆରୋଗ୍ୟତା ପାଇଁ ପ୍ରସ୍ତୁତ କି? କଅଣ ଆପଣ ବିଶ୍ୱାସ କରନ୍ତି ଯେ ଆପଣଙ୍କର ପିଠି ଠିକ୍ ହୋଇଯିବ?

ପ୍ରିୟ ସ୍ୱର୍ଗସ୍ଥ ପିତା, ମୁଁ ପ୍ରାର୍ଥନା କରୁଛି ଯେ ତୁମେ ତାଙ୍କୁ ସୁସ୍ଥ କରିବ ଏବଂ ତାଙ୍କୁ ଭଲ କରିଦେବ । ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଏହା ସେହିପରି ହେଉ । ଆମେନ୍ ।

ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭଉଣୀ । ଯାଆନ୍ତୁ, ବର୍ତ୍ତମାନ ବିଶ୍ୱାସ କରନ୍ତୁ ।

ଭଉଣୀ, କଅଣ ସମସ୍ତ ପାପ ସ୍ୱୀକାର କରାଯାଇଛି କି, କଅଣ ଆପଣ ନିଜର ଆରୋଗ୍ୟତା ପାଇଁ ପ୍ରସ୍ତୁତ ଅଟନ୍ତି କି?

ପ୍ରିୟ ପରମେଶ୍ୱର, ତାଙ୍କର ପାପଗୁଡିକ, ସେ କହୁଛନ୍ତି ଯେ, ସ୍ୱୀକାର କରାଯାଇଛି । ମୁଁ ଏହି ସ୍ତ୍ରୀଲୋକ ଉପରେ ନିଜର ହାତକୁ ରଖି, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ତାଙ୍କ ଆରୋଗ୍ୟତାକୁ ମାଗୁଅଛି । ଆମେନ୍ ।

219 କଅଣ ସମସ୍ତ ପାପଗୁଡିକ ସ୍ୱୀକାର କରାଯାଇଛି କି? ଆପଣ ନିଶ୍ଚିତରେ ଠିକ୍ ଅଟନ୍ତି, ଆପଣ ବହୁତ ଅସୁସ୍ଥ, ଆପଣ ତାହା ଜାଣିଛନ୍ତି । ଆପଣ ଜାଣନ୍ତି ଯେ ମୁଁ ଜାଣେ ଯେ ଆପଣଙ୍କ ସହିତ କଅଣ ଭୁଲ୍ ଅଟେ । ଏବଂ କଅଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଆପଣଙ୍କୁ ସୁସ୍ଥ କରିବେ, ଆପଣଙ୍କର ହୃଦୟକୁ ସୁସ୍ଥ କରିବେ ଏବଂ ଆପଣଙ୍କୁ ସମ୍ପୂର୍ଣ୍ଣ ଭାବେ ସୁସ୍ଥ କରିବେ?

ପ୍ରିୟ ପରମେଶ୍ୱର, ମୁଁ ପ୍ରାର୍ଥନା କରେ ଯେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ତୁମେ ତାଙ୍କୁ ସୁସ୍ଥ କରିବ ଏବଂ ତାଙ୍କୁ ଭଲ କରିଦେବ । ହେ ପିତା, ଯୀଶୁଙ୍କ ନାମରେ, ଏହା ତାଙ୍କୁ ଛାଡି ଚାଲିଯାଉ । ଆମେନ୍ ।

ପରମେଶ୍ୱର ଆପଣଙ୍କୁ ବର୍ତ୍ତମାନ ଆଶୀର୍ବାଦ କରନ୍ତୁ । ସନ୍ଦେହ କରନ୍ତୁ ନାହିଁ । ବିଶ୍ୱାସ କରି, ଚାଲିଯାଆନ୍ତୁ ।

ସମସ୍ତ ପାପ ସ୍ୱୀକାର କରାଯାଇଛି କି? କଅଣ ଆପଣ ଆରୋଗ୍ୟତା ପାଇଁ ପ୍ରସ୍ତୁତ କି?

ପ୍ରିୟ ସ୍ୱର୍ଗସ୍ଥ ପିତା, ମୁଁ ଆମ ଭଉଣୀ ଉପରେ ନିଜର ହାତକୁ ରଖୁଛି । ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ସେ ସୁସ୍ଥ କରା ଯାଉନ୍ତୁ । ଆମେନ୍ ।

ସନ୍ଦେହ କରନ୍ତୁ ନାହିଁ । ବିଶ୍ୱାସ କରି, ଚାଲିଯାଆନ୍ତୁ ।

ସମସ୍ତ ପାପ ସ୍ୱୀକାର କରାଯାଇଛି, କଅଣ ଆପଣ ଆରୋଗ୍ୟତା ପାଇଁ ପ୍ରସ୍ତୁତ କି?

220 ପ୍ରିୟ ସ୍ୱର୍ଗସ୍ଥ ପିତା, ମୁଁ ପ୍ରାର୍ଥନା କରୁଛି ଯେ ତୁମେ ଆମ ଭାଇକୁ ସୁସ୍ଥ କରିବ, ତାଙ୍କୁ ଭଲ କରିଦେବ । ପିତା, ଏହାକୁ ପ୍ରଦାନ କର । ମୁଁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଏହି ଉଦ୍ଦେଶ୍ୟରେ, ତାଙ୍କ ଉପରେ ନିଜର ହାତକୁ ରଖୁଛି । ଆମେନ୍ ।

ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ମୁଁ ମୋର ସମସ୍ତ ହୃଦୟ ସହିତ ଏହାକୁ ବିଶ୍ୱାସ କରେ ।

ଭଉଣୀ, କଅଣ ଆପଣ ବର୍ତ୍ତମାନ ବିଶ୍ୱାସ କରୁଛନ୍ତି କି? ସମସ୍ତ ପାପ ସ୍ୱୀକାର କରାଯାଇଅଛି ଏବଂ ଆପଣ ଆରୋଗ୍ୟତା ପାଇଁ ପ୍ରସ୍ତୁତ କି?

ପ୍ରିୟ ପରମେଶ୍ୱର, ମୁଁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଭଉଣୀ ଉପରେ ମୋର ହାତକୁ ରଖୁଛି, ଏହା ହେଉ ଯେ ସେ ତୁମର ମହିମା ପାଇଁ ସୁସ୍ଥ କରା ଯାଉନ୍ତୁ । ଆମେନ୍ ।

221 ତେବେ ଠିକ ସେହିପରି ଭାବରେ ଅନେକ ଥର, କେବଳ ଏକ ସ୍ପର୍ଶ, ଯେପରିକି ଯୀଶୁ କହିଥିଲେ, "ଯେଉଁମାନେ ବିଶ୍ୱାସ କରନ୍ତି ଏହି ଚିହ୍ନଗୁଡିକ ସେମାନଙ୍କର ଅନୁବର୍ତ୍ତୀ ହେବ । ଯଦି ସେମାନେ ରୋଗୀମାନଙ୍କ ଉପରେ ନିଜର ହାତକୁ ରଖିବେ ।" ସଭାଗୁଡ଼ିକରେ, ମୁଁ ଧ୍ୟାନ ଦେବାକୁ ଆରମ୍ଭ କରିଛି, ଯେ ଏହା ତାହା ଅପେକ୍ଷା ପଚାଶ ପ୍ରତିଶତ ଅଧିକ ଭଲ ପ୍ରଭାବ ପକାଇଥାଏ ଯେତିକି ସେତେବେଳେ କରିଥାଏ ଯେତେବେଳେ ଆପଣ ଲୋକମାନଙ୍କୁ ଧାଡ଼ିରେ ଡାକିଥାନ୍ତି, ହୃଦୟର ଗୁପ୍ତ ବିଷୟଗୁଡ଼ିକୁ ଜାଣିଥାଆନ୍ତି, 'କାରଣ ଆପଣ କେବଳ ଅଳ୍ପ କେତେ ଲୋକଙ୍କୁ ହିଁ ନେଇଥାନ୍ତି । ଏବଂ, ଏହି ଉପାୟରେ, ବହୁତ୍ ଅଧିକ ଲୋକମାନେ ସୁସ୍ଥ ହୋଇଥାନ୍ତି ।

222 କଅଣ ଆପଣ ନିଜର ଅବିଶ୍ୱାସର ସମସ୍ତ ପାପଗୁଡିକୁ ଏବଂ ସବୁକିଛିକୁ ସ୍ୱୀକାର କରିସାରିଛନ୍ତି କି? କଅଣ ଆପଣ ବର୍ତ୍ତମାନ ବିଶ୍ୱାସ କରୁଛନ୍ତି ଯେ ଆପଣ ସୁସ୍ଥ ହେବାକୁ ଯାଉଛନ୍ତି? [ଭଉଣୀ କୁହନ୍ତି, "ହଁ, ଏବଂ ଉଦ୍ଧାର ମଧ୍ୟ ।"—ସମ୍ପା ।]

ପ୍ରିୟ ପରମେଶ୍ୱର, ମୁଁ ପ୍ରାର୍ଥନା କରୁଛି ଯେ ତୁମେ ଆମ ଭଉଣୀକୁ ସୁସ୍ଥ କରିବ ଯେତେବେଳେକି ମୁଁ ତାଙ୍କ ହାତ ନେଉଅଛି ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ତାଙ୍କ ଆରୋଗ୍ୟତାକୁ ମାଗୁଅଛି । ଆମେନ୍ ।

ଭଉଣୀ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

କଅଣ ଆପଣ ବର୍ତ୍ତମାନ ବିଶ୍ୱାସ କରନ୍ତି କି? [ଭଉଣୀ କୁହନ୍ତି, "ହଁ ।"—ସମ୍ପା] କଅଣ ସମସ୍ତ ପାପ ସ୍ୱୀକାର କରାଯାଇଅଛି କି? ["ହଁ ।"]

ପ୍ରିୟ ପରମେଶ୍ୱର, ମୁଁ ଆମ ଭଉଣୀ ଉପରେ, ତାଙ୍କ ଆରୋଗ୍ୟତା ପାଇଁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ନିଜର ହାତକୁ ରଖୁଛି । ଆମେନ୍ ।

ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭଉଣୀ ।

ଏକ ଛୋଟ ଜିନିଷ ପରି ମନେହୁଏ, ମାତ୍ର ଏହା ପରମେଶ୍ୱର ଅଟନ୍ତି ଯିଏକି ଏହାକୁ ପ୍ରତିଜ୍ଞା କରିଥିଲେ ।

ପାପଗୁଡିକ ସ୍ୱୀକାର କରାଯାଇଛି କି?

ପ୍ରିୟ ପରମେଶ୍ୱର, ମୁଁ ପ୍ରାର୍ଥନା କରେ ଯେ ତୁମେ ଆମର ଏହି ଭଉଣୀକୁ ସୁସ୍ଥ କରିବ । ଯେତେବେଳେକି ମୁଁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ତାଙ୍କ ଉପରେ ହାତକୁ ରଖୁଅଛି, ଏହା ହେଉ ଯେ ସେ ଯାଆନ୍ତୁ ଏବଂ ସୁସ୍ଥ ହୁଅନ୍ତୁ । ଆମେନ୍ ।

ପାପଗୁଡିକ ସ୍ୱୀକାର କରାଯାଇଛି କି?

ପ୍ରିୟ ପରମେଶ୍ୱର, ମୁଁ ପ୍ରାର୍ଥନା କରୁଛି ଯେ ତୁମେ ଆମର ଭଉଣୀକୁ ସୁସ୍ଥ କରିବ, ଯେତେବେଳେ ମୁଁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ତାଙ୍କ ଉପରେ ହାତ ରଖୁଅଛି । ଆମେନ୍ ।

ବର୍ତ୍ତମାନ ଯେତେବେଳେ ତୁମେ ଯାନ୍ତ୍ରିକୀ ସହିତ ଆସୁଅଛ, ଏହା ହେଉ ଯେ ତାହା ସେହି ଗତିକୀକୁ ଆଘାତ କରୁ, ଏହା କାର୍ଯ୍ୟକ୍ଷମ ହେବାକୁ ଯିବ ।

ପାପଗୁଡିକ ସ୍ୱୀକାର କରାଯାଇଛି କି? [ଭଉଣୀ ଉତ୍ତର ଦିଅନ୍ତି—ସମ୍ପା ।] ଆପଣ ପ୍ରସ୍ତୁତ ଅଛନ୍ତି ।

ପ୍ରିୟ ପରମେଶ୍ୱର, ମୁଁ ପ୍ରାର୍ଥନା କରୁଛି ଯେ ତୁମେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ତାଙ୍କୁ ସୁସ୍ଥ କରିବ ଏବଂ ଭଲ କରି ଦେବ । ଆମେନ୍ ।

ଭଉଣୀ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

ସମସ୍ତ ପାପ ସ୍ୱୀକାର କରାଯାଇଛି କି? [ଭଉଣୀ କୁହନ୍ତି, "ସବୁକିଛି ।"—ସମ୍ପା ।]

ପ୍ରିୟ ପରମେଶ୍ୱର, ଯେତେବେଳେ ଏହି ସ୍ତ୍ରୀଲୋକଜଣ ମୋତେ ଆଖିରେ ଦେଖନ୍ତି, ମୁଁ ତାହା ବିଶ୍ୱାସ କରେ । ମୁଁ ପ୍ରାର୍ଥନା କରୁଛି ଯେ ତୁମେ ତାଙ୍କୁ, ଯୀଶୁଙ୍କ ନାମରେ ସୁସ୍ଥ କରିବ ।

223 ଆପଣ ଠିକ ତାଙ୍କୁ ଆଣୁଛନ୍ତି, କଅଣ ଆପଣ, ଭଉଣୀ? କଅଣ ଆପଣ ଠିକ ତାଙ୍କୁ ଆଣୁଛନ୍ତି କି? ଠିକ୍ ଅଛି । ଭଉଣୀ, କଅଣ ଆପଣ ବିଶ୍ୱାସ କରନ୍ତି, ଯେ ପରମେଶ୍ୱର ଆପଣଙ୍କୁ ସୁସ୍ଥ କରିବେ? [ଭଉଣୀ କୁହନ୍ତି, "ମୁଁ ବିଶ୍ୱାସ କରେ ଯେ ପରମେଶ୍ୱର ମୋତେ ପୁନର୍ବାର ଦୃଷ୍ଟି ଶକ୍ତି ଦେଇପାରିବେ ।"—ସମ୍ପା ।] ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

224 ସ୍ୱର୍ଗସ୍ଥ ପିତା, ତୁମେ ସର୍ବଦା ଅନ୍ଧ, ଏବଂ ଅଭାବୀମାନଙ୍କ ପ୍ରତି ଦୟାଳୁ ଅଟ । ତେବେ ସେମାନେ ତାହା ଦେଖିଛନ୍ତି ଯାହା ତୁମେ ଆଜି ରାତିରେ କରିଅଛ । ତେଣୁକରି ପ୍ରଭୁ, ଆମେ ବିଶ୍ୱାସ କରୁ, ଯେ ଏହି ମହାନ ଶେଷ ଚିହ୍ନଟି ବର୍ତ୍ତମାନ ଆମ ମଧ୍ୟରେ ବିଚରଣ କରୁଅଛି । ମୁଁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ବିନତୀ କରୁଅଛି ଯେ ଏହି ଅନ୍ଧ ସ୍ତ୍ରୀଲୋକଙ୍କ ଦୃଷ୍ଟିଶକ୍ତି ତାଙ୍କ ନିକଟକୁ ଫେରି ଆସୁ । ଆମେନ୍ ।

ତେବେ, ବର୍ତ୍ତମାନ ଆମକୁ ଖବର ଦେବ । ଏହାର ଖବର ଦେବ ।

[ଜଣେ ଭଉଣୀ ଭାଇ ବ୍ରାନହାମ୍‌ଙ୍କ ସହିତ କଥା ହୁଅନ୍ତି—ସମ୍ପା ।] ଓଃ, ହଁ, କଅଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଆପଣଙ୍କୁ ସୁସ୍ଥ କରିବେ? ["ହାଲ୍ଲେଲୁୟା!"]

ପ୍ରିୟ ସ୍ୱର୍ଗସ୍ଥ ପିତା ମୁଁ ଆମ ଭଉଣୀ ଉପରେ ମୋର ହାତକୁ ରଖୁଅଛି, ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଅନୁରୋଧ କରୁଅଛି ଯେ ତୁମେ ତାଙ୍କୁ ସୁସ୍ଥ କର । ଆମେନ୍ ।

ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭଉଣୀ । ଆସନ୍ତୁ ଆମେମାନେ ଶୁଣିବା ଯେ ଆପଣ କିପରି—ଆପଣ କିପରି ଭାବରେ ସଙ୍ଗରେ ଆସିଲେ ।

ଭଉଣୀ, କଅଣ ଆପଣ ବିଶ୍ୱାସ କରନ୍ତି କି? [ଭଉଣୀ କୁହନ୍ତି, "ହଁ, ମୁଁ କରେ ।"—ସମ୍ପା ।]

ହେ ପ୍ରିୟ ସ୍ୱର୍ଗସ୍ଥ ପିତା, ମୁଁ ଆମ ଭଉଣୀ ପାଇଁ ପ୍ରାର୍ଥନା କରୁଛି, ଏହା ବିଶ୍ୱାସ କରି ଯେ ତୁମେ ତାଙ୍କୁ ବର୍ତ୍ତମାନ ସୁସ୍ଥ କରିବ। ମୁଁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ତାଙ୍କ ଉପରେ ନିଜର ହାତକୁ ରଖୁଛି।

ତେବେ ବିଶ୍ୱାସ କର। ତାହା ଠିକ୍ ଅଟେ। କେବଳ ବିଶ୍ୱାସ କରି, ବଢି ଯାଆନ୍ତୁ।

ଭାଇ, କଅଣ ଆପଣ ବିଶ୍ୱାସ କରନ୍ତି କି? [ଭାଇ କୁହନ୍ତି, "ହଁ।"—ସମ୍ପା।] ସମସ୍ତ ପାପ ସ୍ୱୀକାର କରାଯାଇଛି କି?

ପ୍ରିୟ ପରମେଶ୍ୱର, ମୁଁ ପ୍ରାର୍ଥନା କରୁଛି ଯେ ତୁମେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଆମ ଭାଇଙ୍କୁ ସୁସ୍ଥ କରିବ ଏବଂ ତାଙ୍କୁ ଭଲ କରିଦେବ। ଆମେନ୍।

ଭଉଣୀ, କଅଣ ଆପଣ ବିଶ୍ୱାସ କରନ୍ତି?

225 ହେ ପରମେଶ୍ୱର, ମୁଁ ବିନମ୍ର ଭାବରେ, ପ୍ରାର୍ଥନା କରେ ଯେ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଏହି ଘଟିକାର ମଧୁରତା ଏବଂ ନମ୍ରତାରେ, ପବିତ୍ରଆତ୍ମା ଏହି ସ୍ତ୍ରୀଲୋକଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ କରନ୍ତୁ। [ଭଉଣୀ କୁହନ୍ତି, "ଏବଂ ମୁଁ ବିନତୀ କରୁଛି ଯେ, ମୋ ପୁଅ ପାଇଁ ପ୍ରାର୍ଥନା କରନ୍ତୁ। ମୁଁ ତାକୁ କୋଡ଼ିଏ ବର୍ଷ ହେଲାଣି ଦେଖିନାହିଁ।"—ସମ୍ପା।] ମୁଁ ପ୍ରାର୍ଥନା କରୁଛି ଭଉଣୀ, ଯେ ପରମେଶ୍ୱର ତୁମ ପୁଅକୁ ତୁମ ପାଖକୁ ପଠାଇବେ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ।

ପ୍ରିୟ ପିତା, ମୁଁ ଏଠାରେ ଆମର ଭଉଣୀ ପାଇଁ ପ୍ରାର୍ଥନା କରୁଅଛି। ପବିତ୍ରଆତ୍ମାଙ୍କ ମଧୁରତାରେ, ସେ ବର୍ତ୍ତମାନ ଆସି ଯୀଶୁଙ୍କ ନାମରେ, ଆମ ଭଉଣୀକୁ ସୁସ୍ଥ କରନ୍ତୁ। ଆମେନ୍।

ଭଉଣୀ, ଆପଣଙ୍କୁ ଆଶୀର୍ବାଦ କରନ୍ତୁ।

ପ୍ରିୟ ପରମେଶ୍ୱର, ମୁଁ ମୋ ଭାଇ ପାଇଁ ପ୍ରାର୍ଥନା କରୁଛି, ଯେତେବେଳେ ସେ ଏଠାରେ ଠିଆ ହୋଇଛନ୍ତି ଏବଂ ମୁଁ ତାଙ୍କ ଉପରେ ହାତ ରଖୁଛି, ଏବଂ ଯୀଶୁଙ୍କ ନାମରେ, ତାଙ୍କ ଆରୋଗ୍ୟତା ପାଇଁ ବିନତୀ କରୁଅଛି।

ମୋର ଭାଇ, ଆଶୀର୍ବାଦ କରନ୍ତୁ। ଠିକ୍ ଅଛି।

ସାନ ପିଲାଟିଏ?

ପ୍ରିୟ ପରମେଶ୍ୱର, ଏହି ସାନ ପିଲା ଉପରେ ହାତ ରଖି, ମୁଁ ତାର ଆରୋଗ୍ୟତା ପାଇଁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ତାକୁ ଆଶୀର୍ବାଦ କରୁଅଛି।

ଭଉଣୀ, କଅଣ ଆପଣ ବର୍ତ୍ତମାନ ବିଶ୍ୱାସ କରନ୍ତି କି? [ଭଉଣୀ କୁହନ୍ତି, "ହଁ।"—ସମ୍ପା।] କଅଣ ଆପଣ ମଧ୍ୟ ପ୍ରାର୍ଥନା କରାଇବାକୁ ଚାହୁଁଛନ୍ତି କି?

226 ପ୍ରିୟ ପରମେଶ୍ୱର, ମୁଁ ତାଙ୍କ ପାଇଁ ପ୍ରାର୍ଥନା କରୁଛି, ଯେତେବେଳେ ମୁଁ ତାଙ୍କ ଉପରେ ହାତ ରଖିଛି। ତେବେ, ଏହା ତୁମର କାର୍ଯ୍ୟଭାର ଅଟେ, ତାହା ହିଁ ଥିଲା ଯାହାକି ତୁମେ କରିବାକୁ କହିଥିଲ, "ଏହି ଚିହ୍ନଗୁଡିକ ବିଶ୍ୱାସ କରୁଥିବା ଲୋକମାନଙ୍କର ଅନୁବର୍ତ୍ତୀ ହେବ। ଯଦି

ସେମାନେ ରୋଗୀମାନଙ୍କ ଉପରେ ହାତ ରଖିବେ, ସେମାନେ ସୁସ୍ଥ ହେବେ।" ହେ ପ୍ରଭୁ, ତୁମେ ହିଁ ଏହା କହିଥିଲ। ଆମେନ୍।

ତେବେ, ସେ ହିଁ ଏହା କହିଥିଲେ, କଅଣ ନୁହେଁ କି? ତାହା ସେହିପରି ହିଁ ହେବାକୁ ଅଛି, ଭଉଣୀ।

ପ୍ରିୟ ପରମେଶ୍ୱର, ମୁଁ ପ୍ରାର୍ଥନା କରେ ଯେ ତୁମେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଆମ ଭଉଣୀକୁ ସୁସ୍ଥ କରିବ ଏବଂ ଭଲ କରିବ। ଆମେନ୍। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭଉଣୀ।

ଭଉଣୀ, କଅଣ ଆପଣ ବିଶ୍ୱାସ କରି ଆସିଛନ୍ତି କି?

227 ପ୍ରିୟ ସ୍ୱର୍ଗସ୍ଥ ପିତା, ମୁଁ ଆମ ଭଉଣୀ ଉପରେ ତୁମର ଆଶୀର୍ବାଦକୁ ମାଗୁଅଛି, କେବଳ ତାହାର ଆଜ୍ଞା ପାଳନ କରୁଅଛି ଯାହା କରିବା ପାଇଁ ତୁମେ କହିଥିଲ। ତୁମେ କହିଥିଲ, "ଏହି ଚିହ୍ନଗୁଡିକ ଯେଉଁମାନେ ବିଶ୍ୱାସ କରନ୍ତି ସେମାନଙ୍କର ଅନୁବର୍ତ୍ତୀ ହେବ। ଯଦି ସେମାନେ ରୋଗୀମାନଙ୍କ ଉପରେ ହାତ ରକହିବେ," ତୁମେ କହିଥିଲ, "ସେମାନେ ସୁସ୍ଥ ହେବେ।"

228 ମୁଁ ଏଥିରେ ଏହା କହିବା ପାଇଁ, ଗୋଟିଏ କ୍ଷଣ ଏଠାରେ ଅଟକି ଯାଇପାରେ, ଯେପରିକି ଲୋକମାନଙ୍କୁ କେବଳ ଅଳ୍ପ କିଛି କ୍ଷଣ, କେବଳ ବିଶ୍ରାମ କରିବାକୁ ଦିଆଯାଏ। ଜଣେ ସମାଲୋଚକ ଥରେ, ମୋତେ କହିଲେ, ଯେ ତାହା ସେହିପରି ନୁହେଁ। ମାତ୍ର, ଆପଣ ଦେଖନ୍ତୁ, ସେ କହିଲେ, "ଏହି ଚିହ୍ନଗୁଡିକ ଅନୁବର୍ତ୍ତୀ ହେବ।"

229 ଆପଣ *ମୋକଦ୍ଦମା* ଉପରେ ମୋର ବାର୍ତ୍ତା ଶୁଣିଛନ୍ତି, ଯୀଶୁଙ୍କୁ ମୋକଦ୍ଦମାରେ ପକାଇବା। ଦେଖନ୍ତୁ, ସେ ନୋହଙ୍କୁ କହିଥିଲେ, "ଏହା ବର୍ଷା ହେବାକୁ ଯାଉଅଛି।" ଏହା ଶହେ କୋଡ଼ିଏ ବର୍ଷ ପର୍ଯ୍ୟନ୍ତ କେବେବି ବର୍ଷା ହେଲା ନାହିଁ, ମାତ୍ର ଏହା ଯେକୌଣସି ପ୍ରକାରେ ବି ବର୍ଷା ହୋଇଥିଲା। ସେ ଅବ୍ରହାମଙ୍କୁ କହିଥିଲେ ଯେ ତାଙ୍କର ସାରାଙ୍କ ଦ୍ୱାରା ଏକ ପୁତ୍ର ହେବ। ଏହା ପଚି-ଶ ବର୍ଷ ପରେ ହୋଇଥିଲା। ସେ କେବେବି କହି ନ ଥିଲେ ଯେ ତାହା କେବେ ହେବ। ସେ କହିଥିଲେ ଯେ ସେମାନଙ୍କର ପୁଅ ହେବ। ପଚି-ଶ ବର୍ଷ ପରେ, ଏହା ଘଟିଥିଲା। ଦେଖନ୍ତୁ, ସେ କହି ନ ଥିଲେ ଯେ କେବେ ହେବ।

230 ସେ କହିଥିଲେ, "ବିଶ୍ୱାସର ପ୍ରାର୍ଥନା ରୋଗୀମାନଙ୍କୁ ଉଦ୍ଧାର କରିବ। ପରମେଶ୍ୱର ସେମାନଙ୍କୁ ଉତ୍ଥିତ କରାଇବେ। ଯଦି ସେମାନେ ରୋଗୀମାନଙ୍କ ଉପରେ ହାତ ରଖିବେ, ସେମାନେ ସୁସ୍ଥ ହେବେ।" କଅଣ ଏହାହିଁ ତାହା ଯାହାକି ସେ କହିଥିଲେ? ସେ ଏହା କହି ନ ଥିଲେ ଯେ ସେମାନେ ଠିକ ସେତେବେଳେ ହିଁ ଡେଇଁ ପଡିବେ ଏବଂ ତାହା କରିବେ। ସେ କହିଥିଲେ, "ସେମାନେ ସୁସ୍ଥ ହେବେ।" ଦେଖନ୍ତୁ, ତାହା ହେଉଛି ତାହାଙ୍କର ପ୍ରତିଜ୍ଞା। ତାହା ହିଁ ଅଟେ ଯାହାକି ଆମେମାନେ ବିଶ୍ୱାସ କରୁ।

ଭଉଣୀ, ଆସନ୍ତୁ। କଅଣ ଆପଣ ତାହା ସତ ବୋଲି ବିଶ୍ୱାସ କରନ୍ତି କି? [ଭଉଣୀ କୁହନ୍ତି, "ହଁ, ମୁଁ କରେ।"—ସମ୍ପା।] ତାହାହେଲେ ଆପଣଙ୍କୁ ସୁସ୍ଥ ହେବା ବିଷୟଠାରୁ ବଞ୍ଚିତ କରିବା

ପାଇଁ କୌଣସି ଉପାୟ ନାହିଁ।

ମୁଁ ଭଉଣୀ ଉପରେ, ତାଙ୍କର ସୁସ୍ଥତା ପାଇଁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୋର ହାତକୁ ରଖୁଛି। ଆମେନ୍।

ଭଉଣୀ, କଅଣ ଆପଣ ବିଶ୍ଵାସ କରନ୍ତି କି? [ଭଉଣୀ କୁହନ୍ତି, "ହଁ।"—ସମ୍ପା।] ସମସ୍ତ ପାପ ସ୍ଵୀକାର କରାଯାଇଛି, ଏବଂ ପ୍ରସ୍ତୁତ ଅଟନ୍ତି କି?

ପ୍ରିୟ ପରମେଶ୍ଵର, ମୁଁ ତୁମର ଆଦେଶର ଆଜ୍ଞାବହତାରେ, ଭଉଣୀ ଉପରେ ମୋର ହାତକୁ ରଖୁଅଛି, ଏବଂ ଯୀଶୁଙ୍କ ନାମରେ, ତାଙ୍କ ଆରୋଗ୍ୟତା ପାଇଁ ବିନତୀ କରୁଅଛି। ଆମେନ୍।

231 ମୁଁ ଚାହେଁ ଯେ ଆପଣମାନେ ଯାହାଙ୍କ ପାଇଁ ପ୍ରାର୍ଥନା କରାଯାଉଛି, ମୁଁ ଚାହେଁ ଯେ ଆପଣ ମୋ ପ୍ରତି ଏକ ଅନୁଗ୍ରହ କରନ୍ତୁ। ମୁଁ ଚାହେଁ ଯେ ଆପଣମାନେ ଖବର ଦିଅନ୍ତୁ, ଏହା ପୂର୍ବେକି ଏହି ସଭାଗୁଡ଼ିକ ସମାପ୍ତ ହୁଏ, କଅଣ ଘଟିତ ହେଲା; ଏବଂ ଠିକ ସେହି ଶ୍ରୋତାବୃନ୍ଦଙ୍କୁ, ଅନ୍ୟ ଲୋକମାନଙ୍କୁ, ଏହା ଦେଖିବାକୁ ଦିଅନ୍ତୁ ଯେ ପ୍ରକୃତରେ କଅଣ ଘଟିତ ହେଲା। ବୋଧହୁଏ ଆସନ୍ତାକାଲି, ପରଦିନ, କିମ୍ବା କେବେ, ଆପଣମାନେ କେବଳ ଲକ୍ଷ୍ୟ କରନ୍ତୁ ଯେ କଅଣ ଘଟିତ ହୁଏ।

232 ମୋର ଚିଠି ବାକ୍ସ ଏହା ଦର୍ଶାଇଛି ଯେ ଏହା—ଏହା ସେମାନଙ୍କୁ କେବଳ ଚେଷ୍ଟା କରିବାକୁ ଦେବାଠାରୁ, ସେମାନଙ୍କର ବିଶ୍ଵାସକୁ ପରୀକ୍ଷା କରିବାଠାରୁ କେତେ ଭିନ୍ନ ଅଟେ। କାରଣ, ଯୀଶୁ କହିଥିଲେ, "ସେମାନେ ସେମାନଙ୍କ ଉପରେ ହାତ ରଖିବେ। ସେମାନେ ସେମାନଙ୍କ ଉପରେ ହାତ ରଖିବେ, ସେମାନେ ସୁସ୍ଥ ହେବେ।" ତେବେ ବୁଝନ୍ତୁ ଯେ ସେ କଅଣ କହିଥିଲେ। ସେ ଏହା କହି ନ ଥିଲେ ଯେ ସେମାନେ ଉପରକୁ ଡ଼େଇଁ ପଡିବେ ଏବଂ ଚଟାଣରେ ଉପର-ଓ-ତଳକୁ ଦୌଡିବେ। ସେମାନେ ତାହା କରିପାରନ୍ତି। ମାତ୍ର ସେ କହିଲେ, "ସେମାନେ ସୁସ୍ଥ ହେବେ।" କଅଣ ଏହାହିଁ ଅଟେ ଯାହାକି ସେ କହିଥିଲେ? ତାହାହିଁ ଅଟେ ଯାହାକି ସେ କହିଥିଲେ। ତାହାହିଁ ଅଟେ ଯାହାକି ମୁଁ ବିଶ୍ଵାସ କରେ। ଏବଂ ବର୍ତ୍ତମାନ ସେ ଏଠାରେ ଅଛନ୍ତି, ସେହି ଜଣକା ଯିଏକି କହିଛନ୍ତି ଯେ ତାହାକୁ ଏହିପରି ଭାବରେ କରିବା ପାଇଁ ବାକ୍ୟ ଏଠାରେ ରହିଅଛି।

କଅଣ ଆପଣ ବିଶ୍ଵାସ କରନ୍ତି, ମହାଶୟ? [ଭାଇ କୁହନ୍ତି, "ଆମେନ୍।"—ସମ୍ପା।]

ପ୍ରିୟ ସ୍ଵର୍ଗସ୍ଥ ପିତା, ତାଙ୍କ ବିଶ୍ଵାସ ଏବଂ ପ୍ରତ୍ୟୟ କରିବାର ସ୍ଵୀକାରୋକ୍ତି ଉପରେ, ମୁଁ ତାଙ୍କ ଆରୋଗ୍ୟ ପାଇଁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ତାଙ୍କ ଉପରେ ମୋର ହାତକୁ ରଖୁଅଛି।

ପ୍ରିୟ ପରମେଶ୍ଵର, ମୁଁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଏହି ସ୍ତ୍ରୀଲୋକ ଉପରେ, ତାଙ୍କର ସୁସ୍ଥତା ପାଇଁ ମୋର ହାତକୁ ରଖୁଅଛି। ଠିକ୍ ଅଛି।

ପ୍ରିୟ ପିତା, ମୁଁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଏହି ସ୍ତ୍ରୀଲୋକ ଉପରେ, ତାଙ୍କର ସୁସ୍ଥତା ପାଇଁ ମୋର ହାତକୁ ରଖୁଅଛି । ତୁମେ କହିଛ, "ସେ ସୁସ୍ଥ ହେବେ ।"

ଆରୋଗ୍ୟତା ପାଇଁ ପ୍ରସ୍ତୁତ କି, ଭଉଣୀ?

ପ୍ରିୟ ପରମେଶ୍ୱର, ମୁଁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ତାଙ୍କ ଉପରେ ମୋର ହାତକୁ ରଖୁଅଛି, ଯେପରି ତୁମେ ତାଙ୍କୁ ସୁସ୍ଥ କରିବ ।

ଠିକ ଅଛି, ଭଉଣୀ, ପ୍ରିୟ, ଆରୋଗ୍ୟତା ପାଇଁ ସବୁକିଛି ପ୍ରସ୍ତୁତ କି? ଆପଣଙ୍କର ବିଶ୍ୱାସ ବର୍ତ୍ତମାନ ପୂରଣ ହୋଇଅଛି, କଅଣ ଆପଣ ବିଶ୍ୱାସ କରନ୍ତି ଯେ ଆପଣ ଭଲ ହେବାକୁ ଯାଉଛନ୍ତି?

233 ଏବଂ, ହେ ପରମେଶ୍ୱର, ମୁଁ ତୁମର ଆଦେଶର ଆଜ୍ଞାବହତାରେ, ତାଙ୍କ ଉପରେ ହାତ ରଖୁଅଛି, "ସମସ୍ତ ଜଗତକୁ, ପ୍ରତ୍ୟେକ ପ୍ରାଣୀକୁ ।" ତାଙ୍କ ଆରୋଗ୍ୟତା ପାଇଁ, ମୁଁ ଯୀଶୁଙ୍କ ନାମରେ, ତାଙ୍କ ଉପରେ ହାତକୁ ରଖୁଅଛି ।

ପ୍ରିୟ ପରମେଶ୍ୱର, ମୁଁ ମୋ ଭାଇ ଉପରେ, ତାଙ୍କ ଆରୋଗ୍ୟତା ପାଇଁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ମୋର ହାତକୁ ରଖୁଛି ।

ପ୍ରିୟ ପରମେଶ୍ୱର, ମୁଁ ମୋ ଭଉଣୀ ଉପରେ, ତାଙ୍କ ଆରୋଗ୍ୟତା ପାଇଁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ମୋର ହାତକୁ ରଖୁଅଛି ।

[ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।]...ଗଳି ପଥ ଦେଇ ଯାଆନ୍ତୁ । ମୁଁ ଠିକ ଆପଣଙ୍କୁ କ୍ଳାନ୍ତ କରିବାକୁ ଚାହୁଁ ନ ଥିଲି । ଯଦି ଆପଣ ବର୍ତ୍ତମାନ ବିଶ୍ୱାସ କରିବେ ତେବେ ଆପଣ ଠିକ୍ ହୋଇଯିବେ ।

ପ୍ରିୟ ପରମେଶ୍ୱର, ମୁଁ ପ୍ରାର୍ଥନା କରୁଛି ଯେ ତୁମେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୋ ଭଉଣୀକୁ ସୁସ୍ଥ କରିବ । ଆମେନ୍ ।

[ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।]...ମୋତେ ଏହି ଲୋକମାନଙ୍କ ପାଇଁ ପ୍ରାର୍ଥନା କରିବାରେ ସାହାଯ୍ୟ କରିବା ହେତୁ ।

234 ତେବେ ଆମ ପାଖରେ ଏଠାରେ କିଛି ରୁମାଲଗୁଡିକ, ଏବଂ ପ୍ରଭୃତି ସବୁ, ଏଠାରେ, ପ୍ରାର୍ଥନା କରା ଯିବା ହେତୁ ଅଛି । ଏବଂ ମୁଁ ଚାହେଁ ଯେ ଆପଣ ବର୍ତ୍ତମାନ ମୋ ସହିତ ପ୍ରାର୍ଥନା ଜାରି ରଖନ୍ତୁ, ତେବେ, ଏହି ଛୋଟ ପାର୍ସଲଗୁଡିକ, ବର୍ତ୍ତମାନ । ମୁଁ ଜାଣେ ଯେ ଏହା ଲୋକମାନଙ୍କ ପାଇଁ ଟିକେ ବିଚିତ୍ର ଲାଗେ ଯେ ଏହିପରି ଛୋଟ ଛୋଟ ଜିନିଷଗୁଡିକ ଉପରେ ପ୍ରାର୍ଥନା କରିବା । ମାତ୍ର ଯଦି ଆପଣ କେବଳ ଥରେ, ମୋର କାର୍ଯ୍ୟାଳୟକୁ ଆସିପାରନତେ, ଏବଂ କେବଳ ଦେଖିପାରନ୍ତେ। ଯଦି ଆମେମାନେ ଏହି ବର୍ଷଗୁଡିକରେ ସାକ୍ଷ୍ୟସବୁ ରଖିଥାଆନ୍ତୁ, ତେବେ ମୁଁ ଭାବୁଛି ଆପଣ ସେଗୁଡ଼ିକୁ ସବୁ ଏଠାରେ ଏହି ପ୍ରଚାରମଞ୍ଚ ଉପରେ ଗଦା ସୁଦ୍ଧା କରିପାରନ୍ତେ ନାହିଁ, ଯେଉଁମାନେକି ସମଗ୍ର ଓ ସାରା ବିଶ୍ୱରେ, ଏହିପରି ଭାବରେ

କେବଳ ପ୍ରାର୍ଥନା କପଡାଗୁଡିକ ପଠାଯାଇ ସୁସ୍ଥ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ଲକ୍ଷ ଲକ୍ଷ ଲୋକମାନେ ଅଛନ୍ତି । ତେବେ, କଅଣ ଆପଣମାନେ ଜାଣନ୍ତି ଯେ ଏହା କଅଣ—ଏହା କଅଣ ଅଟେ?

କେହି ଜଣେ ସେହି—ସେହି ଯୁବା ଲୋକ ପାଇଁ ସେହି ରୁମାଲକୁ ନେଇଯାଆନ୍ତୁ… ଆପଣ ନିଜର ରୁମାଲକୁ ଜାଣିବେ, ଭାଇ, କଅଣ ଆପଣ ଜାଣିବେ କି? ଠିକ୍ ଅଛି ।

235 ଏବଂ ମୁଁ ସାନ ସାନ, ଅପଙ୍ଗ ପିଲାମାନଙ୍କୁ ସୁସ୍ଥ ହୋଇଥିବାର ଦେଖିଅଛି । ଏବଂ ଆପଣ ଦେଖନ୍ତୁ, ଏହା କଅଣ ଅଟେ, ଏହା କେବଳ ଯୋଗାଯୋଗର ଏକ ବିନ୍ଦୁ ଅଟେ, ଯେପରିକି ଓରାଲ୍ ରୋବର୍ଟସ୍ କୁହନ୍ତି । ଏହା କେବଳ ଯୋଗାଯୋଗର ଏକ ବିନ୍ଦୁ ଅଟେ । ଆମେମାନେ ପ୍ରାର୍ଥନା କରୁ । ତେବେ, ଆମେ ଏହା ନିଜେ କରୁନାହୁଁ, ଆମେ ଏହା ଏଇଥି ପାଇଁ କରୁ କାରଣ ବାଇବଲ ଆମକୁ ଏହା କରିବାକୁ ନିର୍ଦ୍ଦେଶ ଦେଇଥାଏ । ଆମେମାନେ ସମସ୍ତେ ଏହା ଜାଣୁ ଯେ ତାହା ସତ ଅଟେ ।

236 ତେବେ, ସେଠାରେ ଅନେକ ଲୋକମାନେ ଅଛନ୍ତି ଯେ ସେମାନେ ରୁମାଲଗୁଡିକୁ, ଏବଂ ପ୍ରଭୃତି ସବୁକୁ ଅଭିଷେକ କରନ୍ତି । ତେବେ, ବର୍ତ୍ତମାନ, ଆମେମାନେ ଭାବୁ ଯେ ତାହାସବୁ ଠିକ୍ ଅଟେ, ନିଶ୍ଚିତରେ, ମାତ୍ର ଯଦି ଆମେମାନେ କେବଳ…ବାଇବଲ ଏହା କୁହେ ନାହିଁ ଯେ ସେମାନେ ରୁମାଲଗୁଡିକୁ "ଅଭିଷେକ" କରିଥିଲେ ।

237 "ମାତ୍ର ସେମାନେ ପାଉଲଙ୍କ ଦେହରୁ ରୁମାଲଗୁଡିକୁ ନେଇଥିଲେ ।" ତେବେ ଦେଖନ୍ତୁ ଯେ ମୁଁ କାହା ବିଷୟରେ କହୁଥିଲି? ତେବେ, ସେମାନେ ଯାହା ଦେଖିଥିଲେ, ତାହା ହେଉଛି ପାଉଲଙ୍କଠାରେ ଥିବା ସେହି ସଂଜୀବିତ ଶକ୍ତିକୁ, ଯାହା ଦ୍ୱାରା ସେମାନେ ଜାଣିଥିଲେ ଯେ ସେ ପରମେଶ୍ୱରଙ୍କ ସେବକ ଥିଲେ । ସେମାନେ ଜାଣିଥିଲେ ଯେ ପରମେଶ୍ୱର ତାଙ୍କଠାରେ ଅଛନ୍ତି । ସେମାନେ ଜାଣିଥିଲେ ଯେ ସେ ଯାହାକିଛି ସ୍ପର୍ଶ କରନ୍ତି ତାହା ଆଶୀର୍ବାଦ ପ୍ରାପ୍ତ ହେଉଥିଲା । କେତେ ଲୋକ ତାହା ବୁଝନ୍ତି? କୁହନ୍ତୁ, "ଆମେନ୍ ।" [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା ।]

238 ଆପଣ ଜାଣନ୍ତି, ମୁଁ ଭାବୁଛି ଯେ ପାଉଲ ଯାହାସବୁ କରିଥିଲେ ସେଥିରେ ସେ ଶାସ୍ତ୍ରସଙ୍ଗତ ଥିଲେ । କଅଣ ଆପଣ ସେହିପରି ଭାବୁନାହାଁନ୍ତି କି? ଆପଣ ମୋତେ କହିବାକୁ ଚାହୁଁଛନ୍ତି ଯେ ଏହା କରିବାର ସେହି ଧାରଣାଟି ସେ କେଉଁଠାରୁ ପାଇଲେ ବୋଲି ମୁଁ ଭାବୁଅଛି? [କେହି ଜଣେ କୁହନ୍ତି, "ଇଲୀଶାୟଙ୍କଠାରୁ ।"—ସମ୍ପା ।] ଇଲୀଶାୟଙ୍କଠାରୁ, ଠିକ୍ ଅଟେ । ଦେଖନ୍ତୁ, ଏଲିୟ କହିଥିଲେ, "ଏହି ଯଷ୍ଟିକୁ ନିଅ ଏବଂ ଏହାକୁ ସେହି ଶିଶୁ ଉପରେ ରଖି ଦିଅ ।" ଏବଂ ଭବିଷ୍ୟଦ୍‌ବକ୍ତା ସେହି ଯଷ୍ଟିକୁ ପଠାଇଲେ କାରଣ ସେ ଜାଣିଥିଲେ ଯେ ସେ ଯାହା ସ୍ପର୍ଶ କରନ୍ତି ତାହା ଆଶୀର୍ବାଦ ପ୍ରାପ୍ତ ହୋଇଥାଏ । ସେ ତାଙ୍କର ସ୍ଥିତିକୁ ଜାଣିଥିଲେ । ସେ…ଯଦି ସେ କେବଳ ସେହି ସ୍ତ୍ରୀଲୋକଙ୍କୁ ସେହି ସମାନ କଥାକୁ ବିଶ୍ୱାସ କରାଇପାରନ୍ତେ ।

ତେବେ ଦେଖନ୍ତୁ, ବର୍ତ୍ତମାନ, ଏପରିକି ବାଇବଲ କେବେବି ଏହା କହି ନ ଥିଲା,

"ସେମାନେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବେ।" ଏହା କୁହେ, "ସେମାନେ ରୋଗୀମାନଙ୍କ ଉପରେ ହାତ ରଖିବେ।"

239 ତେବେ କେବଳ ଚିନ୍ତା କରନ୍ତୁ, ଲୋକମାନେ, ପ୍ରେରିତ ପିତରଙ୍କଠାରେ, ଏହି ବ୍ୟକ୍ତିଙ୍କଠାରେ ପରମେଶ୍ୱରଙ୍କ ଉପସ୍ଥିତିକୁ, ଏତେ ଅଧିକ ଭାବରେ ପ୍ରକଟିତ ହେବାର ଦେଖିଥିଲେ ଯେ ଏପରିକି ସେମାନେ—ସେମାନେ ଲୋକମାନଙ୍କୁ ତାଙ୍କ ଛାଇରେ ରଖି ଦେଉଥିଲେ, ଏବଂ ସେମାନେ ସୁସ୍ଥ ହୋଇଥିଲେ। କେତେ ଜଣ ଜାଣନ୍ତି ଯେ ତାହା ଶାସ୍ତ୍ରସଙ୍ଗତ ଅଟେ? ତାହା ସେତିକି ଶାସ୍ତ୍ରସଙ୍ଗତ ଅଟେ ଯେତିକି ଯୋହନ 3:16 ଅଟେ। ଦେଖନ୍ତୁ, ଏହା ସବୁ ପରମେଶ୍ୱରଙ୍କ ବାକ୍ୟ ଅଟେ। ତେବେ, ସେହି ଲୋକମାନେ, ଆପଣମାନେ ଜାଣନ୍ତି ଯେ ସେହି ବ୍ୟକ୍ତିର ଛାଇ ଲୋକମାନଙ୍କୁ ସୁସ୍ଥ କରି ନ ଥିଲା।

240 ମାତ୍ର, ଦେଖନ୍ତୁ, ଯଦି ପରମେଶ୍ୱରଙ୍କ ଶକ୍ତି ସେହି ଭବିଷ୍ୟଦ୍‌ବକ୍ତାଙ୍କ ଉପରେ ଥିଲା, ତାଙ୍କ ମୃତ୍ୟୁର ଅନେକ ଅନେକ ବର୍ଷ ପରେ ମଧ୍ୟ, ଏତେ ଅଧିକ ଭାବରେ ଯେ ଜଣେ ମୃତ ବ୍ୟକ୍ତିକୁ ତାଙ୍କ ଶରୀର, ତାଙ୍କ ଅସ୍ଥି ଉପରେ ନିକ୍ଷେପ କରାଗଲା। ଏପରିକି ସେହି ଶରୀର ସୁଦ୍ଧା ସେଠାରେ ନ ଥିଲା; ସେଠାରେ ସେହି ଅସ୍ଥିଗୁଡ଼ିକ ଥିଲା। ଏବଂ ପରମେଶ୍ୱରଙ୍କ ଉପସ୍ଥିତି ସେହି ଅସ୍ଥି ଉପରେ ଏତେ ଥିଲା ଯେ, ଏପରିକି ସେହି ମୃତ ବ୍ୟକ୍ତିଟି ଜୀବିତ ହୋଇଗଲା।

241 ତେବେ କଅଣ ଆପଣମାନେ ଜାଣନ୍ତି ନାହିଁ ଯେ ସେହି ସମାନ ପରମେଶ୍ୱର ଯିଏ କି ସେହି ସବୁ କାର୍ଯ୍ୟ ସାଧନ କରିଥିଲେ ଆଜି ରାତିରେ ଏଠାରେ ଅଛନ୍ତି? ମୋ ପାଇଁ—ପାଇଁ ତ, ମୁଁ ଭାବୁଛି ଯେ ଆମେ ଦୁନିଆର ସବୁଠାରୁ ଅତ୍ୟଧିକ ଆନନ୍ଦିତ ଲୋକ ହେବା ଉଚିତ୍। କେବଳ ଏହା ବିଷୟରେ ଚିନ୍ତା କରନ୍ତୁ।

242 ମୁଁ—ମୁଁ ଆଶା କରେ ଯେ ମୁଁ ମୋର ଶ୍ରୋୟତାବୃନ୍ଦଙ୍କୁ ଏହା ବିଶ୍ୱାସ କରିବା ହେତୁ ପ୍ରଭାବିତ କରି ନାହିଁ ଯେ ଏହା ଏପରି କିଛି ବିଷୟ ଅଟେ ଯାହାକି ମୁଁ ନିଜେ କରିଥାଏ। ଆପଣ—ଆପଣ ଏହାଠାରୁ ଅଧିକ ଉତ୍ତମ ଭାବେ ଜାଣନ୍ତି। ମୁଁ, ମୁଁ ଆପଣଙ୍କର ଭାଇ ଅଟେ, ଦେଖନ୍ତୁ, ଏବଂ ମୁଁ କେବଳ ଆପଣଙ୍କର ଭାଇ ଅଟେ।

243 ମାତ୍ର ମୁଁ ଜାଣେ, ମୁଁ ଏହା ଜାଣେ, ଯେ ପରମେଶ୍ୱର ଏଠାରେ ଅଛନ୍ତି। ଏବଂ ମୁଁ ଜାଣେ ଯେ ସେ ଆମକୁ କିଛି ଗୋଟାଏ ବିଷୟ ଦେଇଛନ୍ତି, ଯେ ଆମେ ଏହାକୁ ବ୍ୟାଖ୍ୟା କରିପାରିବା ନାହିଁ, କେବଳ ପରମେଶ୍ୱରଙ୍କ ବାକ୍ୟ ଦ୍ୱାରା, ଏହା ଦାବି କରୁ ଯେ ଏହି ସମୟରେ ତାହା ଏଠାରେ ରହିବା ଉଚିତ। ତେଣୁ, ଏହା ଆମକୁ ଏହା ମଧ୍ୟ ଜାଣିବା ହେତୁ ପରିଚୟ ପ୍ରଦାନ କରେ ଯେ ଆମେମାନେ ଶେଷ ଦିନରେ ବାସ କରୁଅଛୁ। ଏହା ଜାଣିବା ପାଇଁ ଆମକୁ ପରିଚୟ ପ୍ରଦାନ କରେ ଯେ ଏହି ଲୋକମାନେ, ଏହି ମନୋନୀତ, ନିର୍ବାଚିତ, ଆହ୍ୱାନ-ପ୍ରାପ୍ତ, ପୂର୍ବନିରୂପିତ ଲୋକମାନେ...

244 ତେବେ, ଏହା ଏକ ବଡ ଶବ୍ଦ ଅଟେ, *ପୂର୍ବନିରୂପିତ,* ମାତ୍ର ଆମେମାନେ ସମସ୍ତେ ଜାଣୁ ଯେ ଏହା ସତ୍ୟ ଅଟେ। ଆମେମାନେ ସଂପୂର୍ଣ୍ଣ ଭାବରେ ଜାଣୁ ଯେ ଅସୀମ ପରମେଶ୍ୱର

ଜଗତର ପତ୍ତନାବଧି ପୂର୍ବେ ସମସ୍ତ କିଛି ବିଷୟକୁ ପୂର୍ବଜ୍ଞାନ ଦ୍ୱାରା ପୂର୍ବନିରୂପିତ କରିଥିଲେ, ଏପରିକି ମେଷଶାବକ ମଧ୍ୟ ହତ କରାଯାଇଥିଲେ; ଏବଂ ପ୍ରତ୍ୟେକ ନାମ ଯାହାକି କେବେ ପୁସ୍ତକରେ ରହିଥାଆନ୍ତା, ତାହା ପୁସ୍ତକ ଲେଖାଯିବା ପୂର୍ବରୁ ସେହି ପୁସ୍ତକରେ ରଖାଯାଇଥିଲା । ତେବେ କେତେଜଣ ଜାଣନ୍ତି ଯେ ଏହା ସତ ଅଟେ?

245 ଏବଂ ଯୀଶୁ ସେମାନଙ୍କୁ ମୁକ୍ତ କରିବାକୁ—କୁ ଆସିଥିଲେ ଯେଉଁମାନଙ୍କର ନାମ ସେହି ପୁସ୍ତକରେ ରହିଥିଲା । ବାଇବଲରେ, ମେଷଶାବକ ପରଦା ପଛରୁ ଆସି, ସେହି ପୁସ୍ତକଟିକୁ ନେଲେ ଏବଂ ତାହାର ମୁଦ୍ରାଗୁଡିକୁ ଫିଟାଇଲେ ଯେଉଁଥିରେକି ତାହା ମୁଦ୍ରାଙ୍କିତ ହୋଇଥିଲା, କାରଣ ସେ ମୁକ୍ତ କରିଥିବା ସମସ୍ତକିଛି ବିଷୟକୁ ଦାବି କରିବା ପାଇଁ ଆସିଥିଲେ । ସେ ବର୍ତ୍ତମାନ ମଧ୍ୟସ୍ଥ ଅଟନ୍ତି, ଏପରି ଜଣେ ମଧ୍ୟସ୍ଥ ଯିଏକି ସେମାନଙ୍କ ପାଇଁ ମଧ୍ୟସ୍ଥି କାର୍ଯ୍ୟ କରୁଛନ୍ତି ଯାହାକୁ ସେ ମୁକ୍ତ କରିଅଛନ୍ତି । ସେମାନେ ସମସ୍ତେ ଯାହାଙ୍କର ନାମ ମେଷଶାବକଙ୍କ ଜୀବନ ପୁସ୍ତକରେ ଲେଖାଯାଇଥିଲା, ମୁକ୍ତ କରାଗଲେ ।

246 ଯେପରିକି ମୁଁ ଅନ୍ୟ ରାତିରେ ଏକ ଅଶୋଧିତ ଛୋଟ ବିବୃତ୍ତି ଦେଇଥିଲି…ମୁଁ ଅପେକ୍ଷା କରୁଅଛି…ଏହି ସମସ୍ତ ରୁମାଲଗୁଡିକ ପାଇଁ ଏଠାରେ । ମୁଁ କେବଳ ପୁନର୍ବାର ପ୍ରଚାର କରିବାକୁ ଚେଷ୍ଟା କରୁନାହିଁ, ମାତ୍ର ମୁଁ କହିଲି ଯେ ସେଠାରେ ଗୋଟିଏ ଛୋଟ ବିବୃତ୍ତି ଥିଲା…ମୁଁ ଆଶା କରେ ଯେ ତାହା ଶ୍ରଦ୍ଧାହୀନ ପରି ଶୁଭାଯାଏ ନାହିଁ, ଦେଖନ୍ତୁ । ମାତ୍ର ସେହି କୃଷକ ପରି ଯିଏକି ସେହି କୁକୁଡ଼ାକୁ ରଖିଥିଲେ, ଏବଂ ପର୍ଯ୍ୟାପ୍ତ ଅଣ୍ଡା ନ ଥିବାରୁ, ସେ ଯାଇ ଗୋଟିଏ ଉତ୍କ୍ରୋଶ ପକ୍ଷୀର ଅଣ୍ଡାକୁ ନେଲେ, ଏବଂ ସେ ଏହାକୁ କୁକୁଡ଼ା ତଳେ ରଖିଦେଲେ ଏବଂ ସେହି କୁକୁଡ଼ା ଏକ ଉତ୍କ୍ରୋଶ ପକ୍ଷୀକୁ ଫୁଟାଇ ବାହାର କଲା । ଏବଂ ସମସ୍ତ କୁକୁଡ଼ାମାନଙ୍କ ମଧ୍ୟରେ ସେ ଜଣେ ବିଚିତ୍ର ପ୍ରାଣୀ ଥିଲା, କାରଣ ସେମାନେ ବିଷୟଗୁଡିକୁ ଏକାପରି ଦେଖୁ ନ ଥିଲେ । ମାତ୍ର ତାହାହିଁ ସବୁକିଛି ଯାହାକି ସେହି ଉତ୍କ୍ରୋଶ ଛୁଆ କେବେ ଦେଖିଥିଲା, ତାହା ହେଉଛି କୁକୁଡ଼ା । ସେ କେବଳ ଗୋଟିଏ ସ୍ୱର ଶୁଣିଥିଲା, ଏହା ତାର ସ୍ୱର ପରି ଶୁଭା ଯାଉ ନ ଥିଲା । ଆଉ ନା ତ ସେ କୁକୁଡ଼ା କିମ୍ବା କୁକୁଡ଼ା ଚିଆଁ ପରି ସ୍ୱର କରି ପାରୁଥିଲା । ସେ ସେମାନଙ୍କର ଖାଦ୍ୟ ପଦାର୍ଥକୁ ପ୍ରଶଂସା କରୁ ନ ଥିଲା, କାରଣ ସେମାନେ ଖଳାରୁ ଭୋଜନ କରୁଥିଲେ । ତାହା ବିଷୟରେ ତ କିଛି ଗୋଟାଏ ଭିନ୍ନ ଥିଲା, ତଥାପି ସେ ଜାଣି ନ ଥିଲା ଯେ ପାର୍ଥକ୍ୟ କଅଣ ଅଟେ ।

247 ଏବଂ ତାହାପରେ ଦିନେ, ସେଠାରେ ସେହି ମାଆ ଉତ୍କ୍ରୋଶ ପକ୍ଷୀ ଆସିଲା ଯିଏକି ଜାଣିଥିଲା ଯେ ସେ ଏତେ ଗୋଟି ଅଣ୍ଡା ଦେଇଅଛି । ଏବଂ ସେଠାରେ ସେହି ଅଣ୍ଡାଗୁଡିକ ମଧ୍ୟରୁ ଗୋଟିଏ ଅଟେ, ଯାହାକି ତାର ପୁଅ ହେବା ଉଚିତ, ତାହା ନିଖୋଜ ଥିଲା । ତେଣୁ ସେ ତାକୁ ଖୋଜିବାକୁ ଲାଗିଲା, ଏବଂ ସେ ତାକୁ ଖଳାରେ ପାଇଲା । ଏବଂ ସେ ଚିତ୍କାର କଲା । ଏବଂ ଯେତେବେଳେ ସେ ଚିତ୍କାର କଲା, ସେହି ଛୋଟ ଉତ୍କ୍ରୋଶ ପକ୍ଷୀଟି ସେହି ମାତାର ସ୍ୱରକୁ ଜାଣିପାରିଲା । ଯେପରିକି ଯୀଶୁ କହିଥିଲେ, "ମୋର ମେଷ ମୋର ସ୍ୱର ଜାଣନ୍ତି ।"

248 ମୁଁ ଭାବୁଛି, ଗତକାଲି ରାତିରେ, ଯେତେବେଳେ ମୁଁ ସେହି ବାପ୍‌ଟିଷ୍ଟ, ପ୍ରେସ୍‌ବିଟେରିଆନ୍,

ଏବଂ ଆହୁରି-ଅଧିକ ଲୋକମାନଙ୍କର ସେହି ପରିଷଦକୁ ଦେଖିଲି, ହୁଏତ ସେମାନେ ଗୋଟିଏ କୁକୁଡ଼ା ଅଧୀନରେ ପାଳିତ ହୋଇଥିବେ। ମୋତେ କ୍ଷମା କରନ୍ତୁ, ଭାଇ, ବୁଝିଲେ। ମାତ୍ର ମାତା ଜାଣିଥିଲା ଯେ ସେଠାରେ ବାହାରେ କୌଣସିଠାରେ ତାର ପ୍ରିୟଜନମାନେ ଅଛନ୍ତି। ତେଣୁକରି ସେହି ବ୍ୟକ୍ତିମାନେ ସେଠାରେ ଠିଆ ହୋଇ, ଏଥିରେ କୌଣସି ବିବାଦ ନ କରି ଯେଉଁ ଭୋଜନ ସେମାନେ ମାଆ କୁକୁଡ଼ାଠାରୁ ପାଇଥିଲେ, ଏବଂ ପ୍ରଭୃତି ସବୁ, ମାତ୍ର ବର୍ତ୍ତମାନ ସେମାନେ ଉତ୍କ୍ରୋଶ ପକ୍ଷୀ ଅଟନ୍ତି, ଆପଣ ଦେଖନ୍ତୁ, ସେମାନେ ତ ସେମାନଙ୍କର ଭୋଜନ ପାଇଁ ଉଡ଼ନ୍ତି। ବୁଝିଲେ?

249 ଏବଂ ମୁଁ ଭାବୁଛି ଯେ ମଣ୍ଡଳୀଟି ଏପରି ଏକ ଦୃଶ୍ୟ ପରି ଅଟେ ଯାହା ମୁଁ ଅଳ୍ପ କିଛିଦିନ ପୂର୍ବରୁ, ଟ୍ୟୁସାନ୍‌ରୁ ଆସୁଥିବା ବେଳେ ଦେଖିଥିଲି, କିମ୍ବା ଫିନିକ୍ସରୁ—ରୁ, ଟ୍ୟୁସାନ୍‌କୁ ଯାଉଥିବା ବେଳେ ଦେଖିଥିଲି। ମୁଁ ଏକ ରହସ୍ୟମୟ ଦୃଶ୍ୟ ଦେଖିଥିଲି। ଏବଂ ଏହା ଏକ ପ୍ରକାରେ ମୋ ହୃଦୟକୁ ଭାଙ୍ଗି ଦେଲା, ଏହା ଦେଖିବା ହେତୁ ଯାହା ଘଟିଥିଲା, ଯେ କିପରି…ଏକ ବାଜ ପକ୍ଷୀ, ଯାହାକି ଏକଦା ଆକାଶରେ ଉଡୁଥିଲା, ଉତ୍କ୍ରୋଶ ପକ୍ଷୀର ଏକ ଭାଇ, ଯାହାକି ମଣ୍ଡଳୀର ଏକ ପ୍ରତିରୂପ ଅଟେ।

ଏବଂ ଯିହୋବା ହେଉଛନ୍ତି ଉତ୍କ୍ରୋଶ ପକ୍ଷୀ। ସେ ତାହାଙ୍କର ଭବିଷ୍ୟଦ୍‌ବକ୍ତାମାନଙ୍କୁ "ଉତ୍କ୍ରୋଶ ପକ୍ଷୀ" ବୋଲି ଡାକନ୍ତି। ସେ ଆପଣାକୁ, ଯିହୋବା, "ଉତ୍କ୍ରୋଶ ପକ୍ଷୀ" ବୋଲି ଡାକନ୍ତି।

250 ମାତ୍ର ଏହି ବାଜ ପକ୍ଷୀଟି ବହୁ ପୂର୍ବରୁ ନିଜର ପରିଚୟକୁ ହରାଇଅଛି, କାରଣ ଏହା ଆଉ ଅଧିକ ପବନରେ ଉଡେ ନାହିଁ ଏବଂ ନିଜର ଭୋଜନକୁ ସେହିପରି ଶିକାର କରେ ନାହିଁ ଯେପରିକି ତାକୁ କରିବାର ଉଚିତ୍ ଥିଲା। ମାତ୍ର ଏହା ତ ଟେଲିଫୋନ୍ ତାରଗୁଡିକରେ ବସି ଏକ ମଡ଼ ଭୋଜନକାରୀ ଭଳି ଆଚରଣ କରିଥାଏ। ସେ—ସେ ମୃତ ଠେକୁଆଗୁଡିକୁ ଶିକାର କରେ ଯାହାକୁ କାରଗୁଡିକ ଧକ୍କା ମାରି ଦେଇଥାନ୍ତି, ଏବଂ ସେ ଓ ଶାଗୁଣାମାନେ ସେଠାକୁ ଯାଇ ଏକାଠି ଭୋଜନ କରନ୍ତି। ସେ ଯେପରି ଚାଲିବା ଉଚିତ୍ ସେପରି ନ ଚାଲି ତାହା ପରିବର୍ତ୍ତେ ଏକ ଶାଗୁଣା ପରି ଡିଆଁ ମାରିଥାଏ। ସେ ତ ନିଜର ପରିଚୟକୁ ହରାଇଅଛି।

251 ଏବଂ ମୁଁ ଏହା ସମସ୍ତ ଈଶ୍ୱରୀୟ ପ୍ରେମ ଏବଂ ଆଦର ସହିତ କହୁଅଛି, ସେହି ମଣ୍ଡଳୀଟି ବହୁ ପୂର୍ବରୁ ଜଣେ ଭଉଣୀ ଉତ୍କ୍ରୋଶ ପକ୍ଷୀ ଭାବରେ ନିଜର ପରିଚୟକୁ ହରାଇଅଛି। ସେ ଆଖପାଖରେ ବସିଥାଏ। ବାକ୍ୟର ଗଭୀରତାକୁ ଖୋଳି ଏହି ଜିନିଷଗୁଡ଼ିକ ଠିକ କି ନାହିଁ ତାହା ଖୋଜିବା ପରିବର୍ତ୍ତେ, ସେ ରବିବାର ଶ୍ରେଣୀ ଶିକ୍ଷାର ଗୁଡାଏ ସାହିତ୍ୟକୁ ଅପେକ୍ଷା କରେ ଯାହାକି କୌଣସି ସ୍ଥାନର ବୁଦ୍ଧିଜୀବୀମାନଙ୍କ ଦ୍ୱାରା ରଚନା କରାଯାଇଅଛି, କୌଣସି ମୃତ ଠେକୁଆ ଯାହାକି ଅନ୍ୟ କୌଣସିଠାରେ ହତ୍ୟା କରାଯାଇଅଛି। ଏକ ଶାଗୁଣା ପରି ଡିଆଁ ମାରେ! ପରମେଶ୍ୱର ଆମକୁ ସେଥିରୁ ଉଡ଼ି ଦୂରକୁ ଯିବାରେ ସାହାଯ୍ୟ କରନ୍ତୁ।

ଏହି ପ୍ରତିଜ୍ଞାଗୁଡ଼ିକ ସତ୍ୟ ଅଟେ। ଏହା ନୁହେଁ ଯାହାକି କେହି ଜଣେ ଏହା ବିଷୟରେ

କଅଣ କହିଅଛି, ମାତ୍ର ପରମେଶ୍ୱର ସେଗୁଡିକ ବିଷୟରେ କଅଣ କହିଛନ୍ତି! ସେଗୁଡ଼ିକ ସତ୍ୟ ଅଟେ । ମୁଁ ଉକ୍ରୋଶ ପକ୍ଷୀ ସହିତ ଜଡିତ ଥିବାରୁ ଆନନ୍ଦିତ ଅଟେ ।

ଆସନ୍ତୁ ଆମେମାନେ ଆମର ଅସୁସ୍ଥ ଲୋକମାନଙ୍କ ପାଇଁ ଏକାଠି ପ୍ରାର୍ଥନା କରିବା ।

252 ପ୍ରିୟ ସ୍ୱର୍ଗସ୍ଥ ପିତା, ବାଇବଲରେ ଏହା ଶିକ୍ଷା ଦିଆଯାଇଛି ଯେ ସେମାନେ ପାଉଲଙ୍କ ଶରୀରରୁ, ରୁମାଲ ଏବଂ ଅଙ୍ଗରଖାଗୁଡିକୁ ନେଇଥିଲେ, ଏବଂ ଲୋକମାନଙ୍କ ଠାରୁ ଭୂତମାନେ ବାହାରି ଯାଇଥିଲେ, ଏବଂ ଅଶୁଚି ଆତ୍ମାଗୁଡିକୁ ସେମାନଙ୍କୁ ଛାଡି ଚାଲିଯାଇଥିଲେ । ତେବେ, ହେ ପିତା, ମୁଁ ଏହି ରୁମାଲଗୁଡିକ ସହିତରେ ଠିଆ ହୋଇଅଛି, ତାହା ଉପସ୍ଥିତ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରତିନିଧିତ୍ୱ କରେ । ଏହା ଆମ ସମସ୍ତଙ୍କୁ ଏକାଠି ମିଶାଇ, ଖ୍ରୀଷ୍ଟଙ୍କ ଶରୀର ଅଟେ । ଆମେମାନେ ଅନୁଗ୍ରହ ଏବଂ ପ୍ରେମ ଦ୍ୱାରା, ଏହା ଦାବି କରୁଅଛୁ, ଯେ ଆମେ ଏଠାରେ ତାହାଙ୍କର କନ୍ୟାକୁ ପ୍ରତିନିଧିତ୍ୱ କରିବା ପାଇଁ ଅଛୁ, ଏବଂ ବିଶ୍ୱାସ କରି, ତାହାଙ୍କ ରାଜ୍ୟରେ ତାହାଙ୍କ ସହିତ ଜଡିତ ଅଛୁ । ଏବଂ ଆମେମାନେ ଜାଣୁ ଯେ ଆମେ ସାଧୁ ପାଉଲ ନୋହୁଁ, ମାତ୍ର ଆମେ ଜାଣୁ ଯେ ତୁମେ ଏବେ ମଧ୍ୟ ଯୀଶୁ ଅଟ ।

253 ଏବଂ ଆମେମାନେ ପ୍ରାର୍ଥନା କରୁଛୁ ଯେ ତୁମେ ଏହି ଲୋକମାନଙ୍କର ବିଶ୍ୱାସକୁ ସମ୍ମାନ କରିବ । ଯଦି ସେମାନେ ପଶ୍ଚାତ୍ ସମୟରେ ପାଉଲଙ୍କ ଦିନରେ ରହୁଥାନ୍ତେ, ତାହାହେଲେ ସେମାନେ ଏହି ସମାନ ସୁସମାଚାରକୁ ଶୁଣିଥାନ୍ତେ, ଏହି ସମାନ ଜିନିଷଗୁଡିକୁ ଦେଖିଥାନ୍ତେ । ତେଣୁକରି, ସେମାନେ ସେହି ସମାନ ପ୍ରକାରର ଲୋକ ଅଟନ୍ତି । ତୁମେ ସେହି ସମାନ ପରମେଶ୍ୱର ଅଟ । ତେଣୁ ମୁଁ ପ୍ରାର୍ଥନା କରୁଛି, ହେ ପ୍ରିୟ ପରମେଶ୍ୱର, ଯେ ତୁମେ ସେମାନଙ୍କର ବିଶ୍ୱାସକୁ ସମ୍ମାନ କରିବ, ଯେପରି ତୁମେ ବାଇବଲର ଦିନଗୁଡିକରେ ତାହା କରିଥିଲ । ଏବଂ ପ୍ରତ୍ୟେକ ଭୂତ ଶକ୍ତି, ପ୍ରତ୍ୟେକ ରୋଗ, ପ୍ରତ୍ୟେକ ଦୁଃଖ ପୀଡା, ଯାହାକି ସେହି ଲୋକମାନଙ୍କୁ ବାନ୍ଧି ରଖିଛି ଯେଉଁ ଲୋକମାନଙ୍କର ନିଦର୍ଶନ ସ୍ୱରୂପ ଏହି ରୁମାଲ ଏବଂ ପାର୍ସଲଗୁଡିକ ଏଠାରେ ଅଛି, ଏହା ହେଉ ଯେ ସେହି ରୋଗର ମନ୍ଦ ଶକ୍ତି ସେମାନଙ୍କୁ ଛାଡି ଚାଲିଯାଉ ।

254 ଏହା ଥରେ, କୁହାଯାଇଥିଲା, ଯେ ଇସ୍ରାଏଲ୍ ଏକ ପ୍ରତିଜ୍ଞାତ ଦେଶର, କର୍ତ୍ତବ୍ୟର ପଥରେ ଅଗ୍ରସର ହେଉଥିଲା । ଏବଂ ଠିକ ସେହି କର୍ତ୍ତବ୍ୟର ପଥରେ, ଶତ୍ରୁ ଆସିଲା ଓ ସେମାନଙ୍କୁ ଏକ କୋଣରେ ଘେରି ଦେଲା, ଏବଂ ସୂଫ ସାଗର ସେମାନଙ୍କୁ ସେହି କର୍ତ୍ତବ୍ୟର ପଥରୁ, ଏବଂ ସେମାନଙ୍କ ପଦଯାତ୍ରାରେ ରୁଦ୍ଧ କରିଦେଲା । ଏବଂ ପରମେଶ୍ୱର ଆକାଶରୁ ତଳକୁ, ସେହି ଅଗ୍ନି ସ୍ତମ୍ଭ ଦେଇ ଚାହିଁଲେ, ଏବଂ ସେହି ସମୁଦ୍ର ଭୟଭୀତ ହୋଇଗଲା । ଏହା ତାର ତରଙ୍ଗଗୁଡିକୁ ପଛକୁ ଘୁଞ୍ଚାଇ ନେଲା, କାରଣ ପରମେଶ୍ୱରଙ୍କ ତରଙ୍ଗମାନ ସମୁଦ୍ରର ତଳେ ରହିଥିଲା । ଏବଂ ଏହା ଆଜ୍ଞାପାଳନର ପଥରେ ଗମନ କରୁଥିବା, ତାହାଙ୍କର ସନ୍ତାନମାନଙ୍କ ପାଇଁ ବାଟ ପ୍ରଶସ୍ତ କରିଦେଲା ।

255 ତେବେ, ପରମେଶ୍ୱର, ଯଦି ସୂଫ ସାଗର ଭୟଭୀତ ହୋଇ, ନିଜର ତରଙ୍ଗଗୁଡିକୁ ପଛକୁ ଘୁଞ୍ଚାଇ ନେଲା, ତାର ଜଳକୁ ଫେରାଇ ନେଲା, ଏବଂ ଆଜ୍ଞାପାଳନ କରୁଥିବା ଏକ ଭ୍ରମଣକାରୀ

ସନ୍ତାନମାନଙ୍କୁ ସ୍ଥାନ ଦେଲା; ତାହାହେଲେ ହେ ପ୍ରିୟ ପରମେଶ୍ୱର, ଆଜି ରାତି, ତୁମର ପୁତ୍ର ଯୀଶୁଙ୍କ ରକ୍ତ ଦେଇ ତଳକୁ ଅନାଅ, ଯିଏକି ସେହି ପ୍ରତିଜ୍ଞାକୁ କରିଥିଲେ । ଏବଂ ଯେତେବେଳେ ଏହି ରୁମାଲଗୁଡିକୁ ଲୋକମାନଙ୍କର ଅସୁସ୍ଥ ଶରୀର ଉପରେ ରଖାଯାଏ, ଏହା ହେଉ ଯେ ପରମେଶ୍ୱରଙ୍କର ଚକ୍ଷୁ ଅନାଉ, ଏବଂ ସେହି ଅସୁସ୍ଥତା, ସେହି ଶୟତାନ, ଭୟଭୀତ ହୋଇ ଚାଲିଯାଉ । ଏବଂ ଲୋକମାନେ ଉତ୍ତମ ସ୍ୱାସ୍ଥ୍ୟ ଏବଂ ଶକ୍ତି ସହିତ, ପ୍ରତିଜ୍ଞାତ ଦେଶର ଯାତ୍ରାକୁ ଜାରି ରଖନ୍ତୁ । ଯେପରିକି ଇସ୍ରାଏଲ ପ୍ରାନ୍ତର ଦେଇ ଯାତ୍ରା କଲାବେଳେ, ସେଠାରେ ସେମାନଙ୍କ ମଧ୍ୟରେ ଆଉ ପାର୍ଶ୍ୱରେ ପହଞ୍ଚିଲା ବେଳକୁ, ଜଣେ ହେଲେ କେହି ଦୁର୍ବଳ ବ୍ୟକ୍ତି ନ ଥିଲେ । ତେବେ ହେ ପିତା, ତାହା ଏହି ଲୋକମାନଙ୍କୁ ପ୍ରଦାନ କରାଯାଉ, ଯେହେତୁ ଆମେ ଏହି ରୁମାଲଗୁଡ଼ିକୁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ପଠାଉଅଛୁ । ଆମେନ୍ ।

256 ପରମେଶ୍ୱର ଆପଣ ପ୍ରତ୍ୟେକ ଜଣଙ୍କୁ, ଆଶୀର୍ବାଦ କରନ୍ତୁ । ଯେତେବେଳେ ଆପଣମାନେ ବର୍ତ୍ତମାନ ନିଜର ରୁମାଲକୁ ନିଅନ୍ତି, ଆପଣ ନିଜର ସମସ୍ତ ହୃଦୟ ସହିତରେ ବିଶ୍ୱାସ କରନ୍ତୁ । କଅଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଏହା ଶୁଣନ୍ତି? ଦେଖନ୍ତୁ? ମୁଁ—ମୁଁ ଏହା କହିବାକୁ ଚାହେଁ । ତିଳେ ମାତ୍ର, ସନ୍ଦେହ କରନ୍ତୁ ନାହିଁ, ନାହିଁ । ଦେଖନ୍ତୁ, ଏହା ପ୍ରକୃତରେ ବିଚିତ୍ର ମନେ ହୋଇପାରେ । ମାତ୍ର ଗୋଟିଏ ମିନିଟ୍, ମୋତେ କ୍ଷମା କରନ୍ତୁ । ତିଳେ ମାତ୍ର, ସନ୍ଦେହ କରନ୍ତୁ ନାହିଁ । ମାତ୍ର ବର୍ତ୍ତମାନ ବିଶ୍ୱାସ କରନ୍ତୁ ଯେ, ଯାହା ଆମେମାନେ ମାଗିଅଛୁ, ପରମେଶ୍ୱର ତାହା ଦିଅନ୍ତି ।

257 କଅଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଏଠାରେ ଅଛନ୍ତି, ଆପଣଙ୍କ ହୃଦୟର ନିଗୂଢ଼ ବିଷୟସବୁ ଜାଣନ୍ତି? କଅଣ ଆପଣ ଜାଣନ୍ତି ଏବଂ ବିଶ୍ୱାସ କରନ୍ତି ଯେ ତାହା ପରମେଶ୍ୱର ଅଟନ୍ତି? ତେବେ ନିଜର ମନକୁ ବର୍ତ୍ତମାନ ସ୍ଥିର କରନ୍ତୁ, ଏହା ଆଉ ଅନ୍ୟ କିଛି ହୋଇପାରେ ନାହିଁ । ବୁଝିଲେ?

258 ତେବେ, କଅଣ ହେବ ଯଦି ସେଠାରେ ଏକ ମହାନ ଆସନ୍ତାକାଲି ହେବ, ଅନେକ ବର୍ଷେ ଆଗକୁ ଯେତେବେଳେ ଏହା ଇତିହାସ ହୋଇଯିବ । ଏବଂ ଯେତେବେଳେ ଲୋକମାନେ, ଆଗାମୀ ବର୍ଷଗୁଡିକରେ, ଯଦି ଏହା ସେହିପରି ହେବାକୁ ଥାଏ, ସେମାନେ ଆସିବେ ଓ କହିବେ, "ତେବେ, ଯଦି ମୁଁ ସେହି ସମୟରେ ରହୁଥାଆନ୍ତି, ତାହାହେଲେ ବାଳକ, ମୁଁ ତାହା ହେଉଥିବାର ଦେଖୁଥାନ୍ତି, ତାହା ହିଁ ସବୁ କିଛି ଯାହାକି ମୋତେ ଜାଣିବାକୁ ଥାଆନ୍ତା । ତେବେ ମୁଁ ଠିକ ସେହି ସମୟରେ ହିଁ ତାହା ବିଶ୍ୱାସ କରି ନେଇଥାଆନ୍ତି!" ଦେଖନ୍ତୁ, ସେହି ସମାନ ବିଷୟ ଯାହା ଆପଣ ବିଶ୍ୱାସ କରନ୍ତି, ଯଦି ଆପଣ ପଶ୍ଚାତ ସମୟରେ ରହିଥାଆନ୍ତେ ଯେତେବେଳେ ସେ ଏହାକୁ ଠିକ ସେତେବେଳେ ସାଧନ କରିଥିଲେ! ମନେରଖନ୍ତୁ, ଏହା ଏବେ ମଧ୍ୟ ସେ ହିଁ ଅଟନ୍ତି । ଏହା ତ ଆପଣଙ୍କ ଭିତରେ ତାହାଙ୍କର ଜୀବନ ଅଟେ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

65-0426 ଆପଣା ବାକ୍ୟକୁ ପ୍ରମାଣିତ କରିବା

ଏମ୍ବେସି ହୋଟଲ

ଲସ୍ ଏଞ୍ଜିଲିସ୍, କାଲିଫର୍ଣ୍ଣିଆ ୟୁ.ଏସ୍.ଏ.

ORIYA

©2025 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org

# ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ୱା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।

ଅଧିକ ସୂଚନା ନିମନ୍ତେ କିମ୍ୱା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:

Voice Of God Recordings, India Office

19 (New No: 28) Shenoy Road, Nungambakkam

Chennai 600 034, India

044 28274560 • 044 28251791

india@vgroffice.org

Voice Of God Recordings

P.O. Box 950, Jeffersonville, Indiana 47131 U.S.A.

www.branham.org